Odia Daily

www.theutkalsamachar.com

ଉତ୍କଳ ସମାଚାର

ବୈପ୍ଲବିକ ଚେତନାର ମୁଖପତ୍ର

THE UTKAL SAMACHAR

PUBLISHED FROM ROURKELA, SAMBALPUR & BHUBANESWAR

Vol - 22 Issue No:23 13 May 2026 (Wednesday) Rourkela Rs.2.00 Page -1 ୨୨ ବର୍ଷ ସଂଖ୍ୟା:୨୩ ୧୩ ମେ ୨୦୨୬ (ବୁଧବାର) ରାଉରକେଲା ମୂଲ୍ୟ:ଟ.୨.୦୦ ପୃଷ୍ଠା-୬

ଟିଭିକେ-କଂଗ୍ରେସ ମେଣ୍ଟ ସରକାର

ଥାଲାପତି ବିଜୟଙ୍କ ଟିମ୍‌ରେ ଖୁବ୍‌ଶୀଘ୍ର ସାମିଲ ହେବେ ୨ କଂଗ୍ରେସ ବିଧାୟକ

ଚେନ୍ନାଇ, ୧୨।୫: ତାମିଲନାଡୁ ରାଜନୀତିରେ ଏକ ନୂତନ ଯୁଗର ଆରମ୍ଭ ହୋଇଛି । ସୁପରଷ୍ଟାରରୁ ସଫଳ ରାଜନେତା ପାଲଟିଥିବା ଥାଲାପତି ବିଜୟଙ୍କ ନେତୃତ୍ୱରେ ତାମିଲନାଡୁରେ 'ଟିଭିକେ' ସରକାର ଗଠନ ହେବା ପରେ, ଏବେ ଏକ ବଡ଼ ଖବର ସାମ୍ନାକୁ ଆସିଛି । ଦୀର୍ଘ ୫୫ ବର୍ଷର ବ୍ୟବଧାନ ପରେ କଂଗ୍ରେସ ପାର୍ଟି ତାମିଲନାଡୁ ସରକାରରେ ପ୍ରତ୍ୟକ୍ଷ ଭାବେ ଅଂଶୀଦାର ହେବାକୁ ଯାଉଛି । କ୍ଷମତା ଭାଗବଟାଂ ଚୁକ୍ତି ଅନୁଯାୟୀ, ବିଜୟଙ୍କ ମନ୍ତ୍ରିମଣ୍ଡଳରେ କଂଗ୍ରେସକୁ ଦୁଇଟି ଗୁରୁତ୍ୱପୂର୍ଣ୍ଣ ମନ୍ତ୍ରୀ ପଦ ମିଳିବା ନିଶ୍ଚିତ ହୋଇଛି । ତାମିଲନାଡୁ ବିଧାନସଭା ନିର୍ବାଚନରେ କୌଣସି ଦଳକୁ ସ୍ୱଷ୍ଟ ବହୁମତ ନମିଳିବା କାରଣରୁ ଏକ ମିଳିତ ସରକାର ଗଠନ କରାଯାଇଛି । ଚେନ୍ନାଇର ଜବାହରଲାଲ ନେହେରୁ ଷ୍ଟାଡିୟମରେ ଅନୁଷ୍ଠିତ ଭବ୍ୟ ସମାରୋହରେ ବିଜୟ ରାଜ୍ୟର ୧୩ତମ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଇଛନ୍ତି । ତାଙ୍କ ସହ ୯ ଜଣ ମନ୍ତ୍ରୀ ମଧ ପଦ ଓ ଗୋପନୀୟତାର ଶପଥ ନେଇଥିବା ବେଳେ, ବାକି ଥିବା ସ୍ଥାନରେ କଂଗ୍ରେସ ବିଧାୟକଙ୍କୁ ସ୍ଥାନ ମିଳିବ ବୋଲି ଜଣାପଡ଼ିଛି । ସୂଚନାଯୋଗ୍ୟ ଯେ, ୧୯୬୭ ମସିହା ପରଠାରୁ କଂଗ୍ରେସ ରାଜ୍ୟରେ କୌଣସି ସରକାରର କ୍ୟାବିନେଟ୍ ?ରେ ସାମିଲ ହୋଇନାହିଁ । ୨୩୪ ଆସନ ବିଶିଷ୍ଟ ତାମିଲନାଡୁ ବିଧାନସଭାରେ ବିଜୟଙ୍କ ଟିଭିକେ ପାର୍ଟି ପ୍ରଥମ ଥର ନିର୍ବାଚନ ଲଢ଼ି ୧୦୮ଟି ଆସନ ଜିତି ସବୁଠାରୁ ବଡ଼ ଦଳ ଭାବେ ଉଭା ହୋଇଛି । କିନ୍ତୁ ବହୁମତ ପାଇଁ ଆବଶ୍ୟକ ୧୧୮ ସଂଖ୍ୟାରୁ ପାର୍ଟି ୧୦ଟି ଆସନ ପଛରେ ରହିଯାଇଥିଲା । ଏହି ସଙ୍କଟ ସମୟରେ କଂଗ୍ରେସ ଓ ଅନ୍ୟ ସମଭାବାପନ୍ନ ଦଳଗୁଡ଼ିକ ବିଜୟଙ୍କୁ ସମର୍ଥନ ଦେଇଛନ୍ତି । ଡିଏମକେ ନେତୃତ୍ୱାଧୀନ ମେଣ୍ଟରେ ରହି ୨୮ଟି ଆସନରେ ଲଢ଼ିଥିବା କଂଗ୍ରେସ ମାତ୍ର ୫ଟି ଆସନ ଜିତିବାରେ ସଫଳ ହୋଇଥିଲା । ସଂଖ୍ୟା କମ୍ ଥିଲେ ମଧ ସରକାର ଗଠନ ପାଇଁ କଂଗ୍ରେସର ଭୂମିକା ଗୁରୁତ୍ୱପୂର୍ଣ୍ଣ ରହିଛି । କଂଗ୍ରେସ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଦୁଇଜଣ ଅଭିଜ୍ଞ ବିଧାୟକଙ୍କ ନାଁ ଏବେ ମନ୍ତ୍ରୀ ପଦ ପାଇଁ ଚର୍ଚ୍ଚାର ଶୀର୍ଷରେ ରହିଛି । ମେଲୁର ବିଧାୟକ ପି. ବିଶ୍ୱନାଥନ୍ ଓ କିଲ୍ଲିୟୁର ବିଧାୟକ ଏସ୍. ରାଜେଶ କୁମାର । ଏଆଇସିସି ଜାତୀୟ ପର୍ଯ୍ୟବେକ୍ଷକ ଗିରିଶ ଚୋଡନକର କହିଛନ୍ତି ଯେ, କ୍ୟାବିନେଟ୍‌ରେ ସାମିଲ ହେବା ନେଇ ଦିଲ୍ଲୀରେ ହାଇକମାଣ୍ଡଙ୍କ ସହ ଆଲୋଚନା ଜାରି ରହିଛି । କେଉଁ ବିଧାୟକଙ୍କୁ କେଉଁ ଦାୟିତ୍ୱ ମିଳିବ, ସେନେଇ ଅନ୍ତିମ ନିଷ୍ପତ୍ତି ଖୁବ୍‌ଶୀଘ୍ର ନିଆଯିବ । ତାମିଲନାଡୁ ରାଜନୀତିରେ କଂଗ୍ରେସ ଦୀର୍ଘ ଦିନ ଧରି ଡିଏମକେର ସହଯୋଗୀ ରହିଆସିଛି, କିନ୍ତୁ କେବେ ମନ୍ତ୍ରୀ ପଦ ପାଇନଥିଲା । ୨୦୦୬ରେ ଡିଏମକେ ସରକାରକୁ କଂଗ୍ରେସ ବାହାରୁ ସମର୍ଥନ ଦେଇଥିଲା । ସେତେବେଳେ କଂଗ୍ରେସ ପାଖରେ ୩୪ଟି ସିଟ୍ ଥିଲେ ମଧ କ୍ୟାବିନେଟ୍‌ରେ ସ୍ଥାନ ମିଳିନଥିଲା । କିନ୍ତୁ ବିଜୟଙ୍କ ସରକାରରେ କଂଗ୍ରେସର ଏହି ପ୍ରବେଶ ରାଜ୍ୟ ରାଜନୀତିର ସମୀକରଣ ବଦଳାଇ ଦେଇଛି । ଟିଭିକେ ସରକାରଙ୍କୁ ସମର୍ଥନ ଦେଉଥିବା ଦଳଗୁଡ଼ିକ ହେଲେ କଂଗ୍ରେସ, ସିପିଆଇ, ସିପିଆଇ, ଆଇୟୁଏମଏଲ୍, ଭିସିକେ । ଏହି ସମର୍ଥନ ବଳରେ ବିଜୟ ଏବେ ଜଣେ ଶକ୍ତିଶାଳୀ ମୁଖ୍ୟମନ୍ତ୍ରୀ ଭାବେ କାର୍ଯ୍ୟଭାର ସମ୍ଭାଳିଛନ୍ତି । ବିଜୟଙ୍କ କ୍ୟାବିନେଟରେ କଂଗ୍ରେସ ବିଧାୟକଙ୍କ ସାମିଲ ହେବା ଖବର ଏବେ ଉଭୟ ଦଳର କର୍ମୀଙ୍କ ମଧରେ ଉତ୍ସାହ ଭରିଦେଇଛି ।

ଆସାମରେ ଆରମ୍ଭ ହେଲା ହିମନ୍ତ ୨.୦ ସରକାର

ଗୁଆହାଟୀ, ୧୨/୫: ଆସାମ ରାଜନୀତିର ଇତିହାସରେ ଏକ ନୂତନ ଅଧ୍ୟାୟ ଲେଖାଯାଇଛି । ହିମନ୍ତ ବିଶ୍ୱ ଶର୍ମା ଜଣେ ଦକ୍ଷ ବିଜେପି ନେତା ଭାବେ ଲଗାତାର ଦ୍ୱିତୀୟ ଥର ପାଇଁ ଆସାମର ମୁଖ୍ୟମନ୍ତ୍ରୀ ଭାବରେ ଗୌହାଟିର ଖାନାପରା ଭେଟନାରୀ କଲେଜ ଗ୍ରାଉଣ୍ଡରେ ଶପଥ ନେଇଛନ୍ତି । ଏହି ଶପଥ ଗ୍ରହଣ ଉତ୍ସବରେ ପ୍ରଧାନମନ୍ତ୍ରୀ ମୋଦୀ ବି ସାମିଲ ହୋଇଛନ୍ତି । ଆସାମ ବିଧାନସଭା ନିର୍ବାଚନରେ ଏନଡିଏ ମେଣ୍ଟର ବିପୁଳ ବିଜୟ ପରେ ଲଗାତାର ଦ୍ୱିତୀୟ ଥର ପାଇଁ ହିମାନ୍ତ ବିଶ୍ୱ ଶର୍ମା ଆସାମର ମୁଖ୍ୟମନ୍ତ୍ରୀ ହୋଇଛନ୍ତି । ୧୨୬ ସଦସ୍ୟ ବିଶିଷ୍ଟ ଆସାମ ବିଧାନସଭାରେ ଦୁଇ-ତୃତୀୟାଂଶ ସଂଖ୍ୟାଗରିଷ୍ଠତା ହାସଲ କରି ବିଜେପି ନେତୃତ୍ୱାଧୀନ ଏନଡିଏ ଲଗାତାର ତୃତୀୟ ଥର ପାଇଁ କ୍ଷମତାକୁ ଫେରିଛି । ବିଜେପି ୮୨ଟି ଆସନ ସହିତ ପ୍ରଭାବଶାଳୀ ଶକ୍ତି ଭାବରେ ଉଭା ହୋଇଛି । ଏହାର ସହଯୋଗୀ ଦଳ ଆସାମ ଗଣ ପରିଷଦ (ଏଜିପି) ଏବଂ ବୋଡୋଲ୍ୟାଣ୍ଡ ପିପୁଲ୍ସ ଫ୍ରଣ୍ଟ (ବିପିଏଫ) ୧୦ଟି ଲେଖାଏଁ ଆସନ ଜିତି ଏନଡିଏର ମୋଟ ଆସନ ୧୦୨ରେ ପହଞ୍ଚିଛି । ଆସାମ ବିଧାନସଭାର ୧୨୬ ଆସନରୁ ଏନଡିଏ ୧୦୨ ଆସନରେ ବିଜୟୀ ହୋଇଛି । କେବଳ ବିଜେପି ୮୨ଟି ଆସନରେ ବିଜୟୀ ହୋଇଛି ।ହିମନ୍ତ ବିଶ୍ୱଶର୍ମାଙ୍କ ସହ ଅନ୍ୟ ଚାରି ଜଣ ବିଧାୟକ ମଧ ମନ୍ତ୍ରୀ ଭାବରେ ଶପଥ ନେଇଛନ୍ତି । ଚାରିଜଣ ବିଧାୟକଙ୍କ ମଧରେ ରାମେଶ୍ୱର ତେଲି, ଅତୁଲ ବୋରା, ଚରଣ ବୋରୋ ଓ ଅଜନ୍ତା ନେଗ ସାମିଲ ଅଛନ୍ତି । ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା ନିଜ ରାଜନୈତିକ ଜୀବନ ଏକ ଛାତ୍ର ନେତା ଭାବେ ଆରମ୍ଭ କରିଥିଲେ । ୨୦୦୧ରୁ ୨୦୧୫ପର୍ଯ୍ୟନ୍ତ ତରୁଣ ଗୋଗୋଇଙ୍କ ସରକାର ସମୟରେ କ୍ୟାବିନେଟ ମନ୍ତ୍ରୀ ରହିଥିଲେ । ୨୦୧୫ରେ କଂଗ୍ରେସ ଛାଡି ବିଜେପିରେ ସାମିଲ ହୋଇଥିଲେ ହିମନ୍ତ ।୨୦୨୧ରେ ଆସାମରେ ବିଜେପିର ବଡ଼ ବିଜୟ ପରେ ହିମନ୍ତ ମୁଖ୍ୟମନ୍ତ୍ରୀ ହୋଇଥିଲେ । ବର୍ତ୍ତମାନ ପୁଣି ସେ ମୁଖ୍ୟମନ୍ତ୍ରୀ ଭାବେ କାର୍ଯ୍ୟଭାର ହାତକୁ ନେଇଛନ୍ତି ।

ପେପର ଲିକ୍ ପରେ ଏନ୍‌ଇଇଟି ପରୀକ୍ଷା ରଦ୍ଦ

ପୁଣି ଥରେ ହେବେ ପରୀକ୍ଷା : ଘଟଣାର ତଦନ୍ତ କରିବ ସିବିଆଇ

ନୂଆଦିଲ୍ଲୀ, ୧୨/୫: ଦେଶର ସର୍ବବୃହତ ଡାକ୍ତରୀ ପ୍ରବେଶିକା ପରୀକ୍ଷା, ଏନଇଇଟି ୟୁଜି-୨୦୨୬ ସମ୍ପର୍କରେ ଏକ ବଡ଼ ନିଷ୍ପତି ନିଆଯାଇଛି । ଜାତୀୟ ପରୀକ୍ଷା ଏଜେନ୍ସି (ଏନ୍‌ଟିଏ) ପକ୍ଷରୁ ମେ'୩ ତାରିଖରେ ଅନୁଷ୍ଠିତ ହୋଇଥିବା ପରୀକ୍ଷାକୁ ରଦ୍ଦ କରାଯାଇଛି । କେନ୍ଦ୍ର ସରକାରଙ୍କ ଦ୍ୱାରା ଅନୁମୋଦନ କରାଯାଇଥିବା ଏହି ନିଷ୍ପତ୍ତି ପେପର ଲିକ୍ ଏବଂ ପରୀକ୍ଷା ପ୍ରକ୍ରିୟାରେ ଅନିୟମିତତା ଅଭିଯୋଗ ମଧ୍ୟରେ ନିଆଯାଇଛି । ପରୀକ୍ଷା ଏବେ ପୁଣି ଥରେ ହେବ । ଖୁବ୍ ଶୀଘ୍ର ଏନେଇ ନୂତନ ତାରିଖ ଘୋଷଣା କରାଯିବ । ୧୦ ଲକ୍ଷରୁ ଅଧିକ ଛାତ୍ରଛାତ୍ରୀଙ୍କୁ ଏବେ ପୁଣିପରୀକ୍ଷା ଦେବାକୁ ପଡିବ । ଏହି ନିଷ୍ପତି ଛାତ୍ରଛାତ୍ରୀ ଏବଂ ଅଭିଭାବକଙ୍କ ମଧ୍ୟରେ ଚିନ୍ତା ଏବଂ ଅସନ୍ତୋଷ ଉଭୟ ସୃଷ୍ଟି କରିଛି । ରାଜସ୍ଥାନ ସମେତ କିଛି ରାଜ୍ୟରେ ପରୀକ୍ଷା ପତ୍ର ପୂର୍ବରୁ ଉପଲବ୍ଧ ହେଉଥିବା ରିପୋର୍ଟ ପ୍ରକାଶ ପାଇବା ପରେ ଏନ୍‌ଇଇଟି ପରୀକ୍ଷାକୁ ନେଇ ବିବାଦ ଆହୁରି ତୀବ୍ର ହୋଇଥିଲା । ଏହା ପରୀକ୍ଷାର ନିରପେକ୍ଷତା ଉପରେ ପ୍ରଶ୍ନ ଉଠାଇଥିଲା । ଏକ ସରକାରୀ ବିବୃତିରେ, ଏନ୍‌ଟିଏ କହିଛି ଯେ ମେ'୮ ତାରିଖରେ ମାମଲାକୁ ଯାଞ୍ଚ ଏବଂ ତଦନ୍ତ ପାଇଁ କେନ୍ଦ୍ରୀୟ ଏଜେନ୍ସିଗୁଡ଼ିକୁ ପଠାଯାଇଥିଲା । ତଦନ୍ତ ଏଜେନ୍ସିଗୁଡ଼ିକରୁ ମିଳିଥିବା ଇନପୁଟ୍ ଏବଂ ରିପୋର୍ଟ ଆଧାରରେ, ଏହା ନିଷ୍କର୍ଷିତ ହୋଇଥିଲା ଯେ ବର୍ତ୍ତମାନର ପରୀକ୍ଷା ପ୍ରକ୍ରିୟା ଜାରି ରହିପାରିବ ନାହିଁ । ଏଜେନ୍ସି କହିଛି ଯେ ଜାତୀୟ ପରୀକ୍ଷା ବ୍ୟବସ୍ଥାରେ ଛାତ୍ରଙ୍କ ବିଶ୍ୱାସ ବଜାୟ ରଖିବା ସର୍ବୋପରି, ଏବଂ ଏହା ପରୀକ୍ଷା ବାତିଲ କରିବାର କଷ୍ଟକର ନିଷ୍ପତି ନେଇଛି ।

ରାଜ୍ୟରେ ପେଟ୍ରୋଲ- ଡିଜେଲ ଯଥେଷ୍ଟ ମହଜୁଦ ରହିଛି : ଯୋଗାଣ ମନ୍ତ୍ରୀ

ଭୁବନେଶ୍ୱର, ୧୨।୫(ନି/ପ୍ର): ରାଜ୍ୟରେ ପେଟ୍ରୋଲ ଓ ଡିଜେଲର ଅଭାବ ନାହିଁ । ସଫିସେଣ୍ଟ ମହଜୁଦ୍ ରହିଛି । ରାଜ୍ୟ ସହ ଦେଶରେ ମଧ ଯଥେଷ୍ଟ ମହଜୁଦ ରହିଛି । ଟାଙ୍କି କେଉଁଠି ବି ବନ୍ଦ ନାହିଁ । ସବୁଠାରେ ଖୋଲା ଅଛି ମୁଁ ସ୍ଥିତି ଉପରେ ନଜର ରଖିଛି ବୋଲି ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି । କୌଣସି ଟାଙ୍କି ବନ୍ଦ ପାଇଁ ନିର୍ଦ୍ଦେଶ ଯୋଗାଣ ବିଭାଗ ପକ୍ଷରୁ ହୋଇନାହିଁ । ଯାହାର ଯେତେ ତେଲର ଆବଶ୍ୟକ ନେଇ ପାଇବେ । କିନ୍ତୁ ଆମେ ତାକୁ ଟିକେ ନିୟନ୍ତ୍ରଣ କରିବାକୁ ହେବ । ପ୍ରଧାନମନ୍ତ୍ରୀ ଯାହା କହିଛନ୍ତି ତାହା ଭୁଲ୍ ବୁଝିବା ଉଚିତ୍ ନୁହେଁ । ମଧ୍ୟପ୍ରାଚ୍ୟ ଯୁଦ୍ଧ ପାଇଁ ପେଟ୍ରୋଲ ବ୍ୟବହାରରେ ନିୟନ୍ତ୍ରଣ ଆଣିବାକୁ ହେବ । ଆଗକୁ ହୁଏତ ପେଟ୍ରୋଲ ସମସ୍ୟା ଆସିପାରେ ଧୀରେ ଧୀରେ ଦର୍ ବୃଦ୍ଧି ପାଇପାରେ । ଗରିବ ଲୋକ କେମିତି ପ୍ରଭାବିତ ହେବେ ନାହିଁ ତାକୁ ଧ୍ୟାନ ଦିଆଯାଇ ସରକାର ନିଜେ ଅର୍ଥ ବହନ କରୁଛନ୍ତି । ଦେଶର ଅର୍ଥ ନୀତିକୁ ସଜାଡ଼ିବାକୁ ହେଲେ ସୁନା କିଣିବା କ୍ଷେତ୍ରରେ କିଛି ଦିନ ପାଇଁ ଅପିଲ କରାଯାଇଛି ।

ଓଡ଼ିଶା ଆସିବେ ନୀତିନ ନବୀନ

ରାଜ୍ୟ କାର୍ଯ୍ୟାଳୟରେ ବଡ଼ ବୈଠକ

ଭୁବନେଶ୍ୱର, ୧୨/୫(ନି/ପ୍ର): ଓଡ଼ିଶା ଆସିବେ ନୀତିନ ନବୀନ । ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ହେବା ପରେ ଏହା ତାଙ୍କର ପ୍ରଥମ ଓଡ଼ିଶା ଗସ୍ତ । ଆସନ୍ତା ୧୮ ଏବଂ ୧୯ ତାରିଖରେ ଖୋର୍ଦ୍ଧା ଜଟଣୀରେ ବିଜେପି ଭୁବନେଶ୍ୱର ସାଙ୍ଗଠନିକ ଜିଲ୍ଲାର ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହେବ । ଏହି ଶିବିରରେ ନୀତିନ ନବୀନ ଯୋଗ ଦେବେ । ଏହା ପୂର୍ବରୁ ବିଜେପି ରାଜ୍ୟ କାର୍ଯ୍ୟାଳୟରେ ଭୁବନେଶ୍ୱର ସାଙ୍ଗଠନିକ ଜିଲ୍ଲା ପକ୍ଷରୁ ଗୁରୁତ୍ୱପୂର୍ଣ୍ଣ ବୈଠକ ହୋଇଛି । ଏହି ବୈଠକରେ ବିଜେପି ଭୁବନେଶ୍ୱର ସାଙ୍ଗଠନିକ ଜିଲ୍ଲା ସଭାପତି ନିରଞ୍ଜନ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବିଜେପି ପୂର୍ବତନ ରାଜ୍ୟ ସଭାପତି ସମୀର ମହାନ୍ତି, ବିଜେପି ରାଜ୍ୟ ସାଧାରଣ ସମ୍ପାଦକ ସାରଦା ଶତପଥୀ, ବିଜେପି ରାଜ୍ୟ ଉପସଭାପତି ସରୋଜ କର, ଯତୀନ ମହାନ୍ତି, ବରିଷ୍ଠ ବିଜେପି ନେତା ଜଗନ୍ନାଥ ପ୍ରଧାନଙ୍କ ସମେତ ଦଳର ଅନ୍ୟ ବରିଷ୍ଠ ନେତା ଯୋଗ ଦେଇଛନ୍ତି । ଆସନ୍ତା ୧୮ ଏବଂ ୧୯ ତାରିଖରେ ଖୋର୍ଦ୍ଧା ଜଟଣୀରେ ବିଜେପି ଭୁବନେଶ୍ୱର ସାଙ୍ଗଠନିକ ଜିଲ୍ଲାର ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହେବ । ଏହି ପ୍ରଶିକ୍ଷଣ ଶିବିରରେ ନୀତିନ ନବୀନ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି ।

ଖୁବ୍ ଶୀଘ୍ର ଆଣ୍ଡାମାନ ଛୁଇଁବ ମୌସୁମୀ

ଭୁବନେଶ୍ୱର, ୧୨/୫(ନି/ପ୍ର): ଅଗ୍ରସର ହେଉଛି ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ । ଏଥର ସ୍ୱାଭାବିକ ସମୟ ମଧ୍ୟରେ ଆସିବ ମୌସୁମୀ । ଚଳିତ ସପ୍ତାହର ଶେଷ ଆଡକୁ ଦକ୍ଷିଣ ବଙ୍ଗୋପସାଗର, ଆଣ୍ଡାମାନ ସାଗର ଏବଂ ଆଣ୍ଡାମାନ ଓ ନିକୋବର ଦ୍ୱୀପପୁଞ୍ଜର କିଛି ଅଚଂଳକୁ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଅଗ୍ରସର ହେବା ପାଇଁ ପାଗ ଅନୁକୂଳ ହେବାର ସମ୍ଭାବନା ରହିଛି । ଭାରତୀୟ ପାଣିପାଗ ବିଭାଗ ଏନେଇ ପୂର୍ବାନୁମାନ କରିଛି । ପ୍ରତିବର୍ଷ ମେ ୧୮ ରୁ ୧୯ ମଧ୍ୟରେ ପ୍ରାୟତଃ ଆଣ୍ଡାମାନ ଛୁଇଁଥାଏ ମୌସୁମୀ ବାୟୁ । ଏହା ପରେ ଆଗକୁ ବଢ଼ି କେରଳ ନିକଟରେ ଜୁନ୍ ପ୍ରଥମ ସପ୍ତାହରେ ପହଞ୍ଚିଥାଏ । କେରଳ ଛୁଇଁବାର ୧୦ ରୁ ୧୨ ଦିନ ମଧ୍ୟରେ ଓଡ଼ିଶାକୁ ଅଗ୍ରସର ହୋଇଥାଏ ମୌସୁମୀ । କିନ୍ତୁ ଚଳିତବର୍ଷ ଏହି ପ୍ରକ୍ରିୟା ସଅଳ ହେବ । ଏପରିକି ସ୍ୱାଭାବିକ ଠାରୁ ଅଧିକ ଅଧିକ ବର୍ଷା ହେବା ନେଇ ପୂର୍ବାନୁମାନ କରିଛି ଭାରତୀୟ ପାଣିପାଗ ବିଭାଗ । ଏପଟେ ରାଜ୍ୟରେ କାଳବୈଶାଖୀ ବର୍ଷାକୁ ନେଇ ପାଣିପାଗ ବିଭାଗ ୟେଲୋ ୱାର୍ଣ୍ଣିଂ ଜାରି କରିଛି । ଆଗାମୀ ୫ ଦିନ ଯାଏଁ ରାଜ୍ୟରେ କାଳବୈଶାଖୀ ପ୍ରଭାବ ରହିବ ବୋଲି ପୂର୍ବାନୁମାନ କରିଛି ଭୁବନେଶ୍ୱର ଆଚଂଳିକ ପାଣିପାଗ କେନ୍ଦ୍ର । ସେହିପରି ଆଗାମୀ ୧୩ ତାରିଖ ରୁ ତାପମାତ୍ରା ୨ରୁ ୪ ଡିଗ୍ରୀ ସେଲସିୟସ୍ ପର୍ଯ୍ୟନ୍ତ ବୃଦ୍ଧି ପାଇବା ଆକଳନ କରାଯାଉଛି ।

ତାମିଲନାଡୁରେ ହଟିବ ୭୧୭ଟି ମଦ ଦୋକାନ

ମୁଖ୍ୟମନ୍ତ୍ରୀ ବିଜୟଙ୍କ ବଡ଼ ପଦକ୍ଷେପ

ଚେନ୍ନାଇ, ୧୨/୫: ତାମିଲନାଡୁର ନବନିଯୁକ୍ତ ମୁଖ୍ୟମନ୍ତ୍ରୀ ଜୋସେଫ୍ ବିଜୟ ରାଜ୍ୟରେ ମଦମୁକ୍ତ ଓ ନିଶାମୁକ୍ତ ପରିବେଶ ଗଠନ ଦିଗରେ ଏକ ପ୍ରମୁଖ ପଦକ୍ଷେପ ଗ୍ରହଣ କରିଛନ୍ତି । ମଙ୍ଗଳବାର ଦିନ ମୁଖ୍ୟମନ୍ତ୍ରୀ ବିଭିନ୍ନ ଧର୍ମାନୁଷ୍ଠାନ, ଶିକ୍ଷାନୁଷ୍ଠାନ ଓ ବସଷ୍ଟାଣ୍ଡର ୫୦୦ ମିଟର ପରିଧି ମଧ୍ୟରେ ଥିବା ୭୧୭ଟି ସରକାରୀ ମଦ ଦୋକାନକୁ ଆଗାମୀ ଦୁଇ ସପ୍ତାହ ମଧ୍ୟରେ ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ତାମିଲନାଡୁ ଷ୍ଟେଟ୍ ମାର୍କେଟିଂ କର୍ପୋରେସନ୍ ଦ୍ୱାରା ପରିଚାଳିତ ମୋଟ ୪,୭୬୫ଟି ଦୋକାନ ମଧ୍ୟରୁ ଯାଞ୍ଚ ପରେ ଏହି ୭୧୭ଟି ଦୋକାନକୁ ଚିହ୍ନଟ କରାଯାଇଛି । ସରକାରୀ ବିବୃତି ଅନୁଯାୟୀ, ବନ୍ଦ ହେବାକୁ ଥିବା ଦୋକାନଗୁଡ଼ିକ ମଧ୍ୟରୁ ୨୭୬ଟି ଉପାସନା ସ୍ଥଳ ନିକଟରେ, ୧୮୬ଟି ଶିକ୍ଷାନୁଷ୍ଠାନ ନିକଟରେ ଏବଂ ୨୫୫ଟି ବସଷ୍ଟାଣ୍ଡ ନିକଟରେ ଅବସ୍ଥିତ । ନିଜର ନିର୍ବାଚନୀ ଇସ୍ତାହାରରେ ଟିଭିକେ (ତାମିଲଗା ଭେଟ୍ରି କାଜଗମ୍) ଦେଇଥିବା ପ୍ରତିଶ୍ରୁତି ଅନୁଯାୟୀ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି । ତେବେ ବିଜୟଙ୍କ ଏହି ନିଷ୍ପତିକୁ ନେଇ ବର୍ତ୍ତମାନ ଚର୍ଚ୍ଚା ମଧ ଆରମ୍ଭ ହୋଇଯାଇଛି ।

ଭୟଙ୍କର ଘୂର୍ଣ୍ଣିବାତ୍ୟା ପାଇଁ ଆଲର୍ଟ

ଏସବୁ ସ୍ଥାନରେ ବର୍ଷିବ..

ନୂଆଦିଲ୍ଲୀ, ୧୨/୫: ଆଗକୁ ଆସୁଛି ବର୍ଷା । ଆଇଏମଡି ଅନୁଯାୟୀ, ୧୫ ମେ' ଠାରୁ ଉତ୍ତର-ପଶ୍ଚିମ ଭାରତକୁ ଏକ ନୂତନ ପଶ୍ଚିମ ବିସ୍ତାର ପ୍ରଭାବିତ କରିବାର ସମ୍ଭାବନା ଅଛି । ଦକ୍ଷିଣ-ପଶ୍ଚିମ ବଙ୍ଗୋପସାଗରରେ ଏକ କମ୍ ଚାପ କ୍ଷେତ୍ର ରହିଛି, ଯାହା ଉତ୍ତର ଶ୍ରୀଲଙ୍କା ଉପକୂଳରୁ ଦକ୍ଷିଣ ଲାକ୍ଷାଦ୍ୱୀପ ଅଚଂଳ ପର୍ଯ୍ୟନ୍ତ ବ୍ୟାପିଛି । ଏହାର ପ୍ରଭାବରେ ଏକ ଘୂର୍ଣ୍ଣିଝଡ଼ ସୃଷ୍ଟି ହେବାର ସମ୍ଭାବନା ଅଛି; ଆସନ୍ତା ୪୮ ଘଣ୍ଟା ମଧ୍ୟରେ ଏ ସମ୍ପର୍କରେ ପରିସ୍ଥିତି ସ୍ପଷ୍ଟ ହେବ ବୋଲି ଆଶା କରାଯାଉଛି । ସମ୍ଭାବ୍ୟ ଝଡ଼କୁ ଦୃଷ୍ଟିରେ ରଖି, ମତ୍ସ୍ୟଜୀବୀମାନଙ୍କୁ ସମୁଦ୍ରରୁ ଦୂରେଇ ରହିବାକୁ ପରାମର୍ଶ ଦିଆଯାଇଛି । ଦିଲ୍ଲୀରେ ପାଗ ସ୍ୱଷ୍ଟ ଅଛି ଏବଂ ଖରାର ପ୍ରଭାବ ରହିଛି । ଗତକାଲି ସର୍ବାଧିକ ତାପମାତ୍ରା ୩୭.୫ ଡିଗ୍ରୀ ସେଲସିୟସ୍ ରେକର୍ଡ କରାଯାଇଥିଲା, ଯେତେବେଳେ ସର୍ବନିମ୍ନ ତାପମାତ୍ରା ୨୭.୧ ଡିଗ୍ରୀ ଥିଲା । ଆଜି ସନ୍ଧ୍ୟା ସୁଦ୍ଧା ପାଗ ପରିବର୍ତ୍ତନ ହେବାର ସମ୍ଭାବନା ଅଛି । ଆଜିଠାରୁ ପରଦିନ ପର୍ଯ୍ୟନ୍ତ – ମେ ୧୪ – ଆକାଶ ମେଘୁଆ ରହିବ । ଘଡ଼ଘଡ଼ି ଏବଂ ବିଜୁଳି ସହିତ ହାଲୁକା ବର୍ଷା ହୋଇପାରେ । ଘଣ୍ଟା ପ୍ରତି ୫୦ ରୁ ୬୦ କିଲୋମିଟର ବେଗରେ ପବନ ବହିପାରେ । ଉତର-ପଶ୍ଚିମ ଭାରତରେ – ବିଶେଷକରି ପଞ୍ଜାବ, ହରିୟାଣା, ଚଣ୍ଡିଗଡ଼, ଉତର ପ୍ରଦେଶ ଏବଂ ରାଜସ୍ଥାନରେ – ମେ ୧୨ ରୁ ୧୫ ମଧ୍ୟରେ ଘଡ଼ଘଡ଼ି ଏବଂ ବିଜୁଳି ସହିତ ହାଲୁକା ବର୍ଷା ହୋଇପାରେ । ୩୦-୬୦ କିମି/ ଘଣ୍ଟା ବେଗରେ ପବନ ବହିବାର ମଧ ସମ୍ଭାବନା ଅଛି । ଜମ୍ମୁ ଏବଂ କାଶ୍ମୀର, ଲଦାଖ, ଉତ୍ତରାଖଣ୍ଡ ଏବଂ ହିମାଚଳ ପ୍ରଦେଶରେ ମେ ୧୨ ରୁ ୧୫ ମଧ୍ୟରେ ହାଲୁକା ବର୍ଷା ଏବଂ ତୁଷାରପାତ ହେବାର ସମ୍ଭାବନା ଅଛି । ଘଡ଼ଘଡ଼ି ଏବଂ ବିଜୁଳି ସହିତ ପ୍ରବଳ ପବନ (୩୦-୬୦ କିମି/ ଘଟାସ) ହେବାର ସମ୍ଭାବନା ଅଛି । ଏହା ସହିତ, ବିଭିନ୍ନ ସ୍ଥାନରେ ଧୂଳିଝଡ଼ ଏବଂ କୁଆପଥର ବର୍ଷା ହେବାର ସମ୍ଭାବନା ରହିଛି । ଉତ୍ତର-ପୂର୍ବ ଭାରତରେ, ମେ ୧୨ ରୁ ୧୫ ମଧ୍ୟରେ, ଆସାମ, ମେଘାଳୟ, ନାଗାଲାଣ୍ଡ, ମଣିପୁର, ମିଜୋରାମ, ତ୍ରିପୁରା ଏବଂ ଅରୁଣାଚଳ ପ୍ରଦେଶରେ ହାଲୁକା ବର୍ଷା ହେବା ଫଳରେ ପାଗ ଥଣ୍ଡା ହେବ ।

ଟ୍ରମ୍ପଙ୍କ ଗସ୍ତ ପୂର୍ବରୁ ଆମେରିକାର ବଡ଼ କାର୍ଯ୍ୟାନୁଷ୍ଠାନ

ଚୀନ୍‌କୁ ତେଲ ବିକ୍ରୟ କରୁଥିବା ୧୨ କମ୍ପାନି ଉପରେ ପ୍ରତିବନ୍ଧକ



ୱାସିଂଟନ, ୧୨/୫: ଇରାନ ସହିତ ଜଡିତ ୧୨ କମ୍ପାନି ଉପରେ ଆମେରିକା ନୂଆ କଟକଣା ଲଗାଇଛି । ଆମେରିକା କହିଛି ଯେ, ଏହି କମ୍ପାନିଗୁଡ଼ିକ ଚୀନ୍‌କୁ ଇରାନୀ ତେଲ ପରିବହନ ଏବଂ ବିକ୍ରୟରେ ଜଡିତ ଅଛନ୍ତି । ଟ୍ରମ୍ପ ୧୩ ମେ'ରେ ବେଜିଂ ଗସ୍ତ କରିବାକୁ ଯାଉଛନ୍ତି । ଏହାର ଠିକ୍ ଗୋଟିଏ ଦିନ ପୂର୍ବରୁ ଆମେରିକାର ଏଭଳି ନିଷ୍ପତି ଆସିଛି । ଗସ୍ତ ସମୟରେ ଟ୍ରମ୍ପ ଚୀନ୍ ରାଷ୍ଟ୍ରପତି ସି ଜିନପିଙ୍ଗଙ୍କ ସହ ସାକ୍ଷାତ କରିବାର କାର୍ଯ୍ୟକ୍ରମ ରହିଛି । ଆମେରିକାର ଅର୍ଥ ବିଭାଗ କହିଛି, ଇରାନର ଇସଲାମିକ୍ ରିଭୋଲ୍ୟୁସନାରୀ ଗାର୍ଡ କର୍ପସ (ଆଇଆରଜିସି) ତେଲ ବିକ୍ରୟ ପାଇଁ ବିଭିନ୍ନ ଦେଶର ସେଲ୍ କମ୍ପାନିଗୁଡ଼ିକୁ ବ୍ୟବହାର କରିଥାଏ । ଇରାନ ଏହି କମ୍ପାନିଗୁଡ଼ିକ ମାଧ୍ୟମରେ ନିଜର ପରିଚୟ ଲୁଚାଇ ରଖେ ଏବଂ ଏଥିରୁ ମିଳୁଥିବା ଅର୍ଥକୁ ସରକାରୀ ଏବଂ ସାମରିକ କାର୍ଯ୍ୟକଳାପ ପାଇଁ ଖର୍ଚ୍ଚ କରିଥାଏ । ଆମେରିକାର ତିନି ଜଣ ଇରାନୀ ବ୍ୟକ୍ତି ଏବଂ ହଂକଂ ତଥା ସଂଯୁକ୍ତ ଆରବ ଏମିରେଟ୍ସର ନଅଟି କମ୍ପାନି ବିରୋଧରେ କାର୍ଯ୍ୟାନୁଷ୍ଠାନ ଯୋଗୁଁ ଏବେ ଆମେରିକାରେ ସେମାନଙ୍କର ସମ୍ପତି ଫ୍ରିଜ୍ ହୋଇଯିବ । ଆମେରିକୀୟ କମ୍ପାନି ଏବଂ ନାଗରିକମାନଙ୍କୁ ସେମାନଙ୍କ ସହିତ କୌଣସି ପ୍ରକାରର ବାଣିଜ୍ୟକିମ୍ବା କାରବାର କରିବାକୁ ବାରଣ କରାଯିବ । ଆମେରିକା ଇରାନ ଉପରେ ଆର୍ଥିକ ଚାପ ବୃଦ୍ଧି ଜାରି ରଖିଛି । ୱାସିଂଟନ କହିଛି, ଇରାନକୁ ନିଜର ଅସ୍ତ୍ରଶସ୍ତ୍ର କାର୍ଯ୍ୟକ୍ରମ, ପରମାଣୁ କାର୍ଯ୍ୟକଳାପ ଏବଂ ଏହାର ସମର୍ଥକ ସଂଗଠନଗୁଡ଼ିକୁ ପାଣ୍ଠି ଯୋଗାଇବାରୁ ଆମେ ରୋକିବାକୁ ଚାହୁଁଛୁ । ଆମେରିକାର ଅର୍ଥମନ୍ତ୍ରୀ ସ୍କଟ୍ ବେସାଣ୍ଟ କହିଛନ୍ତି, ଇକୋନୋମିକ୍ ଫ୍ୟୁରି ଅଭିଯାନ ଇରାନ ଉପରେ ଆର୍ଥିକ ଚାପ ଜାରି ରଖିବ । ଇରାନ ଏବଂ ଆମେରିକା ଏବଂ ଇସ୍ରାଏଲ ମଧ୍ୟରେ ଉତେଜନା ବିଶ୍ୱ ତୈଳ ବଜାରକୁ ମଧ ପ୍ରଭାବିତ କରୁଛି । ଇରାନ ହର୍ମୁଜ୍ଜଣାଳୀକୁ ପ୍ରାୟତଃ ଅବରୋଧ କରିଛି, ଯେଉଁଥିଦେଇ ବିଶ୍ୱର ପ୍ରାୟ ୨୦% ତୈଳ ଏବଂ ଗ୍ୟାସ୍ ଯାତାୟାତ କରେ । ଏହା ତୈଳ ଯୋଗାଣ ଏବଂ ମୂଲ୍ୟ ବିଷୟରେ ଚିନ୍ତା ବଢ଼ାଇ ଦେଇଛି । ମାର୍ଚ୍ଚ ମାସରେ, ଆମେରିକା ଇରାନର ତେଲ ଅଭାବ ଯୋଗୁଁ କିଛି କଟକଣାକୁ କୋହଳ କରିଥିଲା, କିନ୍ତୁ ଏବେ ଏହାକୁ ପୁଣି କଠୋର କରିଛି । ଚୀନ୍‌କୁ ଇରାନର ସବୁଠାରୁ ବଡ଼ ତେଲ କ୍ରେତା ଏବଂ ପ୍ରମୁଖ ବାଣିଜ୍ୟିକ ଅଂଶୀଦାର ଭାବରେ ବିବେଚନା କରାଯାଏ । ଟ୍ରମ୍ପଙ୍କ ଚୀନ୍ ଗସ୍ତ ସମୟରେ ବାଣିଜ୍ୟ ବିବାଦ ସହିତ ଇରାନ ମଧ ଏକ ପ୍ରମୁଖ ପ୍ରସଙ୍ଗ ହେବ ବୋଲି କୁହାଯାଉଛି । ଆମେରିକା ଚାହୁଁଛି, ଚୀନ୍ ଇରାନ ଉପରେ ଅଧିକ ଚାପ ପ୍ରୟୋଗ କରୁ । ପୂର୍ବରୁ, ଆମେରିକା ତିନୋଟି ଚୀନ୍ ସାଟେଲାଇଟ୍ କମ୍ପାନି ଏବଂ ଅନେକ ହଂକଂ କମ୍ପାନି ଉପରେ ମଧ କଟକଣା ଲଗାଇଛି ।

କେନ୍ଦୁଝର ସମାଚାର
A.R. KHAN
ARNMEDIA COMPLEX, New Market, Keonjhar
(Near Collectorate, Dist. Keonjhar, Phone / Fax: (06767) 255016
Email: utkalsamachar@gmail.com, Mob: 9437086122

ଏନ୍.ଏସ୍. ପୋଲିସ ହାଇସ୍କୁଲ ମାଟ୍ରିକ୍ ପରୀକ୍ଷାର୍ଥୀଙ୍କୁ ସମ୍ବର୍ଦ୍ଧନା

କେନ୍ଦୁଝର,୧୨/୫(ନି/ପ୍ର): ଏନ୍.ଏସ୍. ପୋଲିସ ହାଇସ୍କୁଲ,କେନ୍ଦୁଝର ତରଫରୁ ବିଦ୍ୟାଳୟର ଗୌରବ ବଢାଇଥିବା ୫ ଜଣ ଏ-୧ ଏବଂ ୯ ଜଣ ଏ-୨ ଛାତ୍ର ଛାତ୍ରୀଙ୍କୁ ବିଦ୍ୟାଳୟ ତରଫରୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି ।ଶିକ୍ଷା ବର୍ଷ ରେ ବିଦ୍ୟାଳୟରୁ ମୋଟ ୧୫୮ ଜଣ ଛାତ୍ର ଛାତ୍ରୀ ବାର୍ଷିକ ହାଇସ୍କୁଲ ସାର୍ଟିଫିକେଟ ପରୀକ୍ଷା ଦେଇ ସମସ୍ତେ ପାସ୍ କରି ଶତ ପ୍ରତିଶତ ପରୀକ୍ଷା ଫଳ ହୋଇ ବିଦ୍ୟାଳୟ ପାଇଁ ଗୌରବ ଆଣିଛନ୍ତି ।ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଶ୍ରୀମତୀ ବେଳା ରାଉତଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସମ୍ବର୍ଦ୍ଧନା ଉତ୍ସବରେ ଧରଣୀଧର ବିଶ୍ୱ ବିଦ୍ୟାଳୟର ରେଜିଷ୍ଟ୍ରାର ପ୍ରତିଭା ପୃଷ୍ଟି,ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀକାନ୍ତ ବେହେରା,ସଦର ବ୍ଲକ୍ ଶିକ୍ଷା ଅଧିକାରୀ ଓଁକାର ଅନ୍ୱେଷ,ଅବସରପ୍ରାପ୍ତ ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଶ୍ରୀମତୀ ପ୍ରମିଳା ଦେଇ,ବିଦ୍ୟାଳୟ ପରିଚାଳନା ଉନ୍ନୟନ କମିଟି ସଦସ୍ୟ ତଥା ଅବସର ପ୍ରାପ୍ତ ଶିକ୍ଷକ କୃଷ୍ଣଚନ୍ଦ୍ର ରଥ,ପୂର୍ଣ୍ଣ ଚନ୍ଦ୍ର ରାଉତ,ଦ୍ୱାରିକା ନାଥ ସାହୁ,ବିଦ୍ୟାଳୟ ପଟଂସଖା ଶିକ୍ଷା ସେତୁର ସଭାପତି ଶିବ କୁମାର ରାଠୋର,ପୁରାତନ ଛାତ୍ର ତଥା କୃଷି ବୈଜ୍ଞାନିକ ରଞ୍ଜନ କୁମାର ମହାନ୍ତ ଉପସ୍ଥିତ ରହି ଛାତ୍ର ଛାତ୍ରୀ ମାନେ ଭବିଷ୍ୟତରେ ଉଚ୍ଚ ଶିକ୍ଷିତ ହୋଇ ସାମାଜିକ କାର୍ଯ୍ୟରେ ନିଜକୁ ନିୟୋଜିତ କରିବାକୁ ନିଜ ନିଜ ବକ୍ତବ୍ୟ ରଖିଥିଲେ ।ବିଦ୍ୟାଳୟର ଶିକ୍ଷକ ଗୁରୁଦେବ ମହାନ୍ତ ଅତିଥିଙ୍କ ପରିଚୟ ପ୍ରଦାନ ସହିତ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ।ଏ-୧ ଶ୍ରେଣୀରେ ଉନ୍ନୀର୍ଣ୍ଣ ହୋଇଥିବା ଆଶିଷ ମହାନ୍ତ,ସୁପ୍ରିୟା ଶୀଟ୍,ବିନୀତ କୁମାର ବିଶ୍ୱାଳ, ସୋମ୍ୟ ରଞ୍ଜନ ସାହୁ,ଓମ୍ ପ୍ରକାଶ ମହାନ୍ତ ଅତିଥିଙ୍କ ଦ୍ୱାରା ପୁଷ୍ପଗୁଚ୍ଛ ସହିତ ଟ୍ରଫି ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା ।ସେହିପରି ଏ-୨ ରେ ଉନ୍ନୀର୍ଣ୍ଣ ବିଶ୍ୱଜିତ୍ ସାହୁ,ଏକଲବ୍ୟ ମହାନ୍ତ,ରିତେଶ୍ କୁମାର ସାହୁ,ଜ୍ଞାନେଶ୍ୱରୀ ମହାନ୍ତ,ତୁଷାରକାନ୍ତ ସାହୁ,ଗୋକୁଳାନନ୍ଦ ମହାନ୍ତ, ସୁରଜ ନାଏକ,ଅନିଲ କୁମାର ନାଏକ,ଅଭିଜ୍ଞାନ ସେଠୀ ଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା । ବିଦ୍ୟାଳୟର ଶିକ୍ଷୟିତ୍ରୀ ମଧୁସ୍ମିତା ଚକ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।ଶେଷରେ ବିଦ୍ୟାଳୟର ଏନ୍ ସି ସି ଅଫିସର୍ ବିଜୟ କୁମାର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।ବିଦ୍ୟାଳୟର ଶିକ୍ଷକ କମଳ ଲୋଚନ ପ୍ରଧାନ, ବିବେକାନନ୍ଦ ରାଉତ,ପ୍ରଦୀପ୍ତ ଦେହୁରୀ,ତନ୍ମୟ ରାଉତ, ଶିକ୍ଷୟିତ୍ରୀ ମମତାରାଣୀ ମହାନ୍ତ, ସାଗରିକା ସାହୁ,କଳାବତୀ ଦେହୁରୀ,ଯାତ୍ରୀ ମହାନ୍ତ,ଭାଗ୍ୟଶ୍ରୀ ମହାନ୍ତ,ଜୁନିଅର୍ ଆସିଷ୍ଟାଟଂ ସତ୍ୟନାରାୟଣ ମଲ୍ଲିକ,ଶିକ୍ଷା କର୍ମଚାରୀ ଯୋଗେଶ୍ୱର କବାଟ, ଗଣେଶ୍ୱର ମୁଦୁଲି,ସୁଜାତା ନାଏକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

ବ୍ୟବସାୟୀଙ୍କୁ ଅପହରଣ ବେଳେ ମାଡି ବସିଲା ପୁଲିସ, ୨ ଗିରଫ

ଆନନ୍ଦପୁର, ୧୨/୫ (ନି/ପ୍ର):ଗୁଜୁରାଟି ବ୍ୟବସାୟୀଙ୍କୁ ଅପହରଣ ସମୟରେ ମାଡିବସିଲା ପୁଲିସ । ଅପହରଣକାରୀ ଓ ଡ୍ରାଇଭର ଗିରଫ । ଦୀର୍ଘ ଦିନର ବ୍ୟବସାୟିକ ସମ୍ପର୍କ ପରେ ଟଙ୍କା ପାଇଁ ଗୁଜୁରାଟି ଜମନ ଭାଇଙ୍କୁ କେନ୍ଦୁଝରର ବଜରଙ୍ଗୀ ଲାଲ୍ ନାମକ ଜଣେ ବ୍ୟବସାୟୀ ମାଡ ମାରିବା ସହ ୧୪ଲକ୍ଷ ୫୦ ହଜାର ଛଡାଇ ନେଇ ଅପହରଣ କରୁଥିବା ସମୟରେ ପୋଲିସ୍ ହାତରେ ଧରାପଡିଛନ୍ତି । ବ୍ୟବସାୟରେ ଟଙ୍କା ବିବାଦକୁ ନେଇ ବଜରଙ୍ଗି ଜମନ ଭାଇଙ୍କୁ ଘରକୁ ଡାକି ମାଡ ମାରିବା ସହ ୧୪ଲକ୍ଷ ୫୦ ହଜାରା ଟଙ୍କା ଛଡାଇ ନେଇଥିଲେ । ଆହୁରି ୩୩ଲକ୍ଷ ଟଙ୍କା ଦାବି କରି ଜୀବନରୁ ମାରି ଦେବାକୁ ଧମକ ଦେବା ସହ ଏକ କାର୍ ଯୋଗେ ତାଙ୍କୁ ଅପହରଣ କରି କଟକ ନେଉଥିଲେ ।ଏହି ସମୟରେ କେନ୍ଦୁଝର ପୋଲିସକୁ ଜଣାଇବାରୁ ଘଷିପୁରା ଥାନା ଶାଳପଡାଠାରେ ପୋଲିସ୍ ଗାଡି ଅଟକାଇ ତାଙ୍କୁ ଉଦ୍ଧାର କରିଛନ୍ତି । ମାମଲା ରୁଜୁ ହେବା ପରେ ବଜରଙ୍ଗି ଲାଲ୍ ଓ ଡ୍ରାଇଭର ମୁନିରାମଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ପୋଲିସ ।

ଭାରତୀୟ ନିର୍ମାଣ କଂଗ୍ରେସ ଓଡ଼ିଶା ଶାଖା ଏବଂ ଆରଆଣ୍ଡ ବି କେନ୍ଦୁଝର ମୁଖ୍ୟ ନିର୍ମାଣ ଯନ୍ତ୍ରୀଙ୍କ ମିଳିତ ଆନୁକୂଲ୍ୟରେ ଅଷ୍ଟମ ଜୋନସ୍ତରୀୟ ବୈଷୟିକ କର୍ମଶାଳା

୭ମ ବାଟାଲିୟନ କର୍ମଚାରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ଭୁବନେଶ୍ୱର,୧୨/୫ (ନି/ପ୍ର):ରାଜଧାନୀର ଅନତମ ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସୁରକ୍ଷା ପକ୍ଷରୁ ଇନଫୋସିଟି ନିକଟସ୍ଥ ନନ୍‌ଭେଜ ୱାର୍ଲ୍ଡ ପରିସରରେ ଅବସରକାଳୀନ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏଥିରେ ୭ମ ବାଟାଲିୟନ ଚାକିରୀରୁ ସଦ୍ୟ ଅବସର ଗ୍ରହଣ କରିଥିବା କର୍ମଚାରୀ ବିଚିତ୍ରାନନ୍ଦ ରାଉତରାୟଙ୍କୁ ବିପୁଳ ସମ୍ବର୍ଦ୍ଧନା ଜ୍ଞାପନ କରାଯାଉଛି । ସୁରକ୍ଷାର ଉପଦେଷ୍ଟା ସୁଧାଂଶୁ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ନନ୍‌ଭେଜ ୱାର୍ଲ୍ଡର ପ୍ରତିଷ୍ଠାତା ତଥା ମାଲିକ ମନୋଜ କୁମାର ସାହୁ, ସୁରକ୍ଷା ସମ୍ପାଦକ କେଶବ ରଣା, ବରିଷ୍ଠ ସଭ୍ୟ ପଦ୍ମଲୋଚନ ସାହୁ, ଦେବ ଚୌଧୁରୀ, ପ୍ରଶାନ୍ତ ଦାସ, ବିଜୟ ଦାସ, ଲୋଚନ ପ୍ରତାପ ସିଂ, ରାଜେନ୍ଦ୍ର ନାୟକ, ସମୀର ରଞ୍ଜନ ମହାନ୍ତି ପ୍ରମୁଖ ଯୋଗଦେଇ ଶ୍ରୀ ରାଉତରାୟଙ୍କୁ ଉତ୍ତରୀୟ, ଉପଢୌକନ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିଥିଲେ । ତାଙ୍କ କର୍ମମୟ ଜୀବନ ଅନ୍ୟ ମାନଙ୍କ ପାଇଁ ଏକ ଉଦାହରଣ ହୋଇ ରହିବ ବୋଲି କହିଥିଲେ । ସମ୍ବର୍ଦ୍ଧନା ଉତରରେ ଶ୍ରୀ ରାଉତରାୟ ତାଙ୍କ ଚାକିରି ଜୀବନର ସୁଖଦୁଃଖର କାହାଣୀ ବଖାଣିବା ସହିତ ସମୟାନୁବର୍ତ୍ତିତା ଓ କର୍ତବ୍ୟନିଷ୍ଠା ରଖିବା ପାଇଁ ପରାମର୍ଶ ଦେଇଥିଲେ ।

ତିନି ଦଫା ଦାବିପୂରଣ ପାଇଁ ଆଉଟସୋର୍ସିଙ୍ଗ କର୍ମଚାରୀ ମହାସଂଘର ବିଶାଳ ଆନ୍ଦୋଳନ ନେଇ ସଜବାଜ

ଜୟପୁର,୧୨/୫(ନି/ପ୍ର): ତିନି ଦଫା ଦାବିପୂରଣ ପୂରଣ ନେଇ ଆଉଟସୋର୍ସିଙ୍ଗ କର୍ମଚାରୀ ମହାସଂଘର ବିଶାଳ ଆନ୍ଦୋଳନ ନିମନ୍ତେ ସଜବାଜ ଆରମ୍ଭ ହେଲାଣି । କଥା ଦେଇ କଥା ରଖୁ ନାହାନ୍ତି ମୋହନ ସରକାର । କ୍ଷମତାକୁ ଆସିବା ଆଗରୁ ଦୃଢ ପ୍ରତିଶୃତି, କ୍ଷମତାରେ ବସିଲା ପରେ ଆଉ ପାଖ ମଡେଇ ଦେଉ ନାହାନ୍ତି। ଗତ ମାର୍ଚ୍ଚ ମାସରେ ଆନ୍ଦୋଳନ ଚାଲିଥିବା ବେଳେ ଦାବି ପୂରଣ ନେଇ ପ୍ରତିଶ୍ରୁତି ଦେଇଥିଲେ । ହେଲେ ବି କିଛି ଫଳପ୍ରଦ ହେଉନାହିଁ । ୨୪ ବର୍ଷର ସରକାରରେ ବିଭିନ୍ନ କାରଣରୁ ୨୯୭ ଜଣ ଛଟେଇ ହୋଇଥିଲେ । କିନ୍ତୁ, ୨ ବର୍ଷର ସରକାର, ଚାରି ହଜାରରୁ ଉର୍ଦ୍ଧ୍ୱ କର୍ମଚାରୀ ଙ୍କୁ ଅତ୍ୟନ୍ତ ନିଷ୍ଠୁର, ଅନ୍ୟାୟ ଓ ଅବିଚାରିତ ଭାବେ ଛଟେଇ କରି ସେମାନଙ୍କ ଅସହାୟ ପରିବାରକୁ ଦୁର୍ଦ୍ଦିନ ମଧ୍ୟକୁ ଠେଲି ଦେଇଛନ୍ତି । ବର୍ଷବର୍ଷ ଧରି ନିଷ୍ଠାପର ଭାବେ ସେବା ଯୋଗାଇ ଆସୁଥିଲେ ମଧ୍ୟ ସ୍ଥାୟୀ କରାଯାଉନି, ବାରମ୍ବାର ଆବେଦନ ନିବେଦନ କଲେ ମଧ୍ୟ ମୁଖ୍ୟମନ୍ତ୍ରୀ ମହାସଂଘକୁ ଶୁଣିବା ପାଇଁ ଦୁଇ ମିନିଟ ସମୟ ଦେଉନାହାନ୍ତି ମାତ୍ର ବିଭିନ୍ନ ଗଣମାଧ୍ୟମ ମାନଙ୍କ ପ୍ରଶ୍ନରେ ବରେଣ୍ୟ ଲୋକଙ୍କ ମୁଖ୍ୟମନ୍ତ୍ରୀ ଉତର ରଖୁଛନ୍ତି ଯେ, ଆମେ ସରଜମିନ ତଦନ୍ତ କରୁଛୁ କିଛି ଭଲ ନିଷ୍ପତି ନିଆଯିବ କିନ୍ତୁ କେବେ ସେ ନିଷ୍ପତି ନେବେ କିଛି ଜଣାପଡିଲା ନାହିଁ । ରାଜ୍ୟର ସମଗ୍ର ଆଉଟସୋର୍ସିଙ୍ଗ କର୍ମଚାରୀଙ୍କୁ ଓଡିଶାର ନାଗରିକ ଭାବେ ବିଚାର କରୁନାହାନ୍ତି ଓ ଆର୍ଥିକ ମାନସିକ ଚାପ ପକେଇ ସେମାନଙ୍କ ସଂସାରକୁ ରସାତଳକୁ ନେଇଯାଉଛନ୍ତି ବୋଲି ଓଡିଶା ସରକାରୀ ଆଉଟସୋର୍ସିଙ୍ଗ କର୍ମଚାରୀ ମହାସଂଘ ପକ୍ଷରୁ ଅଭିଯୋଗ କରାଯାଇଛି । ସରକାରଙ୍କ ଏଭଳି ଜନ ବିରୋଧୀ ଶୋଷଣ ଓ ଅହଂକାରକୁ ବିରୋଧ କରି ନ୍ୟାୟ ପାଇବା ଆଶାରେ ପୁଣି ଆନ୍ଦୋଳନକୁ ଓହ୍ଲାଇବାକୁ ମହାସଂଘ ସଜବାଜ ହେଲାଣି । ବ୍ଲକ ଠାରୁ ସଚିବାଳୟ ପର୍ଯ୍ୟନ୍ତ କାର୍ଯ୍ୟ କରୁଥିବା ସାରା ଓଡିଶାର ହଜାର ହଜାର କର୍ମଚାରୀଙ୍କ ପ୍ରତିବାଦ । ସମାଗତ ବିକ୍ଷୋଭକାରୀ କର୍ମଚାରୀଙ୍କୁ ଆହ୍ୱାନ ଦେଇ ମହାସଂଘର ନେତୃମଣ୍ଡଳୀ କହିଥିଲେ ଯେ, ବିଗତ ସରକାର ଆଉଟସୋର୍ସିଙ୍ଗ କର୍ମଚାରୀଙ୍କ କିଛି କିଛି ଦାବି ପର୍ଯ୍ୟାୟ କ୍ରମେ ପୂରଣ କରିଥିଲେ ଓ ମୁଖ୍ୟ ଦାବି ଗୁଡିକ ସମାଧାନ ପାଇଁ ଏକ ଆଉଟସୋର୍ସିଙ୍ଗ ଆମ୍ବୁଡ୍ସମ୍ୟାନ ର ବ୍ୟବସ୍ଥା କରିଥିଲେ । କିନ୍ତୁ ବିଜେପି ସରକାର ଆସିଲା ପରେ ଦାବି ପୂରଣ ତ ଦୂରର କଥା ପ୍ରତିଦିନ ବ୍ୟାପକ ଛଟେଇ କରାଯାଉଛି ଓ ମାସ ମାସ ଧରି ଦରମା ଦିଆଯାଉନି । ତିନି ଦଫା ଦାବି ପୂରଣ ପାଇଁ ମହାସଂଘ ପକ୍ଷରୁ ଚଳିତ ବର୍ଷ ଆନ୍ଦୋଳନ କରାଯାଇଥିଲା । ଗତବର୍ଷ ଆନ୍ଦୋଳନ ସ୍ଥଳକୁ ମୁଖ୍ୟମନ୍ତ୍ରୀଙ୍କ ପ୍ରତିନିଧି ଭାବେ ଦୁଇ ଜଣ ବିଧାୟକ ଆସି ମୁଖ୍ୟମନ୍ତ୍ରୀ ଆଉଟସୋର୍ସିଙ୍ଗ କର୍ମଚାରୀଙ୍କ ସମସ୍ୟା ସମାଧାନ ପାଇଁ ଏକ କମିଟି ଆଇନମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଗଠନ କରିଛନ୍ତି ବୋଲି ଘୋଷଣା କଲେ ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା ମଧ୍ୟ କରେଇଦେଲେ । କିନ୍ତୁ ଇତିମଧ୍ୟରେ ମାସ ମାସ ବିତିଥିଲେ ବି ମୁଖ୍ୟମନ୍ତ୍ରୀ ସମୟଦେଲେ ନାହିଁ କି ସମସ୍ୟାର ସମାଧାନ ପାଇଁ ସାମାନ୍ୟ ସୌଜନ୍ୟତା ପ୍ରକାଶ କଲେ ନାହିଁ । ଅଧିକନ୍ତୁ ବିଭିନ୍ନ ମେଳା ମୌଉ୍ସବରେ ଭାଷଣ ପାଇଁ ସମୟ ପାଉଥିବା ଲୋକଙ୍କ ମୁଖ୍ୟମନ୍ତ୍ରୀ ଅସହାୟ ଶୋଷିତ କର୍ମଚାରୀଙ୍କ ସହ ଆଲୋଚନା ପାଇଁ ୫ ମିନିଟ୍ ସମୟ ଦେଉନାହାନ୍ତି ଅଧିକନ୍ତୁ ଆଉଟସୋର୍ସିଙ୍ଗ କର୍ମଚାରୀଙ୍କୁ ନୀଚ ଓ ବିଶ୍ୱାସଯୋଗ୍ୟ ନୁହନ୍ତି ବୋଲି ନିମ୍ନରୁଚିର ମନ୍ତବ୍ୟ ଦେଇଚାଲିଛନ୍ତି । ପୂର୍ବ ସରକାରରେ ଅମଲାରାଜ ଚାଲୁଥିଲା ବୋଲି ଅପପ୍ରଚାର କରୁଥିବା ବିରୋଧୀ ଦଳ ନିଜେ କ୍ଷମତାକୁ ଆସିବା ପରେ ଉଚ୍ଚ ପଦବୀରେ ଥିବା ଅମଲା ମାନଙ୍କ ଚକ୍ରବ୍ୟୁହରେ ଫସିଥିବା ସ୍ପଷ୍ଟ ହୋଇଯାଇଛି । ୨୪ ବର୍ଷ ମଧ୍ୟରେ ଆଉଟସୋର୍ସିଙ୍ଗ କର୍ମଚାରୀଙ୍କ ପ୍ରତି ଯେଉଁ ଅତ୍ୟାଚାର ଓ ଶୋଷଣ ହୋଇ ନଥିଲା, ତାହା ଏବେ ଭୟଙ୍କର ଭାବେ କରାଯାଉଛି ବୋଲି ନେତୃମଣ୍ଡଳୀ ଅଭିଯୋଗ କରିଥିଲେ । ବହୁ ନିବେଦନ ପରେ ଯେତେବେଳେ ଆଉଟସୋର୍ସିଙ୍ଗ କର୍ମଚାରୀଙ୍କ ପ୍ରତି ଓ ସେମାନଙ୍କ ନ୍ୟାୟସଙ୍ଗତ ତିନି ଦଫା ଦାବି ପ୍ରତି ସରକାରଙ୍କ ମାନସିକତାର ପରିବର୍ତ୍ତନ ହେଉନାହିଁ ଏବଂ ଦାବି ପୂରଣ ନ କରି ପ୍ରତିଦିନ ଛଟେଇ, ଦରମା ବନ୍ଦ ଭଳି କୁତ୍ସିତ ବ୍ୟବସ୍ଥା ଜାରି ରହିଛି । ରାଜ୍ୟ ସରକାର ନିଜେ ଆଉଟସୋର୍ସିଙ୍ଗ କର୍ମଚାରୀଙ୍କ ସମସ୍ୟାର ସମାଧାନ ନିମନ୍ତେ ଆଇନ ମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଏକ କମିଟି କଥା ଘୋଷଣା କରିଥିଲେ ସୁଦ୍ଧା କାହିଁକି ଉକ୍ତ କମିଟି ସହ ମୁଖ୍ୟମନ୍ତ୍ରୀ ଆଲୋଚନା କରି ସମସ୍ୟା ସମାଧାନ କରୁନାହାନ୍ତି ବୋଲି ପ୍ରଶ୍ନ କରିଛି ସଂଘ । ଦୀର୍ଘ ବର୍ଷର ସଫଳ ସେବା ଓ ଅଭିଜ୍ଞତାକୁ ଆଧାର କରି ସ୍ଥାୟୀ କରିବା, ଛଟେଇ ବନ୍ଦ ସହ ଛଟେଇ କର୍ମଚାରୀଙ୍କୁ ପୁନଃ ନିଯୁକ୍ତି ଓ ଡେଲି ୱେଜେସ ଆଉଟସୋର୍ସିଙ୍ଗ ଦ୍ୱୈତ୍ୟ ବ୍ୟବସ୍ଥା ବଦଳରେ ଏକକ ବ୍ୟବସ୍ଥା ଗ୍ରହଣ କରିବା ଓ ସ୍ଥାୟୀ ହେବା ପର୍ଯ୍ୟନ୍ତ ଚାକିରି ନିରାପତା ଯୋଗାଇ ଦେବା ଆଦି ତିନି ଦଫା ଦାବି ନେଇ ଆନ୍ଦୋଳନ କରିବାକୁ ସଜବାଜ ହେଉଛି ।

ମୋବାଇଲ ଟାୱାର ଉପରେ ଚଢ଼ିଲେ ଜୀବନ ହାରିବାକୁ ଉଦ୍ୟମ କଲେ ଯୁବକ

କଲ୍ୟାଣସିଂହପୁର,୧୨/୫(ନି/ପ୍ର): କଲ୍ୟାଣସିଂହପୁର ବ୍ଲକରେ ଆଜି ଏକ ଆଶ୍ଚର୍ଯ୍ୟଜନକ ଘଟଣା ଦେଖିବାକୁ ମିଳିଛି। ବ୍ଲକର ମୁଖ୍ୟ ସଡକର ନିଉ ମାଣିକାଟାଂ ରେଷ୍ଟୁରାଟଂ ପାଖରେ ଥିବା ଜିଓ ମୋବାଇଲ ଟାୱାର ଉପରେ ଚଢ଼ି ଜଣେ ଯୁବକ ଆତ୍ମହତ୍ୟା ଉଦ୍ୟମ କରିଥିଲା । ଉକ୍ତ ଯୁବକଙ୍କ ପରିଚୟ କାର୍ତ୍ତିକ କାଣିଙ୍କ ପୁଅ ତିଲ କାଣି (ବୟସ ୨୬) ବୋଲି ଜଣାପଡ଼ିଛି। ସୂଚନା ଅନୁସାରେ, ପାରିବାରିକ କଳହର କାରଣରୁ ତାଙ୍କ ସ୍ତ୍ରୀ ନିଜ ବାପଘରକୁ ଚାଲିଯାଇଥିବାରୁ ସେ ମାନସିକ ଚାପରେ ଥିଲେ । ଗତକାଲି ସନ୍ଧ୍ୟା ପ୍ରାୟ ୩ଟା ସମୟରେ ସେ ପ୍ରଥମେ ଟାୱାର ଉପରେ ଚଢ଼ିଥିବା ବେଳେ, ଆଜି ପୁନର୍ବାର ସକାଳ ୧୦ଟାରେ ସେହି ଚେଷ୍ଟା କରିଥିଲେ । ଖବର ପାଇ ସ୍ଥାନୀୟ ପୁଲିସ ଓ ଅଗ୍ନିଶମ ବିଭାଗ ଦଳ ଘଟଣାସ୍ଥଳକୁ ପହଚିଂ ଥିଲେ। ପ୍ରାୟ ୨ ଘଣ୍ଟାର ଉଦ୍ୟମ ପରେ ଦିନ ୧୨ଟା ସମୟରେ ଯୁବକଙ୍କୁ ସୁରକ୍ଷିତ ଭାବେ ଟାୱାର ଉପରୁ ଉଦ୍ଧାର କରାଯାଇଥିଲା । ଉଦ୍ଧାର ସମୟରେ ଯୁବକଙ୍କ କପାଳରେ ଆଘାତ ଲାଗିଥିବା ଦେଖାଯାଇଥିଲା ଓ ସେ ମଦ୍ୟପାନ କରିଥିବା ମଧ୍ୟ ଜଣାପଡ଼ିଛି । ଉଦ୍ଧାର ପରେ ଯୁବକ ଗଣମାଧ୍ୟମ ଆଗରେ କିଛି କହିନଥିବା ବେଳେ ପୁଲିସ ତାକୁ ପଚରାଉଚରା ନିମନ୍ତେ ଥାନାରେ ଅଟକ ରଖି ତଦନ୍ତ କରୁଛି ।

କାର୍‌ରେ ଓଡ଼ିଶାରୁ ଛତିଶଗଡ ଗଂଜେଇ ଚାଲାଣ ଗାଡି ଛାଡି ଗଂଜେଇ ମାଫିଆ ଫେରାର୍

ସୁବର୍ଣ୍ଣପୁର, ୧୨/୫(ନି/ପ୍ର): ସୋନପୁର ଜିଲା ଡୁଙ୍ଗୁରିପାଲି ଥାନା ବେହେରାମାଳ ଗ୍ରାମପଂଚାୟତ ଲଙ୍ଗଳକଟା ଗ୍ରାମ ଚାଷଜମି ରାସ୍ତାରୁ ଶନିବାର ସକାଳ ୭ଟା ସମୟରେ ୨ କ୍ୱିଂଟାଲ ୭୨ କିଲୋ ୨୦୦ ଗ୍ରାମ ଗଂଜେଇ ଜବତ କରି ଗଂଜେଇ ବୋଝେଇ ଏକ କ୍ରେଟା କାର ଗାଡି ନମ୍ବର ଓଡି ୧୭ଢ ୭୧୨୭କୁ ଜବତ କରିଛି ଡୁଙ୍ଗୁରିପାଲି ପୋଲିସ । ଗଂଜେଇ ମାଫିଆମାନେ ଗାଡି ଛାଡି ଫେରାର ହୋଇଯାଇଛନ୍ତି । ଓଡିଶାରୁ ଛତିଶଗଡ଼ ଗଂଜେଇ ଚାଲାଣ । ପ୍ରାପ୍ତ ପୋଲିସ ସୂତ୍ରରୁ ପ୍ରକାଶ ଯେ, ଶନିବାର ବୌଦ୍ଧ ପଟରୁ ଛତିଶଗଡକୁ ଗଂଜେଇ ଚାଲାଣ ହେଉଥିବା ବେଳେ ଏକ ଧଳା ରଙ୍ଗର ଏକ କାର ଗଂଜେଇ ବୋଝେଇ କରି ଆସୁଥିବା ଦେଖି କୌଣସି ସୂତ୍ରରୁ ଖବର ପାଇ ସୋନପୁର ପୋଲିସ ଟିମ୍ କାର୍‌କୁ ପିଛା କରି ବିନିକା ଓ ରାମପୁର ପୋଲିସକୁ ଖବର ଦେଇଥିଲା । ସୋନପୁର, ବିନିକା ଓ ରାମପୁର ଥାନା ପୋଲିସ ଟିମ ମିଳିତ ହୋଇ ଭୋର ୫ଟା ସମୟରେ କାରକୁ ପିଛା କରିଥିଲେ । ହେଲେ ଗଂଜେଇ ମାଫିଆ ମାନେ ଗଂଜେଇ ପାର କରି ନ ପାରି ଡୁଙ୍ଗୁରିପାଲି ଥାନା ବେହେରା ମାଲ ଗ୍ରାମ ପଂଚାୟତ ଲଙ୍ଗଳକଟା ଗ୍ରାମ ନିକଟ ଚାଷ ଜମି ରାସ୍ତାରେ ଗଂଜେଇ ଭର୍ତି ଏକ ଧଳା କାରକୁ ଛାଡି ଫେରାର ହୋଇଯାଇଥିଲେ । ଚାଷଜମି ରାସ୍ତାରେ ସକାଳ ୭ଟା ରେ ଏକ ଧଳା କାର ଥିବା ଦେଖି ଲଙ୍ଗଳକଟା ଗ୍ରାମର ରବୀନ୍ଦ୍ର ତ୍ରିପାଠୀ ଡୁଙ୍ଗୁରିପାଲି ପୋଲିସକୁ ଖବର ଦେଇଥିଲେ । ଡୁଙ୍ଗୁରିପାଲି ପୋଲିସ ଘଟଣାସ୍ଥଳକୁ ସକାଳ ୭ଟା ସମୟରେ ପହଂଚିଥିଲେ । ପରେ ଦିନ ୧୧ଟା ସମୟରେ ରାମପୁର ଅତିରିକ୍ତ ତହସିଲଦାର ରୋହିତ କୁମାର ବାଘ ମାଜିଷ୍ଟ୍ରେଟ ଦାୟିତ୍ୱରେ ଉପସ୍ଥିତ ରହିଥିଲେ । ପୋଲିସ କାର୍ ଭିତରୁ ଗଂଜେଇସବୁକୁ ବାହାର କରିଥିଲେ । କାର ଭିତରୁ ମୋଟ ୨୭୦ ପକେଟ ଗଂଜେଇ ବାହାରି ଥିଲା । ମାଜିଷ୍ଟ୍ରେଟ ବାଘଙ୍କ ଉପସ୍ଥିତରେ ଓଜନ କରାଯାଇଥିଲା । ଗଂଜେଇକୁ ଓଜନ କଲା ପରେ ତାହା ୨ କ୍ୱିଂଟାଲ ୭୨ କିଲୋ ୨୦୦ ଗ୍ରାମ ହୋଇଥିଲା । ଓଜନ ଗଂଜେଇ ସବୁ ୧୨ ଗୋଟି ବଡ଼ ପକେଟରେ ଭର୍ତି କରି ସିଲ୍ କରାଯାଇ ପୋଲିସ ଜବତ କରିରଖିଛି ।

ପ୍ରଜାପିତା ବ୍ରହ୍ମାକୁମାରୀ ଇଶ୍ୱରୀୟ ବିଶ୍ୱବିଦ୍ୟାଳୟ ଟିଟିଲାଗଡ଼ରେ "ମଦର୍ସ ଡେ"

ସାତ ଦିନିଆ "ଡିଭାଇନ ଅୱେରନେସ୍ ସମର କ୍ୟାମ୍ପ"ର ସମାପନ ସମାରୋହ

ବଲାଙ୍ଗିର,୧୨/୫(ନି/ପ୍ର): ମା' ହେଉଛନ୍ତି ଇଶ୍ୱରଙ୍କ ଦ୍ୱାରା ଦିଆଯାଇଥିବା ଏକ ଅମୂଲ୍ୟ ଉପହାର । ମା' ନଥିଲେ ସଂସାର ନଥାନ୍ତା । ମା'ର ପ୍ରେମ ହିଁ ସତ୍ୟ, ପାଳନା ହିଁ ଶିବମ୍ ଏବଂ ତାଙ୍କର ଶିକ୍ଷା ହିଁ ସୁନ୍ଦରମ୍ । ମା'ର କୋଳ ଛୁଆମାନଙ୍କ ପାଇଁ ଏକ ଶୀତଳ ଛତ୍ରଛାୟା ସଦୃଶ । ମା'ର କୋଳକୁ ଆସିଲେ ଛୁଆ ନିଜର ସମସ୍ତ ଦୁଃଖ ଓ କଷ୍ଟ ଭୁଲିଯାଏ । ଉକ୍ତ ବିଚାର ମଦର୍ସ ଡେ ଅବସରରେ ଆୟୋଜିତ "ମା' – ସୁଖୀ ପରିବାରର ଆଧାରଶିଳା" ବିଷୟକ କାର୍ଯ୍ୟକ୍ରମରେ ପ୍ରକାଶ ପାଇଥିଲା । ଏହି କାର୍ଯ୍ୟକ୍ରମରେ ବିଶେଷ ଅତିଥି ଭାବେ ଅନୁରାଧା ସିଂଘଲ ଜୀ, ଡି.ଏ.ଭି. ଅଟୋନୋମସ୍ କଲେଜ ଟିଟିଲାଗଡ଼ର ସାଇନ୍ସ କେମେଷ୍ଟ୍ରି ଲେକ୍ଚରର, ମନୋରମା ବାରିକ, ହେଡମାଷ୍ଟର ବଡପତ୍ରାପାଲି ପ୍ରାଇମେରୀ ସ୍କୁଲ, ତେରାପନ୍ଥ ଜୈନ ମହିଳା ସମିତିର ଅଧ୍ୟକ୍ଷା ଭାବନା ଜୈନ, ଉପାଧ୍ୟକ୍ଷା ଦୀପିକା ଜୈନ, ବ୍ରହ୍ମାକୁମାରୀ ଟିଟିଲାଗଡ଼ର ସେବା ପ୍ରଭାରୀ ବି.କେ. ଦାମିନୀ ଭଉଣୀ ଏବଂ ବି.କେ. ମନୀଷା ଭଉଣୀ ପରମାତ୍ମା ସ୍ମୃତିରେ ଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ଛୁଆମାନଙ୍କର ସମର କ୍ୟାମ୍ପର ସମାପନ ସମାରୋହ ମଧ୍ୟ ପାଳନ କରାଯାଇଥିଲା । ଯେଉଁଥିରେ ସମସ୍ତ ବକ୍ତା ନିଜ ନିଜର ବିଶେଷ ଅନୁଭବ ଶେୟାର କରିଥିଲେ । ଏହି ମାନବ ଜୀବନରେ ମା'ର ଏକ ପ୍ରମୁଖ ଭୂମିକା ରହିଛି । ପରମାତ୍ମା ସମସ୍ତ ଜାଗାରେ ନିଜର ଉପସ୍ଥିତି ଦେଇପାରିବେ ନାହିଁ, ସେଥିପାଇଁ ସେ ମା'ର ସୃଷ୍ଟି କରିଛନ୍ତି । ଯାହାଙ୍କ ମୁଣ୍ଡ ଉପରେ ମା'ର ଛତ୍ରଛାୟା ରହେ, ସେ ସଦା ସୁରକ୍ଷିତ ରହେ । ଯାହାଙ୍କ ଜୀବନରେ ନିଜ ମାତାପିତାଙ୍କ ଆଶୀର୍ବାଦ ରହିଛି, ସେହି ଛୁଆ ସଦା ଜୀବନରେ ସଫଳତା ଓ ଉନ୍ନତି ଲାଭ କରିଥାଏ । ସଭାରେ ସମସ୍ତ ଛୁଆ ଏବଂ ତାଙ୍କର ମାତାପିତାଙ୍କ ଉପସ୍ଥିତିରେ ବି.କେ. ମନୀଷା ଭଉଣୀ ସମସ୍ତଙ୍କୁ ସଂସ୍ଥାର ପରିଚୟ ଦେଇ ସମର କ୍ୟାମ୍ପର ମହତ୍ତ୍ୱ ସମ୍ପର୍କରେ ଅବଗତ କରାଇଥିଲେ । ବି.କେ. ଦାମିନୀ ଭଉଣୀ ମଧ୍ୟ ନିଜ ଉଦବୋଧନରେ କହିଥିଲେ ଯେ, ମା'ର ସମ୍ପର୍କ ହିଁ ସତ୍ୟ ସମ୍ପର୍କ, ଯେଉଁଥିରେ କୌଣସି ମିଶ୍ରଣ କିମ୍ବା ସଜାବଟ ନଥାଏ । ମା'ର ସମ୍ପର୍କ ଏମିତି ଏକ ସମ୍ପର୍କ ଯେଉଁଥିରେ ନିଜ ଛୁଆମାନଙ୍କ ପ୍ରତି ତାଙ୍କ ମୁହଁରେ କେବେ ଥକାବଟ ଦେଖାଯାଏ ନାହିଁ ଏବଂ ମା'ର ମମତାରେ କେବେ ମିଶ୍ରଣ ଦେଖାଯାଏ ନାହିଁ । ବର୍ତ୍ତମାନ ସମୟରେ ଆମେ ଛୁଆମାନଙ୍କର ବୁଦ୍ଧିମତା ଉପରେ ଧ୍ୟାନ ଦେଉଛୁ ଏବଂ ଏହି ସମୟରେ ତାଙ୍କର ମାନସିକତା ଓ ଚିନ୍ତାଧାରାର ଶକ୍ତି ଧୀରେ ଧୀରେ କମିଯାଉଛି । ଏହାର ମୁଖ୍ୟ କାରଣ ଆଧ୍ୟାତ୍ମିକତାର ଅଭାବ ହେବାର ଦେଖାଯାଉଛି । ଆଜି ଆମକୁ ଜୀବନରେ ବହୁତ କଠିନାଇର ସମ୍ମୁଖୀନ ହେବାକୁ ପଡୁଛି, କାରଣ ଆମର ମନ ଓ ବୁଦ୍ଧି ଯଦି ସଠିକ୍ ଭାବରେ କାର୍ଯ୍ୟ କରେ ଏବଂ ସଠିକ୍ ନିଷ୍ପତି ନିଏ, ତେବେ ଆମେ ଜୀବନରେ ସଦା ଆଗକୁ ବଢ଼ି ପାରିବୁ ଏବଂ ପ୍ରତ୍ୟେକ ପରିସ୍ଥିତିକୁ ସହଜରେ ଅତିକ୍ରମ କରିପାରିବୁ । ଏଥିସହ ସେ ରାଜଯୋଗ ବିଷୟରେ ସମସ୍ତଙ୍କୁ ବୁଝାଇଥିଲେ । ଶେଷରେ କାର୍ଯ୍ୟକ୍ରମର ସମାପନରେ ମଦର୍ସ ଡେ ଅବସରରେ କେକ୍ କଟିଂ କରାଯାଇଥିଲା । ଅତିଥିମାନଙ୍କୁ ଇଶ୍ୱରୀୟ ସୌଗାତ ଏବଂ ପ୍ରଭୁ ପ୍ରସାଦ ଭେଟି ଦିଆଯାଇଥିଲା । ସମର କ୍ୟାମ୍ପରେ ଭାଗ ନେଇଥିବା ସମସ୍ତ ପ୍ରତିଭାଗୀ ଛୁଆମାନଙ୍କୁ ସାର୍ଟିଫିକେଟ୍ ଓ ଉପହାର ପ୍ରଦାନ କରାଯାଇଥିଲା । ସମସ୍ତେ ଏହି କାର୍ଯ୍ୟକ୍ରମର ଅତ୍ୟନ୍ତ ସୁନ୍ଦର ଆନନ୍ଦ ଅନୁଭବ କରିଥିଲେ ।

ବିବିଧା

ରାଶିଫଳ

ମେଷ: ମନ ପ୍ରସନ୍ନ ରହିବ। ବ୍ୟବହାରରେ ପରିବର୍ତ୍ତନ ଆଣିବେ। ସମାଜସେବାରେ ମନୋନିବେଶ କରିବେ। ଅଫିସ୍‌ରେ ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିପାରନ୍ତି। ସଫଳତା ପାଇଁ କଠିନ ପରିଶ୍ରମ କରିବେ।

ବୃଷ: ପରିଶ୍ରମ ଅନୁସାରେ ଫଳ ମିଳିବ ନାହିଁ। ରାଜନୀତିରେ ନୂଆ ଲୋକଙ୍କ ସହ ମିଳାମିଶା ବଢ଼ିବ। ବନ୍ଧୁଙ୍କଠାରୁ ଆର୍ଥିକ ସାହାଯ୍ୟ ପାଇବେ। ଆଜି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇପାରନ୍ତି। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

ମିଥୁନ: ଯାନବାହନ ଓ ଭୂମି କିଣିବା ଯୋଗ ଅଛି। ପରିବାରକୁ ସମୟ ଦେବେ। କାମ୍ ନିବେଶ କରି ଅଧିକ ଲାଭ ପାଇବେ। ପାରିବାରିକ ଜୀବନ ସୁଖମୟ ହେବ। ମହିଳାଙ୍କ ସମୟ ଭଲରେ ଅତିବାହିତ ହେବ।

କର୍କଟ: ଦିନଟି ଶୁଭଫଳ ପ୍ରଦାନ କରିବ। ପୈତୃକ ସମ୍ପତ୍ତିକୁ ନେଇ ଭାଇ ଭାଇ ମଧ୍ୟରେ କଳହ ଲାଗିପାରେ। ଅଫିସ୍‌ରେ ସହକର୍ମୀଙ୍କ ସହଯୋଗ ମିଳିବ ନାହିଁ। ଘରେ ପୂଜାପାଠ ଆୟୋଜନ କରିବେ।

ସିଂହ: ପାରିବାରିକ ବ୍ୟବସାୟକୁ ଆଗକୁ ନେବେ। ପରିବାରରେ ହସଖୁସିର ପରିବେଶ ରହିବ। ସନ୍ତାନ ହାନି ଯୋଗ ଅଛି। ଚାଷ କ୍ଷେତ୍ରରେ ଲାଭ ମିଳିବ। ଛୋଟଛୋଟ ଆଲୋଚନାକୁ ଅଣଦେଖା ନ କରିବା ଭଲ।

କନ୍ୟା: କୌଣସି କାମ ସମୟାନୁସାରେ ସମାପ୍ତ କରିବେ ନାହିଁ। ଚାକିରିରେ ପଦୋନ୍ନତି ସମ୍ଭାବନା ଅଛି। ଦାମ୍ପତ୍ୟ ଜୀବନରେ ଭୁଲ ବୁଝାମଣା ଦେଖାଦେବ। ବିଦ୍ୟାର୍ଥୀ ଉଚ୍ଚଶିକ୍ଷା ପାଇଁ ବିଦେଶ ଯାତ୍ରା କରିପାରନ୍ତି।

ତୁଳା: ସମାଜସେବା ପ୍ରତି ଆଗ୍ରହ ବଢ଼ିବ। ଶିକ୍ଷା କ୍ଷେତ୍ରରେ ସଫଳତା ମିଳିବ। ଅଫିସ୍‌ରେ କାର୍ଯ୍ୟଭାର ବଢ଼ିପାରେ। ସମସ୍ତ କାର୍ଯ୍ୟକୁ ପୂରା କରିବାରେ ସଫଳ ହେବେ। ଅନେକ ଖୁସି ଖବର ପାଇପାରନ୍ତି।

ବିଛା: ଦିନଟି ମିଶ୍ରଫଳ ପ୍ରଦାନ କରିବ। ବିବାହ ସମସ୍ୟାର ସମାଧାନ ହେବ। ଘରେ ପୂଜାପାଠ, ଭଜନକୀର୍ତ୍ତନ ଆୟୋଜନ କରିବେ। ପ୍ରେମିକ ପ୍ରେମିକାଙ୍କ ମଧ୍ୟରେ ମନୋମାଳିନ୍ୟ ଦେଖାଦେବ।

ଧନୁ: ବନ୍ଧୁଙ୍କ ସହ ବୁଲିବାକୁ ଯିବେ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। କୌଣସି ନୂଆ କାମ ଆରମ୍ଭ କରିବେ। ଉଚ୍ଚଶିକ୍ଷା ପାଇଁ ଭଲ ସମୟ। ଚକ୍ଷୁ ସମସ୍ୟା ଭୋଗିପାରନ୍ତି। ଧାର୍ମିକ କାର୍ଯ୍ୟରେ ସାମିଲ ହେବେ।

ମକର: କର୍ମତତ୍ପର ରହିବେ। ଛାତ୍ରଛାତ୍ରୀମାନେ ନୂଆ ବିଷୟ ପାଇଁ ଆଗ୍ରହ ପ୍ରକାଶ କରିବେ। ସ୍ୱାମୀ-ସ୍ତ୍ରୀଙ୍କ ସମ୍ପର୍କରେ ମଧୁରତା ଦେଖାଦେବ। ଦୂରସ୍ଥାନ ଯାତ୍ରା ସମୟରେ ସତର୍କତା ଅବଲମ୍ବନ କରନ୍ତୁ।

କୁମ୍ଭ: କର୍ମ ଅନୁସାରେ ଫଳ ମିଳିବ। ବ୍ୟବସାୟରୁ ଆଶାଜନକ ଲାଭ ମିଳିବ। ସକାରାତ୍ମକ ଚିନ୍ତାଧାରା ନେଇ ଆଗକୁ ବଢ଼ିବେ। ଭବିଷ୍ୟତ ପାଇଁ ଚିନ୍ତାରେ ରହିବେ ଓ ନୂଆ ଯୋଜନା କରିବେ।

ମୀନ: ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ପଢ଼ା ପାଇଁ ଅର୍ଥ ନିବେଶ କରିବେ। ଦୂରସ୍ଥାନକୁ ବୁଲିବା ଯୋଜନା କରିବେ। ଧାର କରଜରୁ ନିବୃତ୍ତ ରହିବେ। ପୈତୃକ ସମ୍ପତ୍ତିରୁ ଲାଭ ମିଳିବ। ଅତିଥି ସତ୍କାର କରିପାରନ୍ତି।

ଆଜିର ଦିନରେ

- ୧୯୩୩- ପ୍ରଖ୍ୟାତ ବୈଜ୍ଞାନିକ ଆଲବର୍ଟ ଆଇନଷ୍ଟାଇନ୍ ଜର୍ମାନରୁ ଆମେରିକା ଚାଲିଗଲେ।
- ୧୯୭୯- ମଦର ଟେରେସାଙ୍କୁ ନୋବେଲ ଶାନ୍ତି ପୁରସ୍କାର ପ୍ରଦାନ କରାଗଲା।
- ୧୯୯୮- ନାଇଜେରିଆରେ ଏକ ପାଇପ୍ ଲାଇନ୍‌ରେ ବିସ୍ଫୋରଣ ଯୋଗୁଁ ୧୦୮୨ ଲୋକଙ୍କ ମୃତ୍ୟୁ।
- ୨୦୦୯-ମାଳଦ୍ୱୀପ ପାଣି ଭିତରେ ପ୍ରଥମ କ୍ୟାବିନେଟ୍ ବୈଠକ ରଖି ବିଶ୍ୱର ସବୁଦେଶକୁ ଜଳବାୟୁ ପରିବର୍ତ୍ତନର ବିପଦକୁ ଜଣାଇବା ପାଇଁ ଚେଷ୍ଟା କରିଥିଲା।

ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ଧୂପକାଠି ଧୂଆଁ

ହିନ୍ଦୁ ଧର୍ମରେ ପୂଜା, ହୋମଯଜ୍ଞ ଆଦି ସମୟରେ ଧୂପକାଠି ଜଳାଯାଇଥାଏ। ଏହା ଘରେ ସକାରାତ୍ମକ ଶକ୍ତି ଆଣିଥାଏ ବୋଲି ବିଶ୍ୱାସ ରହିଛି। ଧୂପକାଠିର ସୁଗନ୍ଧରେ ପରିବେଶ ମହକିବା ସହ ସକାରାତ୍ମକ ଓ ଆଧ୍ୟାତ୍ମିକ ବାତାବରଣ ଖେଳିଯାଏ। ହେଲେ ଏହାର ଧୂଆଁ ସ୍ୱାସ୍ଥ୍ୟ ପକ୍ଷେ ହାନିକାରକ। ଏପରିକି ଏହି ଧୂଆଁ ଧୀରେ ଧୀରେ ଗମ୍ଭୀର ରୋଗର କାରଣ ହୋଇପାରେ। ଏଥିରେ ବ୍ୟବହାର ହେଉଥିବା ରସାୟନ ଏବଂ ସୁଗନ୍ଧିତ ତତ୍ତ୍ୱ ଜଳିବା ଦ୍ୱାରା ହାନିକାରକ ଗ୍ୟାସ୍ ନିର୍ଗତ ହୁଏ। ଏଥିରୁ କାର୍ବନ ମନୋକସାଇଡ୍, ବେନଜେନ୍, ଫରମାଲଡିହାଇଡ୍ ତତ୍ତ୍ୱ ମିଳିଥାଏ। ତେଣୁ ଲଗାତାର ଧୂପକାଠି ଧୂଆଁ ସଂସ୍ପର୍ଶରେ ଆସିଲେ ଏହା ଫୁସଫୁସ୍ ପାଇଁ କ୍ଷତିକାରକ ହୋଇଥାଏ। ଏହାର ବାଷ୍ପ ଶ୍ୱାସକ୍ରିୟା ମାଧ୍ୟମରେ ଶରୀରକୁ ଗଲେ ଏହା ଅନେକ ଗମ୍ଭୀର ରୋଗର କାରଣ ମଧ୍ୟ ହୋଇପାରେ। ସେହିପରି ଧୂଆଁରେ ଥିବା ରସାୟନ ଚର୍ମ ଓ ଚକ୍ଷୁକୁ କ୍ଷତି ପହଞ୍ଚାଏ। ଏପରିକି ଏହା ହୃଦୟନ୍ତ୍ର ଉପରେ ମଧ୍ୟ ପ୍ରଭାବ ପକାଏ। ତେବେ ଲଗାତାର ଏହାର ସଂସ୍ପର୍ଶରେ ଆସିବା ଦ୍ୱାରା କର୍କଟ ଆଶଙ୍କା ବଢ଼ିଥାଏ। ତେଣୁ ଏହାକୁ ସାବଧାନତାର ସହ ବ୍ୟବହାର କରିବା ଦରକାର। ଏହାକୁ ବ୍ୟବହାର କରିବା ବେଳେ ଘରେ ବାୟୁଚଳାଚଳ ହେଉଥିବା ଆବଶ୍ୟକ। ନିତିଦିନ ଦୀର୍ଘ ସମୟ ପର୍ଯ୍ୟନ୍ତ ଧୂପକାଠି ଜାଳିବା ଅନୁଚିତ। ପିଲା ଓ ବୟସ୍କଙ୍କ ରୁମ୍‌ରେ ଧୂପକାଠି ବ୍ୟବହାର ନ କରିବା ଭଲ। ତେବେ ପରିବେଶକୁ ସୁଗନ୍ଧିତ ରଖିବାକୁ ଚାହୁଁଥିଲେ ଏସେନସିଆଲ ଅଏଲ ଡିଫ୍ୟୁଜର ବ୍ୟବହାର କରିବା ହେଉଛି ଏକ ଉତ୍ତମ ବିକଳ୍ପ। ଅନ୍ୟପକ୍ଷେ ପ୍ରାକୃତିକ ଫୁଲକୁ ଘରେ ରଖିଲେ ପରିବେଶ ସୁଗନ୍ଧମୟ ହୋଇଥାଏ।

ସବୁଠୁ ଅଧିକ ବିଜୁଳି ମାରେ ଏହି ସ୍ଥାନକୁ

ବିଶ୍ୱରେ ଏମିତି ଏକ ସ୍ଥାନ ଅଛି, ଯେଉଁଠାରେ ପ୍ରତ୍ୟେକ ରାତିରେ ଶହ ଶହ ଥର ବିଜୁଳି ମାରିଥାଏ। ଏହି ସ୍ଥାନଟି ହେଉଛି କେଟାଟୁମ୍ବୋ ଲାଇଟନିଂ। ଏହା ଭେନେଜୁଏଲାର ଜୁଲିଆ ରାଜ୍ୟରେ ଅବସ୍ଥିତ। ଏଠାରେ କେଟାଟୁମ୍ବୋ ନଦୀର ସଙ୍ଗମ ବା ମିଳନ ମିରାକାଇବୋ ହ୍ରଦ ସହ ହୋଇଛି। ଏହି ଅଞ୍ଚଳର ଭୌଗୋଳିକ ସଂରଚନା ଏବଂ ଜଳବାୟୁ ଏତେ ନିଆରା ଯେ, ଏହି ସ୍ଥାନ ବିଜୁଳି ଓ ବଜ୍ରପାତ ଲାଗି ପରିଚିତ। ସେହିପରି ଏଠାକାର ଦୃଶ୍ୟ କୌଣସି ଫିଲ୍ମ ସେଟ୍‌ଠାରୁ କମ୍ ନୁହେଁ। କେଟାଟୁମ୍ବୋ ଲାଇଟନିଂ ଅଞ୍ଚଳରେ ବର୍ଷକୁ ପ୍ରାୟ ୨୮୦ ରାତି ବିଜୁଳି ମାରେ ବୋଲି ବିଶେଷଜ୍ଞମାନେ କହନ୍ତି। କେବଳ ସେତିକି ନୁହେଁ, ଗୋଟିଏ ରାତିରେ ପ୍ରାୟ ୧୦ ଘଣ୍ଟା ବିଜୁଳି ମାରିବାର ଦୃଶ୍ୟ ମଧ୍ୟ ଦେଖିବାକୁ ମିଳେ। ତେଣୁ ଏଥିରୁ ଏକପ୍ରକାର ଏହି କଥା ସ୍ପଷ୍ଟ ହେଉଛି ଯେ, ଏଠାକାର ଆକାଶ କେବେ ବି ସମ୍ପୂର୍ଣ୍ଣ ଅନ୍ଧକାରମୟ ହୋଇ ନ ଥାଏ। ଗୋଟିଏ ରାତିରେ ଏଠାରେ ୧୦୦ରୁ ୩୦୦ ଥର ବିଜୁଳି ମାରିବାର ନଜିର ରହିଛି। ଏହି କାରଣରୁ ଏହାକୁ ବିଶ୍ୱର ସର୍ବାଧିକ ବିଜୁଳି ମାରିବା ସ୍ଥାନ ଭାବେ ଗିନିଜ୍ ବିଶ୍ୱ ରେକର୍ଡ ସ୍ୱୀକୃତି ପ୍ରଦାନ କରିଛି। ସେହିପରି ଏଠାକାର ବିଜୁଳି ମାରିବା ଦୃଶ୍ୟ ଏତେ ବେଶୀ ଉଜ୍ଜ୍ୱଳ ଯେ, ଏହାକୁ ୪୦ କିଲୋମିଟର ଦୂରରୁ ଦେଖିବା ସମ୍ଭବ। ଏ ଦୃଶ୍ୟ କେବଳ ବୈଜ୍ଞାନିକଙ୍କ ଲାଗି କେବଳ ଗବେଷଣାର ବିଷୟ ନୁହେଁ, ବରଂ ସ୍ଥାନୀୟ ଲୋକ ଓ ପର୍ଯ୍ୟଟକଙ୍କ ପାଇଁ ଆକର୍ଷଣର କେନ୍ଦ୍ର। ରାତିର ଅନ୍ଧାରରେ ନିରନ୍ତର ବିଜୁଳି ମାରିବାର ଚମକ ଆକାଶକୁ ଏକ ବିଶାଳ ଆଲୋକ ପ୍ରଦର୍ଶନୀ ବା ଲାଇଟ୍ ଶୋ'ରେ ରୂପାନ୍ତରିତ କରିଥାଏ। ଏଠାରେ ପ୍ରତି ସମୟରେ ବିଜୁଳି କାହିଁକି ଗର୍ଜେ, ତାର ରହସ୍ୟ କାହାକୁ ଜଣା ନାହିଁ। ସାଧାରଣତଃ ଗୋଟିଏ ସ୍ଥାନରେ ଏକା ସାଙ୍ଗରେ ଏକରୁ ଅଧିକ ବିଜୁଳି ଗର୍ଜି ନ ଥାଏ। କିନ୍ତୁ ଏଠାରେ ଗୋଟିଏ ସ୍ଥାନରେ ହଜାର ହଜାର ବିଜୁଳି ଏକା ସମୟରେ ଗର୍ଜିଥାଏ। ୧୯୬୦ ମସିହାରେ ଏକ ରିପୋର୍ଟରେ କୁହାଯାଇଥିଲା ଯେ, ଏହି ସ୍ଥାନରେ ୟୁରାନିୟମର ମାତ୍ରା ଅଧିକ ରହିଛି, ତେଣୁ ଏଭଳି ଘଟଣା ଘଟୁଛି। ବୈଜ୍ଞାନିକମାନେ ଏହାକୁ ନେଇ ଅନେକ ଗବେଷଣା ମଧ୍ୟ କରିଛନ୍ତି। ଏଠାରେ ମିଥେନର ମାତ୍ରା ଅଧିକ କାରଣରୁ ଏମିତି ଘଟୁଛି ବୋଲି ବୈଜ୍ଞାନିକମାନେ କହିଛନ୍ତି। କିନ୍ତୁ ଏବେବି ଏହି ୨ଟି ତଥ୍ୟକୁ ନେଇ କୌଣସି ସଠିକ ପ୍ରମାଣ ମିଳିନାହିଁ। ତେଣୁ ଏବେ ବି ଏହା ରହସ୍ୟ ଘେରରେ ରହିଛି।

'ନୋ ଏଣ୍ଟ୍ରି ୨' ଛାଡ଼ିଲେ ବରୁଣ



'ନୋ ଏଣ୍ଟ୍ରି ୨'ରେ ବରୁଣ ଧାୱନ, ଦିଲଜିତ୍ ଦୋସାଞ୍ଜ, ଅର୍ଜୁନ୍ କପୁର ଲିଡ୍ ରୋଲରେ ନଜର ଆସିଥାନ୍ତେ। କିନ୍ତୁ ଏବେ ଏହାର ଦୁଇ ଜଣ କଳାକାର ଫିଲ୍ମ ଛାଡ଼ି ଦେଇଛନ୍ତି। କିଛି ଦିନ ପୂର୍ବରୁ ଦିଲଜିତ୍ ଏଥିରୁ ବାହାରି ଯାଇଥିଲେ। ଏବେ ବରୁଣ ମଧ୍ୟ ଫିଲ୍ମ ଛାଡ଼ି ଦେଇଛନ୍ତି। କିଛି ରିପୋର୍ଟରେ ପ୍ରକାଶ ପାଇଛି। 'ନୋ ଏଣ୍ଟ୍ରି ୨' ୨୦୦୫ରେ ଆସିଥିବା ଫିଲ୍ମ 'ନୋ ଏଣ୍ଟ୍ରି'ର ସିକ୍ୱେଲ। ମୂଳ ଫିଲ୍ମରେ ସଲମାନ୍ ଖାନ୍, ଫରଦିନ ଖାନ୍, ଅନିଲ କପୁର ଦେଖାଯାଇଥିଲେ। ଏହାର ସିକ୍ୱେଲ ନିର୍ମାଣ ବିଷୟରେ ଫିଲ୍ମ ନିର୍ମାତା ଘୋଷଣା କରିବାକୁ ଏଥିରେ ପୁଣି ଥରେ ମୂଳ କଳାକାରମାନେ ନଜର ଆସିବେ ବୋଲି ଦର୍ଶକେ ଭାବୁଥିଲେ। କିନ୍ତୁ ଏଥିରେ ବରୁଣ, ଦିଲଜିତ୍ ଓ ଅର୍ଜୁନଙ୍କୁ ବ୍ରେକ୍ ମିଳିଥିଲା। ବରୁଣ ଏବେ 'ଭେଡିଆ ୨'ର ସୁଟିଂରେ ବ୍ୟସ୍ତ ଅଛନ୍ତି। ୨୦୨୬ ଜୁନ୍ ମାସ ବେଳକୁ ସେ ଫ୍ରି ହେବେ। ବରୁଣଙ୍କ ଯୋଗୁଁ 'ନୋ ଏଣ୍ଟ୍ରି ୨'ର ସୁଟ୍ ଅଟକିଯିବ ଅନୁଭବ କରି ସେ ଫିଲ୍ମ ଛାଡ଼ି ଦେଇଛନ୍ତି। ଇତିମଧ୍ୟରେ ଦିଲଜିତ୍ ଓ ବରୁଣ ଫିଲ୍ମ ଛାଡ଼ି ଦେଇଥିବାରୁ ଏବେ ଫିଲ୍ମ ନିର୍ମାତା ଦୁଇଜଣ ନୂଆ କଳାକାରଙ୍କ ସନ୍ଧାନରେ ଅଛନ୍ତି। ଅନୀସ ବଜ୍ମୀ ଏହାର ନିର୍ଦ୍ଦେଶନା ଦାୟିତ୍ୱରେ ଅଛନ୍ତି। ସେହିପରି ବରୁଣ ଓ ଦିଲଜିତ୍ ଏକାସଙ୍ଗେ 'ବର୍ଡର ୨' ଫିଲ୍ମରେ ନଜର ଆସିବେ।

ବିଶ୍ୱ ଆଘାତ ଦିବସ



ବର୍ତ୍ତମାନ ସମୟରେ ଟ୍ରମା ବା ମାନସିକ ଆଘାତ ଏକ ପ୍ରମୁଖ ସ୍ୱାସ୍ଥ୍ୟ ସମସ୍ୟା। ଏହା ଅକସ୍ମାତ୍ ହୃତ୍‌ପିଣ୍ଡ ଏବଂ ମସ୍ତିଷ୍କ ଉପରେ ଗଭୀର ପ୍ରଭାବ ପକାଇଥାଏ। ଏହି ରୋଗ ପ୍ରତି ସଚେତନତା ସୃଷ୍ଟି କରିବାକୁ ପ୍ରତିବର୍ଷ ଅକ୍ଟୋବର ୧୭ ତାରିଖକୁ ବିଶ୍ୱ ଟ୍ରମା ଦିବସ ଭାବେ ପାଳନ କରାଯାଇଆସୁଛି। ଟ୍ରମା ପୀଡ଼ିତଙ୍କୁ ସମର୍ଥନ କରିବା ତଥା ଉପଯୁକ୍ତ ଚିକିତ୍ସା ଯୋଗାଇବା ସମ୍ପର୍କରେ ଶିକ୍ଷା ପ୍ରଦାନ କରିବା ଏହି ଦିବସର ମୂଳ ଲକ୍ଷ୍ୟ।

ଟ୍ରମା ଯେକୌଣସି ବୟସରେ ହୋଇପାରେ। ଟ୍ରମାଟିକ୍ ଆଘାତ ପାଇ ଅଧିକାଂଶ ବିକଳାଙ୍ଗ ହୋଇଯାଆନ୍ତି। ଏଥିରେ ମସ୍ତିଷ୍କ ଆଘାତ ପ୍ରମୁଖ ସମସ୍ୟା। ସଡ଼କ ଦୁର୍ଘଟଣା, ହିଂସା, ପ୍ରାକୃତିକ ବିପର୍ଯ୍ୟୟ, ଆଦି ଜଣଙ୍କୁ ଆଘାତ ଦେଇଥାଏ। ଆଘାତର ପ୍ରଭାବ ପ୍ରତ୍ୟେକଙ୍କଠାରେ ଭିନ୍ନ ଭିନ୍ନ ଲକ୍ଷଣ ଭାବେ ଦେଖାଯାଇଥାଏ। ଶରୀର ଯନ୍ତ୍ରଣା ହେବା, ଅବସାଦ, ଚିନ୍ତା, କ୍ରୋଧ, ଅନିଦ୍ରା ଆଦି ଏହି ରୋଗର ଲକ୍ଷଣ ହୋଇଥାଏ। ରୋଗର ଚିହ୍ନଟ ପାଇଁ ଡାକ୍ତରଙ୍କ ପରାମର୍ଶରେ ସିଟି ଏବଂ ଏମ୍‌ଆରଆଇ ସ୍କାନ କରାଯାଏ। ଅଭିଜ୍ଞ ଟ୍ରମା ସ୍ପେଶାଲିଷ୍ଟ, ନ୍ୟୁରୋସର୍ଜନ, ହୃଦ୍‌ରୋଗ ବିଶେଷଜ୍ଞ, ଅର୍ଥୋପେଡିକ୍‌ଙ୍କ ତତ୍ତ୍ୱାବଧାନରେ ଚିକିତ୍ସା ଯୋଗାଇ ହୁଏ। ବିଶ୍ୱ ଆଘାତ ଦିବସରେ ସ୍କୁଲ, କଲେଜ ତଥା ବିଭିନ୍ନ ସଂଗଠନରେ ଟ୍ରମା ପୀଡ଼ିତଙ୍କୁ ମାନସିକସ୍ତରରେ କିପରି ସାହାଯ୍ୟ ଯୋଗାଇ ହେବ ସେନେଇ ଜାଗ୍ରତ କରାଯାଏ। ଏନେଇ ସରକାରୀସ୍ତରରେ ବିଭିନ୍ନ ଉନ୍ନୟନମୂଳକ ପଦକ୍ଷେପ ସହିତ ଅଧିକ ଟ୍ରମା କେୟାର ସେଣ୍ଟରମାନ ରହିଛି।

ଶିଶୁ କର୍କଟ
ପ୍ରାରମ୍ଭିକ ଅବସ୍ଥାରୁ ଚିହ୍ନଟ ଜରୁରି

ଦୈନନ୍ଦିନ ଜୀବନଚର୍ଯ୍ୟା, ଖାଦ୍ୟପେୟ ଶୈଳୀ, ଶାରୀରିକ ନିଷ୍କ୍ରିୟତା, ବଂଶାନୁଗତ ଆଦି କାରଣରୁ କର୍କଟ ରୋଗ ହୋଇଥାଏ। ଏହି ରୋଗ ସାଧାରଣତଃ ବୟସ୍କଙ୍କ ସହିତ ଅଧିକ ଜଡ଼ିତ। ହେଲେ ଏବେ ଶିଶୁ କର୍କଟ ବୈଶ୍ୱିକସ୍ତରରେ ଚିନ୍ତା ସୃଷ୍ଟି କରୁଛି। ଛୋଟ ପୁଅ-ଝିଅଙ୍କ ମଧ୍ୟରେ ଭିନ୍ନ ଭିନ୍ନ ପ୍ରକାର କର୍କଟ ଦେଖାଯାଉଛି। ତେଣୁ ଏହି କର୍କଟର ପ୍ରାରମ୍ଭିକ ଅବସ୍ଥାକୁ ଚିହ୍ନଟ କରି ଚିକିତ୍ସା କରିବା ଜରୁରି।

ଶିଶୁ କର୍କଟ ଏକ ବିରଳ ରୋଗ। ପ୍ରଥମତଃ ପ୍ରଦୂଷଣ, ପରିବେଶଗତ ସମସ୍ୟା, ବଂଶାନୁଗତ, ମା'ମାନେ ନିଶାସେବନ ବା ଧୂମପାନ କରିବା, ଗର୍ଭାବସ୍ଥାରେ ମାତୃସ୍ୱାସ୍ଥ୍ୟ ସଂକ୍ରମଣ ଏବଂ ନିର୍ଦ୍ଦିଷ୍ଟ ଜେନେଟିକ୍ ଅବସ୍ଥା ପରି କାରଣଗୁଡ଼ିକ ଶିଶୁ କର୍କଟର ରୋଗର ବିପଦକୁ ପ୍ରଭାବିତ କରିପାରେ।

ପୁଅଙ୍କୁ ଲ୍ୟୁକେମିଆ ଓ ଝିଅଙ୍କୁ କିଡ୍‌ନୀ ଟ୍ୟୁମରର ବିପଦ

ପୁଅ ଓ ଝିଅଙ୍କ ମଧ୍ୟରେ କର୍କଟ ବିପଦର ସାମାନ୍ୟ ପାର୍ଥକ୍ୟ ଦେଖାଯାଏ। ସ୍ୱାସ୍ଥ୍ୟ ଗବେଷଣାରୁ ଜଣାପଡ଼ିଛି ଯେ, ପୁଅଙ୍କୁ ଲ୍ୟୁକେମିଆ, ଲିମ୍ଫୋମା, ମସ୍ତିଷ୍କ ଟ୍ୟୁମର ଏବଂ ନ୍ୟୁରୋବ୍ଲାଷ୍ଟୋମା ଭଳି କର୍କଟ ବିପଦ ଅଧିକ ଥିବାବେଳେ ଝିଅଙ୍କ କ୍ଷେତ୍ରରେ କିଡ୍‌ନୀ ଟ୍ୟୁମର (ବୃକକ ଟ୍ୟୁମର) ଅଧିକ ଦେଖାଯାଏ। ଏହି ଲିଙ୍ଗଗତ ପାର୍ଥକ୍ୟ ପଛରେ କାରଣକୁ ଏବେବି ବିଶେଷଜ୍ଞମାନେ ଅନୁସନ୍ଧାନ କରୁଛନ୍ତି।

ଲକ୍ଷଣକୁ ବୁଝନ୍ତୁ: ଶିଶୁଙ୍କଠାରେ ଲଗାତାର ଅସାଧାରଣ ଲକ୍ଷଣ ଯେପରିକି ବିନା କାରଣରେ ଓଜନ କମ୍ ହେବା, ଅବସାଦ, ଦୀର୍ଘ ସମୟ ଧରି ଜ୍ୱର ରହିବା, ଲସିକା ଗ୍ରନ୍ଥି ଫୁଲିରହିବା, ବାରମ୍ବାର ରକ୍ତ ବାହାରିବା, ହାଡ଼ ଯନ୍ତ୍ରଣା ଆଦି ଲକ୍ଷଣ ଦେଖାଦେଲେ ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ। ତେବେ ଶିଶୁ କର୍କଟର ବିପଦ ବୟସ୍କ କର୍କଟ ରୋଗ ପରି ନୁହେଁ। ଡାଉନସିଣ୍ଡ୍ରୋମ, ଏଚ୍‌ଆଇଭି, ଏପଷ୍ଟିନ୍-ବାର ଭୂତାଣୁ, କିମ୍ବା ବଂଶାନୁଗତ ସମସ୍ୟା ଥିଲେ ଗର୍ଭାବସ୍ଥା ସମୟରେ ବି ମା'ମାନେ ସ୍କ୍ରିନିଂ କରାଇ ପାରିବେ।

କର୍କଟ ଆଶଙ୍କାକୁ କମ୍ କରିବାର ଉପାୟ: ତେଲ ଲୁଣ, ରାଗ ଓ ମସଲା ଖାଦ୍ୟ ବଦଳରେ ଶିଶୁଙ୍କୁ ବିଭିନ୍ନ ପ୍ରକାର ଫଳ, ପନିପରିବା ଯୁକ୍ତ ସନ୍ତୁଳିତ ଖାଦ୍ୟ ଖାଇବାକୁ ଦିଅନ୍ତୁ। ମା'ମାନେ ଫୋଲିକ ଏସିଡ୍ ଯୁକ୍ତ ପ୍ରିନାଟାଲ ଭିଟାମିନ୍ ଗ୍ରହଣ କରିବା ଦ୍ୱାରା ଲ୍ୟୁକେମିଆ ଏବଂ ମସ୍ତିଷ୍କଟ୍ୟୁମରର ବିପଦ ହ୍ରାସ ହୋଇଥାଏ। ପିଲାଙ୍କୁ ଖେଳକୁଦ ତଥା ଶାରୀରିକ ସକ୍ରିୟ ରହିବାକୁ ପ୍ରୋତ୍ସାହିତ କରନ୍ତୁ। ସ୍କ୍ରିନ୍ ସମୟ କମ୍ କରିବା ସହ ଧୂଆଁ, ବାୟୁ ପ୍ରଦୂଷଣ, ଏକ୍ସରେ କିମ୍ବା ସିଟିସ୍କାନ ଭଳି ଅନାବଶ୍ୟକ ପରୀକ୍ଷା ଆଦିରୁ ପିଲାଙ୍କୁ ଦୂରେଇ ରଖନ୍ତୁ। ଭିଟାମିନ୍ ଡି ସେବନ କର୍କଟ ଆଶଙ୍କାକୁ ହ୍ରାସ କରିବାରେ ମଧ୍ୟ ସହାୟକ ହୋଇଥାଏ।

ଶିଶୁଙ୍କୁ ହେପାଟାଇଟିସ୍ ବି (ଏଚ୍‌ବିଭି) ଏବଂ ହ୍ୟୁମାନ୍ ପାପିଲୋମା ଭୂତାଣୁ (ଏଚ୍‌ପିଭି) ପରି ଟିକାକରଣ କରିବାକୁ ଭୁଲନ୍ତୁନି। ଏହା ଯକୃତ କର୍କଟ ତଥା ଅନ୍ୟାନ୍ୟ କର୍କଟରୁ ସୁରକ୍ଷା ଦେବାରେ ସାହାଯ୍ୟ କରେ। ଅସ୍ୱାଭାବିକ ଲକ୍ଷଣ ଦୀର୍ଘ ସମୟ ଧରି ଦେଖାଗଲେ ଶିଶୁ ବିଶେଷଜ୍ଞଙ୍କ ପରାମର୍ଶ କରନ୍ତୁ। ନିୟମିତ ଶିଶୁଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ଦ୍ୱାରା ଗମ୍ଭୀର ସ୍ୱାସ୍ଥ୍ୟ ସମସ୍ୟା ବିଷୟରେ ପ୍ରାଥମିକ ଅବସ୍ଥାରୁ ଜଣାପଡ଼ିଥାଏ।

ସ୍ମାର୍ଟ ଡେଣ୍ଟାଲ ମେସିନ୍
ଦୁଇ ମିନିଟ୍‌ରେ ମିଳିବ ଦାନ୍ତ ରିପୋର୍ଟ

ଦାନ୍ତବିନ୍ଧା ଏକ ସାଧାରଣ ସମସ୍ୟା। ଦାନ୍ତ ପୋକ ଖାଇଲେ, ଅଧା ଭାଙ୍ଗିଗଲେ, ମାଢ଼ି ସଂକ୍ରମଣ ଆଦି କାରଣରୁ ଦାନ୍ତ ବିନ୍ଧା ହୋଇଥାଏ। ଦାନ୍ତ ବିନ୍ଧା ଯୋଗୁଁ କାନ, ବେକରେ ଯନ୍ତ୍ରଣା ହୁଏ। ତେଣୁ ଦାନ୍ତର ଠିକ୍ ଯତ୍ନ ନେବା ସହ ଡାକ୍ତରଙ୍କ ପରାମର୍ଶରେ ନିୟମିତ ଦାନ୍ତ ପରୀକ୍ଷା କରାଯାଏ। ହେଲେ ଏବେ ଦିଲ୍ଲୀ, ମୌଲାନା ଆଜାଦ୍ ଇନଷ୍ଟିଚ୍ୟୁଟ୍ ଅଫ୍ ଡେଣ୍ଟାଲ ସାଇନ୍ସରେ ଏକ ସ୍ମାର୍ଟ ଡେଣ୍ଟାଲ ମେସିନ୍ ଲଗାଯାଇଛି। ଯାହାଦ୍ୱାରା ଜଣେ ବ୍ୟକ୍ତି ନିଜେ ନିଜର ଦାନ୍ତ ସ୍କାନ କରି ଏହାର ସୁସ୍ଥତା ବିଷୟରେ ଜାଣିପାରିବେ। ଏହି ମେସିନ୍‌ଟି ଏଆଇ ଆଧାରିତ ସ୍କାନ୍ ଓ ସ୍କୋର ମେସିନ୍। ଏଆଇ ଆଧାରିତ ନାରୀ ରୋବଟ ଏହି ଯାଞ୍ଚରେ ସାହାଯ୍ୟ କରିବ। ଏଥିପାଇଁ ଜଣେ ମେସିନ୍ ପାଖେ ଛିଡ଼ା ହୋଇ ନିଜର ମୋବାଇଲ ନମ୍ବର, ନାଁ, ଲିଙ୍ଗ, ବୟସ ଆଦିର ସୂଚନା ଦିଅନ୍ତି। ମେସିନ୍‌ରେ ଲାଗିଥିବା କ୍ୟାମେରା ବ୍ୟକ୍ତିଙ୍କ ଦାନ୍ତକୁ ସ୍କାନ କରି ଫଟୋ ନେଇଥାଏ। ସ୍କାନ ହୋଇଥିବା ଫଟୋ ଆଧାରରେ ଏଆଇରେ ରିପୋର୍ଟର ମୂଲ୍ୟାଙ୍କନ ହୁଏ। ଦୁଇ ମିନିଟ୍‌ରେ ରିପୋର୍ଟ ଦିଏ। ରିପୋର୍ଟଟି ପୀଡ଼ିତଙ୍କ ହ୍ୱାଟସ୍‌ଆପ୍‌କୁ ପଠାଯାଏ। ରିପୋର୍ଟ ଆଧାରରେ ଜଣେ ଡାକ୍ତରଙ୍କ ପରାମର୍ଶ ନେଇ ଚିକିତ୍ସା ପାଆନ୍ତି। ଏହି ମେସିନ୍ ସାହାଯ୍ୟରେ ଦାନ୍ତଜନିତ ରୋଗ ତଥା ମୁଖ ଗହ୍ୱର କର୍କଟର ପ୍ରାରମ୍ଭିକ ଅବସ୍ଥାରେ ଜଣାପଡ଼ିବ।

ଶରୀରକୁ ସୁସ୍ଥ ରଖେ ସଜନା ପତ୍ର ଚୂର୍ଣ୍ଣ

ଆୟୁର୍ବେଦରେ ସଜନା ପତ୍ରକୁ ସବୁଠୁ ଶକ୍ତିଶାଳୀ ଔଷଧ ଭାବେ ବିବେଚନା କରାଯାଏ। ଏହି ପତ୍ରରେ ଭିଟାମିନ୍, ଆଣ୍ଟି ଅକ୍ସିଡାଣ୍ଟ, ପ୍ରୋଟିନ୍ ଆଦି ପ୍ରଚୁରମାତ୍ରାର ରହିଛି। ତେଣୁ ଏହାକୁ ସେବନ କରିବା ଦ୍ୱାରା ଶରୀରରେ ବିଭିନ୍ନ ରୋଗ ଦୂର ହୋଇଥାଏ।

- ସଜନା ପତ୍ରକୁ ଛାଇ ଶୁଷ୍କ କରି ଚୂର୍ଣ୍ଣ କରି ସେବନ କଲେ, ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ପାଏ। ଅବସାଦ ଦୂର ହୁଏ। ଏଥିରେ ଭିଟାମିନ୍-ଏ ଥିବାରୁ ଏହା ଦୃଷ୍ଟିଶକ୍ତି ବୃଦ୍ଧି କରାଏ। ଶରୀରକୁ ସୁସ୍ଥ ରଖେ।
- ସଜନା ପତ୍ରରେ ଆଣ୍ଟି ଇନ୍‌ଫ୍ଲାମେଟରୀ ଗୁଣ ରହିଛି। ଏହା ଶରୀରକୁ ବିଭିନ୍ନ ସଂକ୍ରମଣରୁ ସୁରକ୍ଷା ଦିଏ। ଜ୍ୱର, ଥଣ୍ଡା, ଅନ୍ୟାନ୍ୟ ରୋଗରୁ ମୁକ୍ତି ମିଳିଥାଏ।
- ସଜନାପତ୍ର ଚୂର୍ଣ୍ଣ ନିୟମିତ ଖାଇଲେ ମାଂସପେଶୀ ଶକ୍ତ ହୋଇଥାଏ। ଏହା ରକ୍ତରେ ଶର୍କରାକୁ ନିୟନ୍ତ୍ରଣ କରେ। ମଧୁମେହ ରୋଗୀଙ୍କ ପାଇଁ ଏହା ଭଲ। ଏହି ଚୂର୍ଣ୍ଣ ପାଚନକ୍ରିୟାକୁ ସକ୍ରିୟ କରି କୋଷ୍ଠକାଠିନ୍ୟ, ଗ୍ୟାସ୍ ଆଦି ଦୂର କରେ।
- ଆୟୁର୍ବେଦ ଚିକିତ୍ସକଙ୍କ ପରାମର୍ଶ ନେଇ ଏହି ଚୂର୍ଣ୍ଣକୁ ଅନୁମୋଦିତ ହାରରେ ଦୁଗ୍ଧ, ପାଣି କିମ୍ବା ଜୁସ୍‌ରେ ମିଶାଇ ସକାଳୁ ଖାଲି ପେଟରେ କିମ୍ବା ଖାଇବା ପରେ ସେବନ କରିପାରିବେ। କୌଣସି ସ୍ୱାସ୍ଥ୍ୟ ସମସ୍ୟା ଥିଲେ ଡାକ୍ତରଙ୍କ ପରାମର୍ଶରେ ଏହାକୁ ସେବନ କରିବା ଆବଶ୍ୟକ।

ଉତ୍କଳ ସମାଚାର

ସମ୍ପାଦକୀୟ...

ବୁଧବାର ୧୩ ମେ ୨୦୨୬

ଯାତନାର ମର୍ମ

ମୋର ହେତୁ ହେଲା ବେଳକୁ ସେ ଗାଁର ପ୍ରାଥମିକ ସ୍କୁଲରୁ ଅବସର ନେଇ ସାରିଥିଲେ, ହେଲେ 'ମାଷ୍ଟର ବୁଢ଼ା', ଅର୍ଥାତ୍ ଗାଁ ସମାଜର ଜଣେ 'ବଡ଼', 'ଗଣ୍ୟ' ନାଁରେ ଲୋକ ତାଙ୍କୁ ଜାଣୁଥିଲେ । କିଛି ପୈତୃକ ଜମି ଥିଲା, ତାକୁ ଚାକିରି ଦିନରୁ ଜଣେ 'ଗୋତି' ରଖି, ଚାଷ କରୁଥିଲେ । ପଶ୍ଚିମ ଓଡ଼ିଶାରେ 'ଗୋତି' ହେଲା ସାହୁକାର କ୍ଷେତରେ କାମ କରିବା ପାଇଁ ଚୁକ୍ତିବଦ୍ଧ କୃଷି ମଜୁରିଆ । ଜଣେ ଗୋତିର ଚାଷ; ତାଙ୍କୁ ଜମିଦାର କହି ହେବ ନାହିଁ । ପୂର୍ବରୁ ମୋର ଧାରଣା ଥିଲା ଏହି ସାମନ୍ତ ପ୍ରଥା କେବଳ ପଶ୍ଚିମ ଓଡ଼ିଶାର ଗ୍ରାମୀଣ ଅର୍ଥନୀତି ଯାଏ ସୀମିତ । ଗୋପୀନାଥ ମହାନ୍ତିଙ୍କ ଉପନ୍ୟାସରୁ ଜାଣିଲି, ଏହାର ପ୍ରଚଳନ କୋରାପୁଟର ଆଦିବାସୀ ସମାଜରେ ବି ଥିଲା । ପ୍ରଭେଦ ହେଲା, ପଶ୍ଚିମ ଓଡ଼ିଶାରେ ଗୋତି ଓ ସାହୁକାର ମଧ୍ୟରେ ଚୁକ୍ତି କେବଳ ଗୋଟାଏ କୃଷିବର୍ଷ ପାଇଁ; ପୁଷପୁନି (ପୌଷପୂର୍ଣ୍ଣିମା)ରେ ଚୁକ୍ତି ପୂରେ; ନୂଆ ଚୁକ୍ତି ହେବା ଯାକେ ଗୋତି ସ୍ୱାଧୀନ; ଚୁକ୍ତି ଅବଧିରେ ଗୋତିର ଅନ୍ୟ ସାହୁକାର ପାଖରେ କାମ କରିବା ନିଷେଧ । ସାହୁକାର ଓ ଗୋତି ହେଲେ ସର୍ବଦା ଜମିମାଲିକ ଓ ଜମିହୀନ ଭଳି ଦୁଇଟି ସ୍ୱତନ୍ତ୍ର ବର୍ଗ । ଗୋତି ସ୍ୱାଧୀନ ନ ହେଲେ ସୁଦ୍ଧା ପୂରାପୂରି 'ବନ୍ଧୁଆ' ନୁହେଁ, ତା' ହାତରେ ନିଜ ପରିବାର ଲାଗି କିଛି ସମୟ ରହିଥାଏ । ଆମ ଅଂଚଳରେ କନ୍ୟା-ମୂଲ୍ୟ ପରିଶୋଧ କରିବା ପାଇଁ ଜୋଇଁପୁଅ ଶ୍ୱଶୁର ଘରେ ଗୋତି ଖଟେନା । ଗାଁର ବଡ଼ବଡ଼ ସାହୁକାର ଘରେ ପାଂଚ-ସାତ ଜଣ ଗୋତି ରହିଥାନ୍ତି । 'ମାଷ୍ଟର ବୁଢ଼ା' ମାତ୍ର ଜଣେ ଗୋତିର ସାହୁକାର । ସଂପ୍ରତି ବଜାରର ଦ୍ରୁତ ହସ୍ତକ୍ଷେପ ଯୋଗୁଁ ଆମ ଅଂଚଳରେ ଗୋତି ପ୍ରଥା ଆଉ ନାହିଁ । ଏକଦା 'ମାଷ୍ଟର ବୁଢ଼ା' କୁଆଡ଼େ ସଫଳ ଚାଷୀ ହେବା ସାଙ୍ଗକୁ ଜଣେ 'ଭଲ' ଶିକ୍ଷକ ଥିଲେ । ଭଲ ଶିକ୍ଷକର ସେ ବେଳର ପରିଭାଷା ଅନୁଯାୟୀ, ସେ କ୍ଷେତ କାମ ବେଳେ ବି ନିୟମିତ ସ୍କୁଲ ଯାଉଥିଲେ ଏବଂ ପିଲାଙ୍କ ଉପରେ ବେତର ଖୁବ୍ ପ୍ରୟୋଗ କରୁଥିଲେ; ପିଲାଙ୍କର ତାଙ୍କ ପ୍ରତି ପ୍ରାଣେ ଭୟ । ଖରାଦିନେ ସ୍କୁଲରେ ସକାଳ ପଢ଼ା; ତେଣିକି ଅମାନିଆ ପିଲାଏ ଦିନଯାକ ଖରାରେ ବୁଲନ୍ତି । ଘର ଭିତରେ ପିଲାଙ୍କୁ ରଖିବା ବଡ଼ କଷ୍ଟ । ସେତେବେଳେ 'ମାଷ୍ଟର ବୁଢ଼ା'ର ଦାୟିତ୍ୱ ବଢ଼ିଯାଏ । ଲୋକଙ୍କ ଆଗ୍ରହରେ, ସେ ସ୍କୁଲ ଉନ୍ନାରୁ ପ୍ରତିଦିନ ନିଜ ଘର ବାରଣ୍ଡାରେ ପିଲାଙ୍କୁ ପଢ଼ାନ୍ତି; ଖରାରେ ପିଲାଙ୍କ ବୁଲିବା ହୁଏନା । ଏହି ବେଳାରେ ବେତ ସାଙ୍ଗରେ କାନମୋଡ଼ା, ଚଟକଣା, ପେଟ ଚିମୁଟା ଆଦି ଅନେକ ଅଭିନବ ଉପାୟର ସେ ଉପଯୋଗ କରନ୍ତି । ଶିକ୍ଷକ ଭାବରେ ତାଙ୍କର ଖ୍ୟାତି ବଢ଼େ । ପିଲା ଆୟତିରେ ରହନ୍ତି । ବିନା ମାଡ଼ରେ ପାଠ କଥା ସବୁରି ଚିନ୍ତାର ବାହାରେ । ଯେମିତି, ସାନ ପିଲା ହେଲେ ଅରଣା ମଇଁଷି, ବିନା ତାଡ଼ନାରେ ଆୟତ୍ତ ହେବେନି ! ଗାଁରେ ମୋର ଜଣେ ଖୁବ୍ ପରିଚିତ ହେଲା ନବ; ସେ ଜମିହୀନ, ଘାସୀ (ଦଳିତ) ଜାତିର; ସାହୁକାର ଘରେ ଗୋତି ଖଟି ପରିବାର ପାଳେ । ମୋ ଠାରୁ ବୟସରେ ଯଥେଷ୍ଟ ବଡ଼ । ଆମ ପରିଚୟର ଆଧାର ହେଲା- ମୋ ପାଠପଢ଼ା ଓ ତା' ଖୋଲାମେଲା ସ୍ୱଭାବ । ସେ ଖୁବ୍ ଖୁସି ଯେ ମୁଁ 'ସୋହେଲା ପାଠ', ଅର୍ଥାତ୍ ସ୍କୁଲ ପାଠ ଶେଷ କରି କଲେଜରେ ପଢ଼ୁଥିଲି; ଏହା କୁଆଡ଼େ ଗାଁ ଲାଗି ଏକ ଗୌରବ ! ମୋ ଠାରୁ ତା'ର କିଛି ଦାବି ନ ଥାଏ । ମତେ ଭଲ ଲାଗେ, ତା' କଥାବାର୍ତ୍ତା; ନିଜ ଉପରେ ବି ସେ ଖୁବ୍ ହସିପାରେ । ମୁଁ ଗାଁକୁ ଗଲେ ତା'ର-ମୋର ନିହାତି ଭେଟ ହୁଏ । ନିରୋଳାରେ ଗପିବା ଲାଗି ଦୁହେଁ ସୁବିଧା ଉଣ୍ଟୁ । ଦିନେ ନବ କହିଲା, 'ମାଷ୍ଟର ବୁଢ଼ା' ଭଲ ଲୋକ ନୁହେଁ । ସେଥିପାଇଁ ଗତ ବର୍ଷ ତା' ଘରେ ଗୋତି ରହିବାକୁ ମୁଁ ମନା କଲି । ଅନ୍ୟଥା ସେ ଦୁଇ ଥର ମତେ ମନାଇବାକୁ ପଡ଼ାକୁ ଆସିଥିଲା । ମୁଁ ପଚାରିଲି, ''ଅଛୁଆଁ ଜାତି ବୋଲି ଏମିତିରେ ତୁମମାନେ ହେଲ ସାହୁକାରର ଶେଷ ପସନ୍ଦ । ସେଥିରେ ତୁ ତାଙ୍କ ଘରେ ଗୋତି ରହିବାକୁ ମନା କଲୁ କାହିଁକି !'' ନବର ଉତ୍ତର ମତେ କୈଶୋରାବସ୍ଥାରେ ପ୍ରଥମ ଗପ, 'ପୌଷ ପାହିଲେ ଯାଇ', ଲେଖିବାକୁ ବାଧ୍ୟ କରିଥିଲା । କହିଲା, ''ମୋର ପାଠପଢ଼ା ଲାଗି ନିରକ୍ଷର ବାପା-ମା'ର କୌଣସି ତାଗିଦ ନ ଥିଲା । ତଥାପି ପିଲାଦିନେ ମୋର ଭାରି ଇଚ୍ଛା ଥିଲା ପାଠ ପଢ଼ିବାକୁ; ସାହେବ ହେବା କଥା ମନକୁ ଆସେନା; ଇଚ୍ଛା ହୁଏ, ଫୁଲପ୍ୟାଂଟ-ସାର୍ଟ ପିନ୍ଧିବି, ଆଖିରେ କଳା ଚାଷମା, ହାତରେ ଘଡ଼ି ବାନ୍ଧିବି । ନିୟମିତ ସ୍କୁଲ ଯାଏଁ । ସ୍କୁଲରେ ସବୁ ପିଲା ମାଷ୍ଟର ହାତରୁ ସାନସାନ କଥାରେ ବେତମାଡ଼, ନୋହିଲେ ବିଧା-ଚାପୁଡ଼ା ଖାଆନ୍ତି; ମତେ ବି ମିଳେ । ତହିଁରେ କାହାରି ଆପତ୍ତି ନ ଥାଏ । ବରଂ ଖୁସି ଲାଗେ, ସଭିଙ୍କ ସାଙ୍ଗରେ ବସୁଛି, ମୋ ଦେହରେ 'ଆଜ୍ଞା'ଙ୍କ ହାତ ବାଜୁଛି ! ମାତ୍ର, ଖରାଦିନେ ଦୁଇପହରେ 'ମାଷ୍ଟର ବୁଢ଼ା' ଘର ବାରଣ୍ଡାରେ ବସି ପଢ଼ିଲା ବେଳେ, ନିୟମ ବଦଳିଯାଏ । ଏହା ଖୁବ୍ ବାଧେ । ବୁଢ଼ୀ ଓ ଘରଲୋକଙ୍କ ତାଗିଦାରେ ବୁଢ଼ା ମତେ 'ଅଛୁଆଁ' ବୋଲି ଅଲଗା ବସିବାକୁ କହେ । ତା' ଠାରୁ ଅଧିକ ବାଧେ, ପିଟିବା ଲାଗି ମତେ ଛୁଇଁବାକୁ ପଡ଼ିବନି ବୋଲି ବୁଢ଼ା ନିଜେ ବସିଥିବା ପିଢ଼ା ମୋ ଉପରକୁ ଫିଙ୍ଗିଦିଏ । ଅବଶ୍ୟ ମୁଁ ତରକି ଯାଏଁ, ପିଢ଼ା ଦେହରେ ବାଜେନା । ନୋହିଲେ ରୋଜ ମୁଣ୍ଡ ଫାଟୁଥାନ୍ତା । ବାକିମାନେ ହସନ୍ତି, ମୋ ଉପରେ ଯେତେ ନୁହେଁ, ଲକ୍ଷ୍ୟ ସିଦ୍ଧିରେ ବିଫଳ 'ମାଷ୍ଟର ବୁଢ଼ା' ଉପରେ ତା' ଠାରୁ ଅଧିକ । ଏଥିରେ ବୁଢ଼ାର ରାଗ ଆହୁରି ବଢ଼େ । ତା'ର କହିବା କଥା, ମୋର ସ୍କୁଲକୁ ଆସିବାରେ ତା'ର ଆପତ୍ତି ନାହିଁ, ହେଲେ ଘରକୁ ନ ଆସିବା କଥା । ସ୍କୁଲରେ ପିଟିବା ବେଳେ ଛୁଆଁ ହେବାର ଭୟ ନ ଥାଏ, ଘରେ ସେହି ଭୟରେ ପିଢ଼ା ଫିଙ୍ଗିବାକୁ ପଡ଼େ । ଜାତିକୁ ନେଇ ସ୍କୁଲ ଓ ତା' ଘର ମଧ୍ୟର ପାର୍ଥକ୍ୟ ଯୋଗୁଁ ଶେଷରେ ତୃତୀୟ ଶ୍ରେଣୀରେ ମୁଁ ପଢ଼ା ଛାଡ଼ିଲି । ସେହି ରାଗରେ ଗତ ବର୍ଷ ତା' ଘରେ ଗୋତି ରହିବାକୁ ମନା କଲି ।'' ଅବଶ୍ୟ ନବ ମନାକଲା ବୋଲି ଯେ ବୁଢ଼ାର କ୍ଷତି ହେଲା, ତାହା ନୁହେଁ; ସେ ଆଉ କାହାକୁ ଗୋତି ରଖିଲା ! ହେଲେ ନବର ସ୍ମୃତିରୁ ତାହା ଏଯାଏଁ ଯାଇନି; ଏବେ ବି ତା' ରାଗ 'ମାଷ୍ଟର ବୁଢ଼ା' ଉପରେ । ଆଜି ଏହା ଲେଖିଲା ବେଳକୁ 'ମାଷ୍ଟର ବୁଢ଼ା' ଓ ନବ କେଉଁ କାଳୁ ନାହାନ୍ତି । 'ଅଛୁଆଁ' ଜାତିର ପିଲାଙ୍କ ପ୍ରତି ସେହି ଧରଣର ଭେଦଭାବ, ଅଥବା ଟିକି ପିଲାଙ୍କ କୋମଳ ଶରୀରରେ ବେତ ମାଡ଼ ଏବେ ଏକ ଧର୍ତ୍ତବ୍ୟ ଅପରାଧ ! ହେଲେ, ଶିକ୍ଷାୟତନଗୁଡ଼ିକରେ ଭେଦଭାବ ନିର୍ମୂଳ ହୋଇନି । ଶୈଶବରେ ପିଲା ପ୍ରତି କରାଯାଇଥିବା ଭେଦଭାବ, ଦୁର୍ବ୍ୟବହାର ଅଥବା ଯଥେଚ୍ଛାଚାରର କ୍ଷତ ସହଜରେ ଭରେନା ।

କାଳିଦାସ କିଏ ଓ କେବେ

ଅନେକ ଗୁଣୀଜନ ଏକମତ ହୁଅନ୍ତି ଯେ ଭାରତର ଅମର ଗୌରବ, କବି କୁଳ ଅବତଂଶ କାଳିଦାସଙ୍କ ସମ୍ବନ୍ଧରେ କିଛି କହିବା ଲାଗି ହେଲେ ମଧ ମା' ସରସ୍ୱତୀଙ୍କ ଆଶିଷ ଓ ଆଦେଶ ପାଇବାକୁ ପଡ଼ିଥାଏ । କିନ୍ତୁ ଏକ ବିଡ଼ମ୍ବନାପୂର୍ଣ୍ଣ ଧୃଷ୍ଟତା ହେଲା ଅନେକ ଅକବି ନିଜ ରଚନାବଳୀକୁ କାଳଜୟୀ କରିବା ପାଇଁ ମହାକବି କାଳିଦାସ ସେ ସବୁର ସ୍ରଷ୍ଟା ବୋଲି ଭଣିତା କରିଛନ୍ତି । ସେଗୁଡ଼ିକ ମଧ୍ୟରେ ଅଛନ୍ତି ଅମ୍ବାସ୍ତବ, କଲ୍ୟାଣସ୍ତବ, କାଳିସ୍ରୋତ, ଗଙ୍ଗାଷ୍ଟକ, ଘଟକର୍ପର, ଚଣ୍ଡିକା ଦଣ୍ଡକ ସ୍ତୋତ୍ର, ଭାଗବତ, ଲକ୍ଷ୍ମୀସ୍ତବ, ଲମ୍ବୋଦର ପ୍ରହସନ, ଶପ୍ତଶ୍ଳୋକି ରାମାୟଣ, ସେତୁବନ୍ଧ ପରି ଆହୁରି ଅନେକ କିଛି । ପ୍ରତିଷ୍ଠିତ ପଣ୍ଡିତମାନଙ୍କ ମତ ଯେ ଉପରୋକ୍ତ ଗ୍ରନ୍ଥମାନ ପ୍ରକୃତରେ ମହାକବି କାଳିଦାସଙ୍କ ସାରସ୍ୱତ ସର୍ଜନା ନୁହନ୍ତି । ସେ ସବୁରେ କେବଳ କାଳିଦାସଙ୍କ ଭଣିତା ଲେଖି କୌଳିନ୍ୟ ଓ ଯଶପ୍ରାପ୍ତିର ଦୁରାକାଂକ୍ଷା ଦେଖିବାକୁ ମିଳିଥାଏ । ସେ ସବୁରେ ଥିବା କପଟ-କୌଶଳ ବିଦଗ୍ଧ କାଳିଦାସ ପାଠକମାନେ ଧରି ନେଇଥାଆନ୍ତି । ପ୍ରକୃତ ପକ୍ଷେ, କାଳିଦାସଙ୍କ ନାଟକଗୁଡ଼ିକ ପୃଥିବୀ ପ୍ରସିଦ୍ଧ, ଯେମିତି କି ଅଭିଜ୍ଞାନ ଶାକୁନ୍ତଳ, ମାଳବିକା ଅଗ୍ନିମିତ୍ର ଓ ବିକ୍ରମଉର୍ବଶୀ । କାବ୍ୟଗୁଡ଼ିକ ସଂଖ୍ୟାରେ ଚାରିଟି, ଯେମିତି କି ରଘୁବଂଶ, କୁମାର ସମ୍ଭବ, ମେଘଦୂତ ଓ ଋତୁ ସଂହାର । କାଳିଦାସ ହେଉଛନ୍ତି ଏହି ଭଳି ଜଣେ ମୁର୍ଦ୍ଧନ୍ୟ ମହାକବି, ଯାହାଙ୍କ ଜୀବନ ଇତିହାସ ଅନେକଟା ଅନ୍ଧକାରାଚ୍ଛନ୍ନ । ସେ କେଉଁଠାରେ କେବେ ଜନ୍ମଗ୍ରହଣ କରିଥିଲେ ତାହା ଏ ଯାବତ୍ ବିବାଦୀୟ । ଏହାର ପ୍ରମୁଖ କାରଣ ହେଲା ସ୍ୱୟଂ କବି ତାଙ୍କ ସୃଷ୍ଟି-ସମ୍ଭାର ମଧ୍ୟରେ ତାହାର ସୂଚନା କେଉଁଠାରେ ହେଲେ ରଖି ଯାଇନାହାନ୍ତି । ପଣ୍ଡିତମାନେ କାଳିଦାସଙ୍କ କୃତି ଅଧ୍ୟୟନ କରି ଅନ୍ତତଃ ପକ୍ଷେ, ନଅ ଜଣ କାଳିଦାସଙ୍କ ନାମ ଓ ସମୟ ବିଷୟରେ କହିଥାଆନ୍ତି । ସଂପ୍ରତି, ଅଧିକାଂଶ ବିଦ୍ୱାନ୍ ଓ ବିଶାରଦ ସହମତ ଯେ ଆମେ ଖୋଜୁଥିବା କାଳିଦାସଙ୍କ ଜୀବନ କାଳ ଥିଲା ଖ୍ରୀଷ୍ଟପୂର୍ବ ପ୍ରଥମ ଶତାବ୍ଦୀ । ମାଳବର ରାଜା ବିକ୍ରମାଦିତ୍ୟଙ୍କ ଶାସନ କାଳ ଥିଲା ପ୍ରଥମ ଶତାବ୍ଦୀ, ଏବଂ ସେ ଥିଲେ ମହାକବି କାଳିଦାସଙ୍କ ପୃଷ୍ଠପୋଷକ । କିଂବଦନ୍ତି ଅନୁସାରେ, କାଳିଦାସ କୁଆଡ଼େ ପ୍ରଥମେ ନିପଟ ମୂର୍ଖ ଥିଲେ । ପତ୍ନୀଙ୍କ ଠାରୁ ଅପମାନିତ ହୋଇ ସେ ଦେବୀ ସରସ୍ୱତୀଙ୍କ ଆରାଧନା କରିଥିଲେ ଏବଂ ଦେବୀଙ୍କ କୃପାରେ ଅତୁଳନୀୟ କବିତ୍ୱର ଅଧିକାରୀ ହୋଇପାରିଥିଲେ । ତାଙ୍କର ଜନ୍ମ ସ୍ଥାନ ଉପରେ ପଣ୍ଡିତମାନଙ୍କର ବିବାଦ ଲାଗି ରହିଛି । କେତେକଙ୍କ ମତରେ ତାହା ଥିଲା ଉଜ୍ଜୟିନୀ, ଆଉ କେତେକଙ୍କ ମତରେ ତାହା ଥିଲା ଉତ୍କଳ, ବଙ୍ଗ କିମ୍ବା କାଶ୍ମୀର । କାଳିଦାସ, ତାଙ୍କର ଉପାଧି ଥିଲା କି ନାମ ଥିଲା, ତାହା ମଧ ବିବାଦୀୟ । ତେବେ, ଏତିକି ଦୃଢ଼ତାର ସହ କହିହେବ ଯେ ସେ ଥିଲେ ଆକୁମାରି-ହିମାଚଳ ଭାରତ ବର୍ଷର ସର୍ବଶ୍ରେଷ୍ଠ କବି । ସେ ସମଗ୍ର ଭାରତ ବର୍ଷ ବିଚରଣ କରିଥିବାର ପ୍ରମାଣ ମିଳେ । ଅନେକ ବିଦ୍ୱାନ୍‌ଙ୍କ ମତରେ ସମଗ୍ର ଭାରତ ଓ ଭାରତୀୟତାର ଚିତ୍ର ତାଙ୍କ ରଚନାବଳୀରେ ଅଙ୍କିତ । ପଣ୍ଡିତମାନଙ୍କ ମତରେ ମେଘଦୂତ ହେଉଛି କାଳିଦାସଙ୍କର ଶ୍ରେଷ୍ଠତମ ସୃଷ୍ଟି । ଏହାକୁ ଦର୍ଶାଇ ପଣ୍ଡିତମାନେ କହନ୍ତି ଯେ ସମଗ୍ର ଭାରତ ଭୂଖଣ୍ଡ ସହିତ ମହାକବିଙ୍କ ଚାକ୍ଷୁସ ପରିଚୟ ଥିଲା । ରାମଗିରି ମାଳଭୂମି ଉପର ଦେଇ ହିମାଳୟ ଅଭିମୁଖେ ଭାସି ଯାଉଥିବା ମେଘର ଯାତ୍ରା ପଥରେ ପଡୁଥିବା ଆମ୍ରକୁଟ ପର୍ବତ, ବିନ୍ଧ୍ୟ ପର୍ବତ, ରେବାନଦୀ, ଦଶାର୍ଣ୍ଣ ରାଜ୍ୟ, ବିଦିଶା ନଗରୀ, ନୀଚ ନାମକ ପର୍ବତ, ନିର୍ବିନ୍ଧ୍ୟା ନଦୀ, ଶିପ୍ରା ନଦୀ, ସିନ୍ଧୁ ନଦୀ, ଅବନ୍ତୀ ରାଜ୍ୟ, ବିଶାଳା ବା ଉଜ୍ଜୟିନୀ ନଗରୀ ଇତ୍ୟାଦିର ସୂକ୍ଷ୍ମ, ଜଟିଳ ଓ ଅଲୌକିକ ଭାବେ ଚମତ୍କାର ବର୍ଣ୍ଣନାକୁ ପଣ୍ଡିତମାନେ ମହାକବିଙ୍କ ଭାରତ ଭ୍ରମଣର ପ୍ରମାଣ ରୂପେ ଦେଖିଥାଆନ୍ତି । କେବଳ ସେତିକି ନୁହେଁ, ତହିଁରେ ଥିବା ନଗରୀ ଓ ନାଗରିକ ଜୀବନର ବର୍ଣ୍ଣନାରୁ ତତ୍କାଳୀନ ରାଜନୈତିକ ଓ ସାମାଜିକ ଜୀବନ ସମ୍ବନ୍ଧରେ ଆଭାସ ମିଳିଥାଏ । କାଳିଦାସଙ୍କୁ କୁହାଯାଏ ଭାରତର ସେକ୍‌ସପିଅର । କିନ୍ତୁ, କବିତ୍ୱ ଓ ସର୍ଜନାର ଗାମ୍ଭୀର୍ଯ୍ୟ ଓ ଗଭୀରତା ବିଷୟ ବିଚାର କଲେ ସେକ୍‌ସପିଅରଙ୍କ ତୁଳନାରେ କାଳିଦାସ ଅଧିକ ଗୁରୁତ୍ୱ ପାଇବା ସୁନିଶ୍ଚିତ । ସେକ୍‌ସପିଅର ଷୋଡ଼ଶ ଶତାବ୍ଦୀରେ ଜନ୍ମ ଗ୍ରହଣ କରିଥିଲେ, ଅର୍ଥାତ୍ କାଳିଦାସଙ୍କ ଆନୁମାନିକ ଜନ୍ମ କାଳର ପ୍ରାୟ ଦେଢ଼ ହଜାର ବର୍ଷ ପରେ । ସେତେବେଳକୁ ବିଧିବଦ୍ଧ ଇତିହାସ ରଚନା ପ୍ରାରମ୍ଭ ହୋଇ ସାରିଥିଲା । କିନ୍ତୁ, ଅନେକ ବ୍ରିଟିସ ସମାଲୋଚକ କହିଥାଆନ୍ତି ଯେ ସେକ୍‌ସପିଅର ଜଣେ ମନୁଷ୍ୟ ନୁହନ୍ତି, ଏକାଧିକ ହୋଇ ପାରନ୍ତି । ବିଭିନ୍ନ ଲେଖକ ସେମାନଙ୍କ ରଚନାକୁ ସେକ୍‌ସପିଅରଙ୍କ ନାମରେ ଲେଖିଛନ୍ତି, ଯେମିତି ଖ୍ରୀଷ୍ଟୋଫର ମାର୍ଲୋ, ମେରୀ ସିଡନୀ, ଏପରିକି ସାର ଫ୍ରାନସିସ ବେକନ । ସତେ ଯେମିତି ମହାକବିମାନଙ୍କୁ ଘେରି ରହିଥିବା ପ୍ରସିଦ୍ଧିର ଉଦ୍‌ଭାସ ସେମାନଙ୍କୁ ରହସ୍ୟମୟ କରି ପକାଏ । ଏହି ଲେଖାର ପ୍ରଥମ ଭାଗରେ କୁହାଯାଇନାହିଁ କି କାଳିଦାସ ଏକ ନୁହେଁ, ଅନେକ ବୋଲି ପଣ୍ଡିତମାନେ ଏକମତ !

ଚାଲ, ଲିଗାସିର ଆତ୍ମାକୁ ଖୋଜିବା

କାଳକ୍ଷେପଣ ବର୍ତ୍ତମାନର ସ୍ୱାସ୍ଥ୍ୟକୁ ଶୀର୍ଣ୍ଣ କରେ । ଅପରିଣାମଦର୍ଶିତା ଭବିଷ୍ୟତର ବିସର୍ଜନ କରି ଦେଇପାରେ । କିନ୍ତୁ ଅତୀତ, ଯେଉଁ ରୂପରେ ହେଉ ନା କାହିଁକି, ଅକ୍ଷୁଣ୍ଣ ରହେ । ହୁଏତ କୀର୍ତ୍ତିର କେତନ ଉଡ଼ାଏ ବା ମୃତବତ୍ ଛିଡ଼ା ହୋଇଥାଏ, ଯାହାର ଅନ୍ତ୍ୟେଷ୍ଟି ହୋଇପାରେ ନାହିଁ । ବର୍ତ୍ତମାନକୁ ଜାବୁଡ଼ି ଧରିବାକୁ ତା'ର ଗୋଟିଏ ପ୍ରବୃତ୍ତି ମଧ୍ୟ ଥାଏ । କିନ୍ତୁ 'ଗତକାଲି' ଦ୍ୱାରା ଅବରୁଦ୍ଧ ହୋଇ ରହିଲେ, 'ଆଜି' ଅନ୍ତଃସାର ଶୂନ୍ୟ ହୁଏ । 'ଆସନ୍ତାକାଲି' ଫଳତଃ କେବଳ ନିଷ୍ପ୍ରଭ ହୁଏନାହିଁ, ପଥଚ୍ୟୁତ ହୁଏ । ସେଥିପାଇଁ 'ଆଜି'ର ଅଙ୍କୁରୋଦ୍‌ଗମ 'କାଲି'ର ପେଟିକା ଭିତରେ ହେଲେ ବି, ସେ ନୂଆର ସମ୍ଭାର ନେଇ, 'କାଲି' ଆଉ ମଧ୍ୟବର୍ତ୍ତୀ 'ଆଜି'ର କ୍ରମ ହେଉଛି, ସମୟର ଯାତ୍ରା । ଘଟଣା, ଦୁର୍ଘଟଣାର ପ୍ରବାହ । ଯେ କେ ?ଣସି ସଭ୍ୟତାର ଭୂଇଁରେ ଅବିରତ । ଯେମିତି ନୈମିଷାରଣ୍ୟର କୌଣସି ଏକ ସ୍ନିଗ୍ଧ ସକାଳରେ ଉଗ୍ରଶ୍ରବାଙ୍କ ଆଖ୍ୟାନ ରଜସ୍ୱଳା ଭାରତ ଭୂଇଁରେ ସହସ୍ର ଧାର ହୋଇ ବହି ଯାଉଥିଲା । ମାର୍ମିକ ଅର୍ଥରେ ନଦୀ ହେଉଛି, ଏହି ବହି ଯାଉଥିବା ସମୟର ଧାର । ଔପନ୍ୟାସିକା ଗୀତା ମେହେଟ୍ଟା ନିଜର ଚର୍ଚ୍ଚିତ ଉପନ୍ୟାସ 'ଦି ରିଭର୍ ସୂତ୍ର'ରେ ନର୍ମଦାକୁ 'ମେସେଞ୍ଜର ଅଫ୍ ଟାଇମ୍' ବୋଲି କହିଛନ୍ତି । ଉତ୍ତର ଓ ପରର ଏହି ସରଳ ରୌଖିକତା ହେଉଛି ଲିଗାସି ଓ୍ୱସିୟତ୍ । ପିଢ଼ି ପରେ ପିଢ଼ି ତା'ର ଧାରକ । ଦେଶ ଓ ରାଜ୍ୟ ପାଇଁ ତାହା ହେଉଛି ରାଜନୀତି, ସଂସ୍କୃତି ଓ ସାମଗ୍ରିକ ସମାଜନୀତିର ଅନୁକ୍ରମଣ ଏବଂ ପରିବାର ତଥା ବଂଶ ପାଇଁ ମୁଖ୍ୟତଃ ସଂପତ୍ତିର ଉତ୍ତରାଧିକାର ଓ ବିପତ୍ତିର ଦାୟ ଭାର । ରାଜନୀତିରେ ଲିଗାସିର ତତ୍ତ୍ୱକୁ ସବୁବେଳେ ପ୍ରଭାବର ଉତ୍ସ ଓ ଧାରା ଭାବରେ ଚିହ୍ନିତ କରାଯାଏ । ଏହା କେବେ ଛେଉଣ୍ଡ ହୁଏ ନାହିଁ । ଉତ୍ତରାଧିକାରର ଦାବି ଓ ପ୍ରତିଦାବି ଜନ ଆଲୋଚନାର କ୍ଷେତ୍ରରେ ଭିଡ଼ ବାନ୍ଧନ୍ତି । ନିଜସ୍ୱ ଔଚିତ୍ୟକୁ ସାବ୍ୟସ୍ତ କରିବା ପାଇଁ ନିର୍ବାଚିତ ଅବତାରଣା କରାଯାଏ । ବିରାଜମାନ ଶୂନ୍ୟତା ଓ ଅଭାବବୋଧର ବ୍ୟାଖ୍ୟା କରାଯାଇ ତଥାକଥିତ ସ୍ୱର୍ଣ୍ଣିମ ଅତୀତର ନୀରାଜନା କରାଯାଏ । ନିକଟରେ ପ୍ରତିପକ୍ଷଙ୍କ ଦ୍ୱାରା 'କଳିଙ୍ଗ' ଧରଣୀର କୃଷ୍ଣସାର ଭାବରେ ଆଖ୍ୟାୟିତ ବିଜୁ ପଟ୍ଟନାୟକ ଏବଂ ଶିଷ୍ଟତା, ସଂକଳ୍ପ ଓ ସିଦ୍ଧିର ଅନନ୍ୟ ବ୍ୟକ୍ତିତ୍ୱ ଜାନକୀବଲ୍ଲଭ ପଟ୍ଟନାୟକ ଏହି ଲିଗାସିର ତର୍କ ଦ୍ୱାରା ଆଲୋଚନା ମଧ୍ୟକୁ ଆସିଛନ୍ତି । ବିଜୁ ବାବୁଙ୍କୁ କେନ୍ଦ୍ର କରି ଦାବି ଓ ଆଲୋଚନାର ଉତ୍କଣ୍ଠା ବେଶୀ । କାରଣ ସେ ସ୍ୱଭାବତଃ ରୀତି ବହିର୍ଭୂତ ଥିଲେ । ଅଣପାରମ୍ପରିକତା ସଂପନ୍ନ କାର୍ଯ୍ୟାନ୍ୱୟନରେ ରୁଚି ରଖୁଥିଲେ । ଆମର ସମାଜ ବ୍ୟବସ୍ଥାରେ ପୁରୁଷାର୍ଥ ଏହି ଢଙ୍ଗରେ ସହଜରେ ଗ୍ରହଣୀୟ । ଯେତେବେଳେ ବ୍ୟକ୍ତି ଜନମାନସରେ ପୂଜାର ବେଦିରେ ଆସୀନ ହୋଇଯାଏ, ଜନତାର ମନରେ ଯୁକ୍ତି ରହିତ ସ୍ନାୟୁ ଉତ୍ତେଜିତ ଭାବରେ ଉଚ୍ଚାଙ୍ଗ ହୋଇଯାଏ । ବିଶ୍ଳେଷଣ ଓ ବିଚାରବୋଧ ସଂପୂର୍ଣ୍ଣ ସ୍ଥାନାନ୍ତରିତ ହୁଏ । ସେଥିପାଇଁ ବିଜୁ ବାବୁଙ୍କ ଚରିତର ଅନୁଶୀଳନାତ୍ମକ ଆଲୋଚନା ଅପେକ୍ଷା ସାଧାରଣତଃ ଆମେ ଚିତ୍ରାୟନର ବିଳାସରେ ରୁଚି ରଖୁ । ଏହି ମାନସିକ ଆମୋଦର ଆକର୍ଷଣ ଆମ ରାଜ୍ୟରେ ଏତେ ପରିମାଣରେ ବ୍ୟାପ୍ତ, ଶାସକ ବା ବିରୋଧୀ କେହି, ଶତକଡ଼ା ଦଶ ଭାଗ ହେଲେ ବି, ତାଙ୍କ ଜୀବନର ବିପରୀତ ଦିଗଟିକୁ ଆଲୋଚନା କରିବାର ଉପକ୍ରମ କରିବାକୁ ସାହସ ଜୁଟେଇ ପାରିନାହାନ୍ତି କି ପାରିବେ ନାହିଁ । ଜାନକୀ ବାବୁଙ୍କ ଭଳି ଅନ୍ୟଥା ଧୀସଂପନ୍ନ ରାଜନୈତିକ ବ୍ୟକ୍ତିତ୍ୱଙ୍କର ନିଷ୍ପକ୍ଷ ଆଲୋଚନା ମଧ ଉତ୍ତରାଧିକାରର ଛାୟା ପ୍ରତି ସଂକୋଚ ଭାବ ପାଇଁ ସମ୍ଭବ ନୁହେଁ । ପ୍ରଶ୍ନ ହେଉଛି, ଲିଗାସିର ଢାଚାଂଟି କ'ଣ ? ଏହା କ'ଣ କେବଳ ଜଣେ ବ୍ୟକ୍ତିର ଜୀବନ ତଥା ଜୀବନୀ-କୈନ୍ଦ୍ରିକ ସେହି ନ୍ୟାୟରେ ଏହା ଅନ୍ୟ ଦ୍ୱାରା ଲିଖିତ ଜୀବନୀ ବା ସ୍ୱରଚିତ ଆତ୍ମଜୀବନୀ ବହିର୍ନିବିଷ୍ଟ ହୋଇଯିବା କଥା । ଲିଗାସି ବାସ୍ତବରେ ଏକ ସମୟ ଖଣ୍ଡର ପ୍ରଭାବ । ଉପଲକ୍ଷ୍ୟ ବ୍ୟକ୍ତିଙ୍କ ଆତଯାତରେ ଉଷ୍ଣ ହୋଇଥିବା ସଂପୃକ୍ତ ପରିମଣ୍ଡଳରୁ ବିଚ୍ଛୁରିତ ଅନେକ ନିଃଶବ୍ଦ ବାର୍ତ୍ତାର ସମାହାର । ଚିହ୍ନିତ ଛୋଟବଡ଼ କାଳଖଣ୍ଡଗୁଡ଼ିକରୁ ଆପେଆପେ ନିଷ୍ପୃତ ଅବ୍ୟବସ୍ଥିତ ସଂଳାପ-ସମୂହ । ଲିଗାସିର ରାଜପଥ ଦୁଇଥାକିଆ । ଗୋଟିଏ ହେଉଛି ପ୍ରକ୍ଷେପଣ, ଅନ୍ୟଟି ଗ୍ରହଣ । ଗ୍ରହଣରେ ମାନି ନେବାର ଇଚ୍ଛା ତୀବ୍ର ହେବା କଥା । ସେଥିପାଇଁ ବ୍ୟାଟନ୍ ବାହକମାନଙ୍କ ପ୍ରସ୍ତୁତି ଅଧିକ ଗୁରୁତ୍ୱପୂର୍ଣ୍ଣ । ନିଜକୁ ଯୋଗ୍ୟ କରି ଗଢ଼ିବାର ଦାୟିତ୍ୱ ସଂପାଦନ । ଲିଗାସିକୁ କେବଳ ଉତରାଧିକାର ଭାବରେ ଅଭିହିତ କରିବା ଅର୍ଥ ଏହାର ପରିଧିକୁ ସଂକୁଚିତ କରିବା । ଅଧିକାର ସାବ୍ୟସ୍ତ କରିବାର ଉଦ୍ୟମରେ ଥାଏ ଯେ କୌଣସି ରାସ୍ତାରେ ସ୍ୱୀକୃତିର ଆଦାୟ ବା ଅଧିଗ୍ରହଣ । ବୁଝିବାକୁ ହେବ, ଗ୍ରହଣରେ ସ୍ୱେଚ୍ଛାର ବଳ ରହିଲେ ତାହା ହୋଇଯାଏ ଅଧିଗ୍ରହଣ । ଅନ୍ୟ ଭାଷାରେ କହିବାକୁ ଗଲେ, ଏହି ଚେଷ୍ଟା ଭିତରେ ନିହିତ ଥାଏ ପ୍ରଦର୍ଶନର ଅଶୁଦ୍ଧ ଆକାଂକ୍ଷା । ଅପର ପକ୍ଷରେ ଲିଗାସି ଏକ ନିରବ ପ୍ରବାହ । ରାଜନୈତିକ ଘଟଣାବଳୀ, ପ୍ରେକ୍ଷାପଟର ନେତୃତ୍ୱ, ସାମାଜିକ ଚେତନା, ସଂସ୍କୃତି ଓ ସାହିତ୍ୟର ବିରାସତ୍, ଐତିହ୍ୟ ଓ ପରମ୍ପରାର ଧରୋହର ଏବଂ ସାମାଜିକ ଓ ଅର୍ଥନୈତିକ ନ୍ୟାୟ ଉପରେ ଆସ୍ଥା ତଥା ବିଚାର ହେଉଛି ଏହି ନିରନ୍ତରତାର ଅଂଶ । ଇତିହାସର ପୁନରାବୃତି ହୁଏତ ହୁଏ ନାହିଁ, କିନ୍ତୁ ପରିପ୍ରେକ୍ଷୀ, ସାମାଜିକ ଆଚରଣ ଓ ନେତୃତ୍ୱର ପରାକାଷ୍ଠାରେ ଏହାର ଯତିପାତ (ରାଇମିଂ) ତ ନିଶ୍ଚେ ହେବ । ସେଥିରେ ବାଟନ୍ ବାହକମାନଙ୍କର ଭୂମିକା ଅଛି । ସେମାନେ ଅବକ୍ଷୟକୁ ପ୍ରତିରୋଧ କରି ଧାରାର ଅନୁକୂଳଗ୍ରାହ୍ୟତା ପାଇଁ ପ୍ରଗତିକାମୀ ସଂଶୋଧନ କରିବା ଦରକାର । ଅବଶ୍ୟ, ବଦଳୁଥିବା ଲୋକକ୍ଷେତ୍ରରେ ନୂଆ ନୂଆ ଟ୍ରେଣ୍ଡ୍ ?କୁ କଲ୍ମଷ କହି ବର୍ଜ୍ୟ ଭାବରେ ଛାଡ଼ି ହେବ ନାହିଁ । ସବୁ କ୍ଷେତ୍ର ପାଇଁ ଏହା ପ୍ରଯୁଜ୍ୟ । ଆଦ୍ୟ ଷଷ୍ଠ ଦଶକରେ ହିନ୍ଦୀ ସିନେମାରେ ନାୟିକାଙ୍କ ଶାରୀରିକ ଭଙ୍ଗିମା ଓ ମାଂସପେଶୀର ଆଂଶିକ ପ୍ରଦର୍ଶନକୁ ଯେତେବେଳେ ମହିଳା ସାଂସଦ ଲୀଳାବତୀ ମୁନ୍ ?ସୀ ସାମାଜିକ ବିଶୃଙ୍ଖଳାର କାରଣ ବୋଲି କହି ଚିନ୍ତା ବ୍ୟକ୍ତ କଲେ, ସେହି ସମୟରେ କଳା ଜଗତର ତାରକା ତଥା ଏମ୍ ?ପି ପୃଥ୍ୱୀରାଜ କପୁରଙ୍କ ଉତ୍ତର ଥିଲା, ସୂର୍ଯ୍ୟଙ୍କର ଔଜ୍ୱଲ୍ୟ ଓ ଅନ୍ଧକାର ପରସ୍ପର ଠାରୁ ଅଲଗା ହୋଇପାରିବେ ନାହିଁ । କିନ୍ତୁ ରାଜନୀତିରେ ହାତ ଛନ୍ଦାଛନ୍ଦି ଏହି ବିରୋଧାଭାସ ଆଜି ଦୟନୀୟ ଭାବରେ ଦୁର୍ଦ୍ଦଶାଗ୍ରସ୍ତ । ଭଲମନ୍ଦର ଲୁଚକାଳି ଖେଳ ଆଉ ନାହିଁ । ପିଲାଦିନର ଗୀତ 'ହାତୀ ଖେଳୁଛି ଦୋଳି, ବାଘ ପିଠିରେ ଛେଳି' ଭଳି- ସତ୍ୟର ପରାକ୍ରମ ଉପରେ ସବାର ହୋଇଛି ଅସତ୍ୟର ଦୁର୍ବଳ କାୟା । ଓହ୍ଲାଇବାକୁ ନାଁ ଧରୁନାହିଁ । ଆସନ୍ତୁ, ପଂଚମ ଦଶକରୁ ଆମ ରାଜନୀତିର ଲିଗାସିକୁ ଝରଣାର କୂଳେକୂଳେ ଅନୁଧାବନ କରିବା । କ୍ଷେତ୍ରକୁ ଆମ ରାଜ୍ୟର ମାନଚିତ୍ରରେ ସୀମିତ ରଖିବା । ସ୍ୱାଧୀନତା ପରବର୍ତ୍ତୀ ଦଶକ ଥିଲା, ଗଣତନ୍ତ୍ରକୁ ଚଖେଇବାର ଅବଧି । ନେତାମାନେ ସେହିଭଳି ଲୋକଙ୍କ ମଧ୍ୟରୁ ଓ ଲୋକଙ୍କ ମଧ୍ୟରେ ଥିଲେ । ଜାତି ଗଢ଼ିବାର ଦଶନ୍ଧି । ମୁକ୍ତି ସଂଗ୍ରାମର ଗାଥା ଜନଜୀବନରେ ତଥାପି ଧ୍ୱନିତ ହେଉଥିଲା । ନବକୃଷ୍ଣ ଚୌଧୁରୀ ଓ ଡକ୍ଟର ହରେକୃଷ୍ଣ ମହତାବଙ୍କ ତ୍ୟାଗ ଓ ଅଧ୍ୟବସାୟର ବନ୍ଦନୀୟ ନେତୃତ୍ୱ ଭାବରେ ସ୍ୱତଃ ପ୍ରତିଭାତ ହେଉଥିଲେ । ଷଷ୍ଠ ଦଶକ ରାଜ୍ୟ ନିର୍ମାଣର ଅବଧି ହେଲା । ବିଜୁ ବାବୁ ସ୍ୱପ୍ନର ସୌଦାଗର ଭାବରେ ଛିଡ଼ା ହେଲେ । ବୀରେନ ବାବୁ ଥିଲେ ବଡ଼ ମନର ମଣିଷ । ଗାନ୍ଧୀ, ଗୋପବନ୍ଧୁଙ୍କ ଆଚରଣସିଦ୍ଧତାକୁ ଧରି ରଖିଥିବା ବ୍ୟକ୍ତିତ୍ୱ ସଦାଶିବ ତ୍ରିପାଠୀ ଥିଲେ, ବଦଳୁଥିବା ରାଜ୍ୟରେ ତଥାପି ଏକ ଚରମ ଆତ୍ମିକ ଶୃଙ୍ଖଳାର ନେତୃତ୍ୱ । ସିଂହଦେଓ ହେଲେ ଦୂରଦର୍ଶୀ ପ୍ରଶାସକ । ତାହା ଥିଲା ଅମଲା ଘୋଡ଼ାର ସଇସ ହେବାର ସମୟ । ଅପର ଦିଗରେ ନିର୍ବାଚନୀ ଅବକ୍ଷୟର ଆରମ୍ଭ ମଧ ଷଷ୍ଠ ଦଶକରୁ । ଅର୍ଥ ଆସ୍ତେ ଆସ୍ତେ ଭୋଟରଙ୍କୁ ଜିଣିବାର ଆୟୁଧ ହେଲା । ସପ୍ତମ ଦଶକରେ ଅପେକ୍ଷାକୃତ ବେଶୀ ଅବଧିର ଦୁଇ ମୁଖ୍ୟମନ୍ତ୍ରୀ, ଶ୍ରୀମତୀ ନନ୍ଦିନୀ ଶତପଥୀ ଓ ନୀଳମଣି ରାଉତରାୟଙ୍କ ଠାରେ କରି ଦେଖେଇବାର ଅଭିପ୍ସା ଥିଲା । ନନ୍ଦିନୀ ବାସ୍ତବରେ ଥିଲେ ଅଧିନାୟିକା । ଟିମ୍ ?କୁ ନେଇ କାମ କରିବାରେ ନୀଳମଣିଙ୍କ ପାରଦର୍ଶିତା ଥିଲା । କିନ୍ତୁ ରାଜନୀତିର ଅଧୋମୁଖୀ ଗମନ ଅପ୍ରତିହତ ଥିଲା । ଅଷ୍ଟମ ଦଶକରେ ଜାନକୀ ବାବୁଙ୍କ ନେତୃତ୍ୱରେ ସ୍ଥିରତା ପ୍ରତିଷ୍ଠିତ ହେଲା । ସ୍ୱାବଲମ୍ବନ ପାଇଁ ହଜାରେ ଦିନରେ ହଜାରେ କ୍ଷୁଦ୍ରଶିଳ୍ପର ବାସ୍ତବାୟନ ମଧ ହେଲା । କିନ୍ତୁ ମୂଲ୍ୟବୋଧର ସଂକଟ ବହୁଗୁଣିତ ହେଲା । ନବମ ଦଶକ ଥିଲା ଦୁଇ ଜନନେତା ବିଜୁ ପଟ୍ଟନାୟକ ଓ ଜାନକୀବଲ୍ଲଭ ପଟ୍ଟନାୟକଙ୍କ ରାଜନୈତିକ ସଘନୀକରଣର ସମୟ । ଗଣତନ୍ତ୍ରର ବିଜୟ ଅବଧି । ବିଜୁ ବାବୁଙ୍କ ସଫଳ ସରକାର ବିରୁଦ୍ଧରେ ଜନତା ପରିବର୍ତ୍ତନର ରାୟ ଦେଲେ । ଗଣତନ୍ତ୍ର ଗୌରବାନ୍ୱିତ ହେଲା । ଗତ ସରକାରଙ୍କ ଦ୍ୱାରା ରାଜ୍ୟରେ ଭିତ୍ତିଭୂମି ଉନ୍ନୟନରେ କ୍ରାନ୍ତି ଆସିଛି । ବେଶୀ ଉଲ୍ଲେଖନୀୟ ହେଉଛି, ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କ ଅନାସକ୍ତ ବିମଳ ବ୍ୟକ୍ତିତ୍ୱ । ୨୦୨୪ରେ କ୍ଷମତାର ହସ୍ତାନ୍ତର ହୋଇଛି । ଲୋକଙ୍କ ଆକାଂକ୍ଷାକୁ ସମ୍ମାନ ଦେଇ ବର୍ତ୍ତମାନର ସରକାର ଗତିଶୀଳ ଅଛନ୍ତି । ନୂଆ ନେତୃତ୍ୱ ଲୋକଙ୍କ ମନରେ ସମ୍ଭାବନାର ଉଜ୍ଜ୍ୱଳ ସ୍ୱାକ୍ଷର ଆଙ୍କିଛି । କିନ୍ତୁ, ଶାସନ ନିର୍ବିଶେଷରେ ମୂଲ୍ୟବୋଧରେ ଅବତରଣର ତ୍ୱରଣ ପ୍ରାୟ ଅଷ୍ଟମ ଦଶକରୁ ବେଗବାନ ରହିଛି । ରାଜନୀତି, ଅଙ୍ଗୀକାରର ବୃତି ଜାଗାରେ ବେଉସାରେ ପରିଣତ ହୋଇଛି । ମ୍ୟାକ୍ସ ୱେବର୍ ରାଜନୈତିକ ନେତୃତ୍ୱ ମଧ୍ୟରେ ଦୁଇଟି ଗୋଷ୍ଠୀର ସଂଜ୍ଞା ଦେଇଛନ୍ତି: ରାଜନୀତିକୁ ଜୀବନର ବ୍ରତ କରିବା ଓ ରାଜନୀତିକୁ ଜୀବିକା କରିବା । ଦ୍ୱିତୀୟ ଗୋଷ୍ଠୀର ଲୋଭ ଅଣାୟତ୍ତ ହୋଇ ପର ପିଢ଼ିମାନଙ୍କ ପାଇଁ ପ୍ରଭୂତ ଅର୍ଜନର ସୀମା ଟପିଲାଣି । ଆଲୋଚକ ରାମଚନ୍ଦ୍ର ଗୁହା ଏହାକୁ 'ଫିଦରିଂ ଏ ନେଷ୍ଟ ଫର୍ ଫ୍ୟୁଚର୍ ଜେନେରେସନ୍‌ସ' ଭାବରେ ଅଭିହିତ କରିଛନ୍ତି । ସନ୍ତାନମାନଙ୍କୁ ବିଦେଶରେ ପଢ଼େଇବା ବଡ଼ବଡ଼ ନେତାଙ୍କର ସଉକରେ ପରିଣତ ହୋଇଛି । ଖଣି, ବାଲି, ରିଏଲ ଇଷ୍ଟେଟ୍‌ର ଅନୁଚିତ ମୁନାଫା ଓ ଠିକାଦାରିର ବଳୟ ବାହାରେ କେତେଜଣ ଆଜି ବିଧାନସଭା ଓ ଲୋକସଭା ନିର୍ବାଚନ ପାଇଁ ପ୍ରାର୍ଥୀ ହେଉଛନ୍ତି ? ନିର୍ବାଚନୀ ଖର୍ଚ୍ଚରେ ଅମିତାଚାର, ରାଜନୀତିକୁ ଅସାଧୁ ବେପାରୀମାନଙ୍କ ଆଡ୍‌ଡାରେ ପରିଣତ କରିଛି । ଅସଦ ଆଗମ ଆକାଶ ଛୁଇଁଛି । ତଥ୍ୟନିଷ୍ଠ ମହଲ ନିଶ୍ଚେ କହିବେ ବିଗତ ଦୁଇ ଦଶନ୍ଧି ହେବ, ଛାତ୍ର ରାଜନୀତିରୁ ମୁଖ୍ୟକ୍ଷେତ୍ରକୁ ଆସିବା ପ୍ରାୟ ବନ୍ଦ । ଦିନ ଥିଲା, ଯେତେବେଳେ ଛାତ୍ର ଆନ୍ଦୋଳନ ଥିଲା ନେତୃତ୍ୱ ସୃଷ୍ଟିର ଉର୍ବର ଭୂମି । ବର୍ତ୍ତମାନ ଓ ଭବିଷ୍ୟତର ନେତା ଯଦି ଅନୁଚିତ ଆକାଂକ୍ଷାରେ ଆକ୍ରାନ୍ତ ହେବାକୁ ପ୍ରସ୍ତୁତ ରହନ୍ତି, ଆଉ ନାଗରିକ ହୁଅନ୍ତି ଖାଲି ଭୋଟ ବଜାରର ଉପଭୋକ୍ତା, ତାହା ହେଲେ ଲିଗାସିର ଅନ୍ୱେଷଣ କେବଳ ପ୍ରଦର୍ଶନ ପାଇଁ ବୋଲି ଧରାଯିବ । ସମୟର ସୁଅରେ ବାହିତ ପ୍ରତ୍ୟେକ ଧାତୁ, ଅଧାତୁର ଖଣ୍ଡ ହେଉଛି ଲିଗାସିର ସଂପତି । ବ୍ୟାବହାରିକତା ଓ କାଳୋତ୍ତୀର୍ଣ୍ଣତାକୁ ଦେଖି ସେଗୁଡ଼ିକୁ ସାଉଁଟି ସଂରକ୍ଷଣ କରିବାର ବେଳ ଆସିଛି । ଟିଏସ୍ ଇଲିଅଟ୍ 'ୱେଷ୍ଟଲ୍ୟାଣ୍ଡ୍ ?'ରେ ଏହାର ଚମତ୍କାର ବର୍ଣ୍ଣନା ଦେଇଛନ୍ତି, 'ନଷ୍ଟ ହୋଇ ବିଲୀନ ହୋଇଯିବାରୁ ବଚାଂଇ, ସାଇତିଛି ଭଗ୍ନାଂଶ ସବୁ କୂଳରେ ସଜାଇ' । ଜନଜୀବନ ଓ ରାଜନୈତିକ ପରିମଣ୍ଡଳର ଘଟଣା-ପ୍ରବାହକୁ ପଢ଼ି ଲିଗାସିର ଅନୁଧାବନ କରିବାକୁ ହେବ । ଜଣେ ବ୍ୟକ୍ତି ବା ନେତାକୁ ନେଇ ପ୍ରଭାବର କ୍ଷେତ୍ର ତିଆରି ହୋଇପାରେ, ଲିଗାସି ନୁହେଁ । ରାଜନୀତିରେ ବ୍ୟକ୍ତି-ପୂଜନ ଆମ ବ୍ୟବସ୍ଥାର ପରିପନ୍ଥୀ । ଆମ୍ବେଦକର ଭକ୍ତିକୁ ସାଂବିଧାନିକ-ଗଣତନ୍ତ୍ରର ସମାପ୍ତି ବୋଲି କହିଛନ୍ତି । ହଜି ଯାଇଥିବା ଆତ୍ମାକୁ ଖୋଜିବାକୁ ହେଲେ ଆମକୁ ସ୍ୱାଧୀନତୋତ୍ତର କାଳଖଣ୍ଡକୁ ପୂରା ପଢ଼ିବାକୁ ହେବ । ଲିଗାସି ସନ୍ଧାନରେ ନବକୃଷ୍ଣ ଚୌଧୁରୀଙ୍କୁ ମଧ ଖୋଜାଯାଉ । କାରଣ ଏଭଳି ନେତୃତ୍ୱର ମଧ ଆବଶ୍ୟକତା ଅଛି, ଯିଏ ନୀତି ପାଇଁ ସର୍ବୋଚ୍ଚ ସୋପାନରୁ ଓହ୍ଲାଇ ଯିବାକୁ ମୁହୂର୍ତ୍ତେ ଆନମନା ହେବେ ନାହିଁ ।

ଜଖମ ଇରାନ

ଯେହେତୁ ଆମେରିକା କିମ୍ବା ଇସ୍ରାଏଲ କେହିହେଲେ ଇରାନରେ ସସୈନ୍ୟ ପ୍ରବେଶ କରିବାକୁ ଚାହାନ୍ତି ନାହିଁ, ସେମାନେ ସିଧାସଳଖ ଭାବରେ ଏହାର କୌଣସି ପ୍ରତିକାର କରିପାରିବେ ନାହିଁ । ଯେମିତି କୁହାଯାଇଥାଏ, କେବଳ ଆକାଶରୁ ଆକ୍ରମଣ କରି ଶାସନ କ୍ଷମତାରେ ପରିବର୍ତ୍ତନ ଘଟାଯାଇ ପାରେନାହିଁ ।୨୦୦୩ରେ ଆମେରିକା ଯେତେବେଳେ ଇରାନର ପଡ଼ୋଶୀ ଦେଶ ଇରାକରେ ଏକଛତ୍ର ଶାସକ ସଦ୍ଦାମ ହୁସେନଙ୍କୁ ଗାଦିଚ୍ୟୁତ କରିବା ଉଦ୍ଦେଶ୍ୟରେ ଅଭିଯାନ ଚଳାଇଥିଲା, ସେତେବେଳେ, ହୁସେନଙ୍କୁ ଶେଷରେ ଧରିବା ପାଇଁ ତାକୁ ଦୀର୍ଘ ନ' ମାସ ସମୟ ଲାଗିଥିଲା । ବାରମ୍ବାର ଚେଷ୍ଟା କରିବା ସତ୍ତ୍ୱେ ୟୁକ୍ରେନ ଉପରେ ଆକ୍ରମଣ ଆରମ୍ଭ କରିବାର ଚାରି ବର୍ଷ ବିତିଯିବା ପରେ ମଧ ରୁଷିଆ ସେ ଦେଶର ରାଷ୍ଟ୍ରପତି ଭୋଲୋଡିମିର୍ ଜେଲେନ୍‌ସ୍କିଙ୍କୁ ହତ୍ୟା କରିବାରେ ସଫଳ ହୋଇପାରି ନାହିଁ । ସାମରିକ ପରିସରରେ ତେଣୁ ଏହା ସହିତ ତୁଳନା କରାଯାଇ ଫେବ୍ରୁଆରି ଶେଷ ତାରିଖରେ ଆମେରିକା ଓ ଇସ୍ରାଏଲ ମିଳିତ ଭାବରେ ଯେଉଁ ସଫଳତା ହାସଲ କରିପାରିଛନ୍ତି, ତାହାକୁ ଚମକପ୍ରଦ ରୂପେ ବିବେଚନା କରାଯାଉଛି । ସେମାନଙ୍କର ଏଇ ସଫଳତା ହେଲା- ଇରାନ ବିରୁଦ୍ଧରେ ଚଳିତ ଯୁଦ୍ଧ ଆରମ୍ଭର ମାତ୍ର ଗୋଟିଏ ଦିନ ମଧ୍ୟରେ ସେମାନେ ସେ ଦେଶର ସର୍ବମୟ କର୍ତ୍ତା ତଥା ସର୍ବୋଚ୍ଚ ଧର୍ମଗୁରୁ ଆୟାତୋଲା ଆଲି ଖାମେନେଇଙ୍କୁ ହତ୍ୟା କରିପାରିଛନ୍ତି । କେବଳ ଖାମେନେଇ ନୁହନ୍ତି, ଇସ୍ରାଏଲ ମଧ ଇରାନର ପ୍ରତିରକ୍ଷା ମନ୍ତ୍ରୀ, ସେନାଧ୍ୟକ୍ଷ, ଶକ୍ତିଶାଳୀ 'ଇସ୍‌ଲାମିକ୍ ରେଭଲ୍ୟୁସନାରି ଗାର୍ଡ କୋର୍'ର ମୁଖ୍ୟ ଓ ପ୍ରତିରକ୍ଷା ପରିଷଦର ମୁଖ୍ୟ ସମେତ ଅନେକ ନେତୃସ୍ଥାନୀୟ କର୍ମକର୍ତାମାନଙ୍କର ନିଧନ ଘଟାଇଛି । କିନ୍ତୁ ନିଶ୍ଚିତ ରୂପେ ଚମକପ୍ରଦ ହୋଇଥିବା ଏଇ ଘଟଣାବଳୀ ସତ୍ତ୍ୱେ ଏଥିସହିତ ଯେ ବିଗତ ପ୍ରାୟ ଚାରି ଦଶନ୍ଧି ଧରି ଇରାନରେ ଶାସନ କ୍ଷମତାରେ ରହିଥିବା ଏକଛତ୍ର ଧର୍ମତନ୍ତ୍ରର ଅନ୍ତ ଘଟିଲା, ତାହା ବିଶ୍ୱାସ କରିବା ଘୋର ଭ୍ରମାତ୍ମକ ସାବ୍ୟସ୍ତ ହୋଇପାରେ । ଇରାନୀୟ ସଂବିଧାନ ଅନୁସାରେ ୮୮ ସଦସ୍ୟବିଶିଷ୍ଟ ମୁଲ୍ଲାମାନଙ୍କର ଏକ ବିଶେଷଜ୍ଞ ସଭା ହସ୍ତରେ ପରବର୍ତ୍ତୀ ସର୍ବୋଚ୍ଚ ନେତାଙ୍କୁ ଚୟନ କରିବାର ଦାୟିତ୍ୱ ନ୍ୟସ୍ତ କରାଯାଇଛି । କିନ୍ତୁ ତାହା ଘଟିବା ପର୍ଯ୍ୟନ୍ତ ସେ ଦେଶର ରାଷ୍ଟ୍ରପତି, ମୁଖ୍ୟ ବିଚାରପତି ଓ ଜଣେ ବରିଷ୍ଠ ମୁଲ୍ଲାଙ୍କୁ ନେଇ ଗଠିତ ଏକ ମଧ୍ୟବର୍ତୀକାଳୀନ ନେତୃମଣ୍ଡଳୀ ଦେଶର ଶାସନ ଦାୟିତ୍ୱ ନିର୍ବାହ କରିବା ପାଇଁ ସଂବିଧାନରେ ବ୍ୟବସ୍ଥା କରାଯାଇଛି । ତେବେ ଏଇ ତିନି ଜଣ ମଧ ଜୀବିତ ଅଛନ୍ତି କି ନାହିଁ, କିମ୍ବା ସେମାନଙ୍କ ମଧ୍ୟରୁ କେତେଜଣ ଜୀବିତ ଅଛନ୍ତି, ତାହା ସ୍ପଷ୍ଟ ନୁହେଁ ।ଆକ୍ରମଣ ପୂର୍ବରୁ ଖାମେନେଇଙ୍କର କିଛି ଘଟିଲେ, ତାଙ୍କର ପୁତ୍ର ମୋଜ୍‌ତାବା ତାଙ୍କର ଉତରାଧିକାରୀ ରୂପେ କ୍ଷମତା ଆରୋହଣ କରିବେ ବୋଲି କୁହାଯାଉଥିଲେ ହେଁ, ଆକ୍ରମଣରେ ସେ ମଧ ପ୍ରାଣ ହରାଇଥିବା ବିଶ୍ୱାସ କରାଯାଉଛି । ଆକ୍ରମଣରୁ ବର୍ତି ଯାଇଥିବା ଶାସକ ଗୋଷ୍ଠୀ କୌଣସି ଜଣେ ବରିଷ୍ଠ ମୁଲ୍ଲା କିମ୍ବା ସେମାନଙ୍କର ଏକ କମିଟି ହସ୍ତରେ ଶାସନ କ୍ଷମତା ଅର୍ପଣ କରିପାରନ୍ତି । ଏହା କିନ୍ତୁ ଜଣାଶୁଣା ଯେ ସେ ଦେଶରେ ଯାହା ହାତରେ ପ୍ରକୃତ କ୍ଷମତା ରହିଆସିଛି, ସେ ହେଉଛି ଉପରୋକ୍ତ 'ଇସ୍‌ଲାମିକ୍ ରେଭଲ୍ୟୁସନାରି ଗାର୍ଡ କୋର୍' ('ଆଇଆରଜିସି')- ସର୍ବମୟ ଶାସକଙ୍କର ସୁରକ୍ଷାବାହିନୀ । କିନ୍ତୁ ଉପରେ କୁହାଯାଇଥିବା ଭଳି ଆକ୍ରମଣରେ ଏହି ବାହିନୀର ଅନେକ ବରିଷ୍ଠ ସେନାପତିମାନଙ୍କର ମଧ ମୃତ୍ୟୁ ଘଟିଛି । ଏଥିସତ୍ତ୍ୱେ ଖାମେନେଇଙ୍କ ମୃତ୍ୟୁ ପରେ ମଧ ଇରାନ ପ୍ରତିଆକ୍ରମଣରୁ ନିବୃତ ହେବା ପରିବର୍ତେ ତା'ର ମୁଖ୍ୟ ଶତ୍ରୁ ଇସ୍ରାଏଲ ସମେତ କାତାର୍, ବାହରେନ୍, ଆବୁଧାବି, ଦୁବାଇ ଆଦି ନିଶାଣମାନଙ୍କ ଉପରେ କ୍ଷେପଣାସ୍ତ୍ର ବର୍ଷା କରିବାରେ ଲାଗିଛି । ଏଥିରୁ ଯାହା ମନେ ହୋଇଥାଏ, ତାହା ହେଲା, ଖାମେନେଇ ଏବଂ ଅନ୍ୟ ତୁଙ୍ଗ ଶାସକ ଓ ସେନାପତିମାନେ ଦୃଶ୍ୟପଟରୁ ଅନ୍ତର୍ହିତ ହୋଇଯିବା ପରେ ମଧ ସେଠାରେ ରଚନା କରାଯାଇଥିବା ବ୍ୟବସ୍ଥା ତଥାପି କାର୍ଯ୍ୟକ୍ଷମ ଅବସ୍ଥାରେ ରହିଛି । ଏଇ ବ୍ୟବସ୍ଥାର ବିଶେଷତ୍ୱ ହେଲା, ରାଜତନ୍ତ୍ରରେ ଦେଖାଯାଉଥିବା ଭଳି ଏହାର ଅସ୍ତିତ୍ୱ କୌଣସି ଜଣେ ମାତ୍ର ବ୍ୟକ୍ତି କିମ୍ବା ପରିବାର ଉପରେ ନିର୍ଭର କରି ନ ଥାଏ । ଡୋନାଲ୍‌ଡ ଟ୍ରମ୍ପ ଇରାନର ଜନସାଧାରଣଙ୍କୁ ତୁରନ୍ତ କ୍ଷମତା ଅକ୍ତିଆର କରିବା ପାଇଁ ଆହ୍ୱାନ ଦେଇଥିଲେ ହେଁ, 'ଆଇଆରଜିସି' ଓ କଠୋରପନ୍ଥୀମାନେ ତାହା ଘଟିବାକୁ ନ ଦେଇ ସେଥିପୂର୍ବରୁ କ୍ଷମତା ଦଖଲ କରିନେଇ ପାରନ୍ତି । ସେମାନେ ଖାମେନେଇଙ୍କ ନୀତିକୁ ବଜାୟ ରଖି ସେଠାରେ ଜନଅସନ୍ତୋଷ ଓ ବିଦ୍ରୋହକୁ ପୂର୍ବଭଳି ଦୃଢ଼ ହସ୍ତରେ ଦମନ କରିବା ଅବ୍ୟାହତ ରଖିପାରନ୍ତି । ଯେହେତୁ ଆମେରିକା କିମ୍ବା ଇସ୍ରାଏଲ କେହିହେଲେ ଇରାନରେ ସସୈନ୍ୟ ପ୍ରବେଶ କରିବାକୁ ଚାହାନ୍ତି ନାହିଁ, ସେମାନେ ସିଧାସଳଖ ଭାବରେ ଏହାର କୌଣସି ପ୍ରତିକାର କରିପାରିବେ ନାହିଁ ।

Printed, Published, Edited and Ownedby Prakash Kumar Dhal, Printed at Das Offset Printers, Uditnagar, Main Road, Rourkela, Dist. Sundargarh, orissa -769012 & Published at QR.No. ECR-73, Chhend Colony, Rourkela -15, Dist. Sundergarh, Orissa. ସଂପାଦକ: ପ୍ରକାଶ କୁମାର ଧଳ

Mobile : 9439951525, Email: utkalsamachar@gmail.com / utkalsamachar@rediffmail.com (ଏହି ଅଙ୍କରେ ପ୍ରକାଶିତ ସମସ୍ତ ଖବରର ଚୟନ ଏବଂ ସଂପାଦନା ପାଇଁ ପି.ଆର.ବି. ଆକ୍ଟ ଅନ୍ତର୍ଗତ ଉତରଦାୟୀ ସମସ୍ତ ବିବାଦ ରାଉରକେଲା ନ୍ୟାୟପାଳିକାର ଅଧୀନରେ ହିଁ ହେବ ।) Phone: 0661-2646999 Editor : Prakash Kumar Dhal

CITY OFFICE: B/204, SECTOR-16, ROURKELA, Pin :769003

ଜନଗଣନା ପ୍ରଶ୍ନାବଳୀରେ ଓବିସି ଯୋଡିବା ନେଇ ମାନେଶ୍ୱର ତହସିଲଦାରଙ୍କୁ ଦାବି ପତ୍ର ପ୍ରଦାନ

ସମ୍ବଲପୁର,୧୨/୫(ନି/ପ୍ର):ଭାରତର ସର୍ବବୃହତ ପଛୁଆ ବର୍ଗ(ଓବିସି)ଙ୍କ ଜାତି ଜନଗଣନା ନ ହେବାରୁ ତାଙ୍କର ବିକାଶ ପାଇଁ ସମୁଚିତ ପଦକ୍ଷେପ ଏଯାବତ୍ ନିଆଯାଇ ପାରିନାହିଁ । ସେମାନେ ଜାତୀୟ ବିକାଶର ମୂଳ ସ୍ରୋତରେ ସାମିଲ ହୋଇପାରି ନାହାନ୍ତି । ଓଡିଶା ରାଜ୍ୟରେ ଓବିସି ମାନେ ଶିକ୍ଷା, ଚାକିରୀ ଏପରି କି ପଂଚାୟତିରାଜରେ ବି ସମାନୁପାତିକତ ଦୂରର କଥା ୨୭% ପ୍ରତିନିଧିତ୍ୱ ପାଇନାହାନ୍ତି । ଏହା ସ୍ପଷ୍ଟ ଯେ, ଓବିସିଙ୍କ ଜାତି ଜନଗଣନା ତଥ୍ୟ ବିନା ପଛୁଆ ବର୍ଗଙ୍କ ବିକାଶ ଅସମ୍ଭବ । କେନ୍ଦ୍ର ସରକାର ଗତ ୩୦ ଏପ୍ରିଲ ୨୦୨୫ କେବିନେଟ ବୈଠକରେ ଜାତି ଜନଗଣନା କରାଯିବ ବୋଲି ପ୍ରତିଶୃତି ଦେଇଥିଲେ ହେଁ, ଏବଂ ୨୦୨୬-୨୭ ଜନଗଣନା କାର୍ଯ୍ୟ ଆରମ୍ଭ ହୋଇ ସାରି ଥିଲେ ହେଁ ଜନଗଣନା ପ୍ରଶ୍ନଓବଳୀ ୧୨ ନମ୍ବର ପ୍ରଶ୍ନ (ଯାହା ଓଡିଶା ରାଜ୍ୟରେ ୧୩ ନମ୍ବର ପ୍ରଶ୍ନ)ରେ ଓବିସି ଗଣନାର କୌଣସି ଉଲ୍ଲେଖ ନାହିଁ । ଅର୍ଥାତ୍ ସରକାର ଓବିସିଙ୍କ ଗଣନା କରୁ ନାହାନ୍ତି । ଏହା ହେଲେ ଓବିସିଙ୍କୁ କୌଣସି ସାମାଜିକ ନ୍ୟାୟ ମିଳିବ ନାହିଁ । ଏହି ମର୍ମରେ ଆଜି ଜିଲ୍ଲା ଓବିସି ମଟଂ ମାନେଶ୍ୱର ବ୍ଲକ ଶାଖା ପକ୍ଷରୁ ଜନଗଣନା ପ୍ରଶ୍ନଓବଳୀରେ ଓବିସି ଯୋଡିବା ନେଇ କେନ୍ଦ୍ର ଗୃହ ମନ୍ତ୍ରୀ ଅମିତ ଶାହଙ୍କ ଉଦ୍ଦେଶ୍ୟରେ ମାନେଶ୍ୱର ତହସିଲଦାରଙ୍କୁ ଦାବି ପତ୍ର ପ୍ରଦାନ କରାଯାଇଥିଲା ଓ ମାନେଶ୍ୱର ତହସିଲଦାର ଶ୍ରୀ ବ୍ରଜ କିଶୋର ସାହୁ ଦାବି ପତ୍ର ଗ୍ରହଣ କରିଥିଲେ ଓ ଏହି ଦାବି ପତ୍ର ପ୍ରଦାନ କାର୍ଯ୍ୟକ୍ରମରେ ରାଜ୍ୟ ଓବିସି ମଟଂ ସାଧାରଣ ସମ୍ପାଦକ ଶ୍ରୀ ହୀରାଲାଲ ବେହେରା ଯୋଗଦାନ କରି ଏକ ଲୋକତାନ୍ତ୍ରିକ ସରକାର ଦେଶର ମୋଟ ସଂଖ୍ୟାର ୫୨% ଓବିସି ଜାତି- ସମୂହଙ୍କ ସାମାଜିକ ନ୍ୟାୟକୁ ହୃଦୟଙ୍ଗମ କରି ୧୨ ନମ୍ବର ପ୍ରଶ୍ନରେ ଓବିସି କଲମ ଯୋଡିବେ ବୋଲି ଦୃଢ ଆଶାବାଦୀ ଅଛୁ ବୋଲି ପ୍ରକାଶ କରିଛନ୍ତି ଓ ଜିଲ୍ଲା ଓବିସି ମଟଂର ଆବାହକ ସରୋଜ ସାହୁ, ବିଶିଷ୍ଟ ଓବିସି କର୍ମୀ ସର୍ବଶ୍ରୀ କୃପାସିନ୍ଧୁ ଖମାରି, ଜଟା ଭୂଷଣ ସାହୁ, ଜିତେନ୍ଦ୍ର କୁମାର ପ୍ରଧାନ, ହୃଷିକେଶ ସାହୁ, ପୂର୍ଣଚନ୍ଦ୍ର ସାହୁ, ଭବାନୀ ନାୟକ, ରୋହିଦାସ୍ୟ ସାହୁ, ନିମାଇଁ ବଢ଼େଇ, କୃଷ୍ଣ ଚନ୍ଦ୍ର ସୁନାର, ଭବାନୀ ଶଙ୍କର ପ୍ରଧାନ, ପ୍ରଦୀପ କୁମାର ପରିଡା, ହିମାଂଶୁ ଶେଖର ପ୍ରଧାନ, ମନୋରଞ୍ଜନ ପ୍ରଧାନ, ରାଜ କୁମାର ସାହୁ,ହିମାଂଶୁ ପ୍ରଧାନ, ନିମାଇଁ ସାହୁ ଶିବାନନ୍ଦ ନାୟକ, ପ୍ରଶାନ୍ତ ଦେହେରି, ଦମୟନ୍ତୀ ନାୟକ ଙ୍କ ସମେତ ମାନେଶ୍ୱର ବ୍ଲକ ର ବହୁ ଜାତି ସମ୍ପ୍ରଦାୟ ଏବଂ ଓବିସି କର୍ମୀ ଉପସ୍ଥିତ ଥିଲେ ।

ଡିଏଭି ପରିସରରେ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର

ଝାରସୁଗୁଡ଼ା,୧୨/୫(ନି/ପ୍ର): ଝାରସୁଗୁଡ଼ା ଡିଏଭି ପବ୍ଲିକ ସ୍କୁଲ ପରିସରରେ ବିଶ୍ୱ ରେଡ଼ କ୍ରସ ଦିବସ ପାଳନ ଅବସରରେ ଏକ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଆୟୋଜିତ ହୋଇଯାଇଛି । ବିଦ୍ୟାଳୟର ଅଧକ୍ଷ ଲକ୍ଷ୍ମୀକାନ୍ତ ଦେବତାଙ୍କ ସଭାପତିତ୍ୱରେ ଆୟୋଜିତ ସ୍ୱାସ୍ଥ୍ୟ ପରୀକ୍ଷା ଶିବିରରେ ହେନରୀ ଡୁନାଂଟଙ୍କ ପ୍ରତିଫଳକରେ ମାଲ୍ୟାର୍ପଣ କରାଯାଇଥିଲା । ବରିଷ୍ଠ ଡାକ୍ତର ଭାଗ୍ୟ ବିଧାୟକ ମଙ୍ଗରାଜ, ଡାକ୍ତର ରାଜା ରାମ, ସ୍ୱାସ୍ଥ୍ୟ ବିଭାଗୀୟ କର୍ମକର୍ତା ବେଦ ପ୍ରସାଦ ଡୋରାଙ୍କ ସହିତ ବେଦାନ୍ତ ମେଡିକାଲ ଟିମ ଆସି ଡିଏଭିରେ ୫୦ ରୁ ଉର୍ଦ୍ଧ ବ୍ୟକ୍ତିଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ । ଶିବିରରେ ରକ୍ତଚାପ, ରକ୍ତ ଶର୍କରା ପରୀକ୍ଷା ସହିତ ଅନ୍ୟାନ୍ୟ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା । ଡା. ମଙ୍ଗରାଜ ଓ ଡା. ରାଜାରାମ ସ୍ୱାସ୍ଥ୍ୟ ସେବା ପ୍ରଦାନପୂର୍ବକ ସ୍ୱାସ୍ଥ୍ୟ ସଚେତନତା, ସୁସ୍ଥ ଜୀବନଶୈଳୀ ଓ ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷାର ଆବଶ୍ୟକତା ସମ୍ପର୍କରେ ଉପସ୍ଥିତ ସମସ୍ତଙ୍କୁ ପରାମର୍ଶ ଦେଇଥିଲେ । ବିଶ୍ୱ ରେଡ଼ କ୍ରସ ଦିବସ ପାଳନ କାର୍ଯ୍ୟକ୍ରମକୁ ନିତ୍ୟାନନ୍ଦ ସାହୁ, ହେମଲତା ଜୟସ୍ୱାଲ, ଅନାମିକା ରାନୀ ଓ ରଶ୍ମିରେଖା ଶର୍ମା ପରିଚାଳନା କରିଥିଲେ । ଏହି ଅବସରରେ ଶିକ୍ଷକ ବିଜୟକୃଷ୍ଣ ଛତ୍ରିଆ ଓ ଛାତ୍ରୀ ପ୍ରିୟଙ୍କା ଦାସ ନିଜ ଉଦବୋଧନରେ ମାନବସେବା, ସ୍ୱାସ୍ଥ୍ୟ ସଚେତନତା ଏବଂ ରେଡ଼ କ୍ରସର ସେବାମୂଳକ କାର୍ଯ୍ୟକଳାପର ଗୁରୁତ୍ୱ ବିଷୟରେ ଆଲୋକପାତ କରିଥିଲେ । କାର୍ଯ୍ୟକ୍ରମରେ ବିଦ୍ୟାଳୟର ଶିକ୍ଷକ, କର୍ମଚାରୀ ଓ ଜୁନିଅର ରେଡ଼ କ୍ରସ ଛାତ୍ରଛାତ୍ରୀମାନେ ସକ୍ରିୟଭାବେ ଅଂଶଗ୍ରହଣ କରିଥିଲେ । ସମସ୍ତଙ୍କ ସହଯୋଗ ଓ ସମନ୍ୱୟରେ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ସଫଳତାର ସହ ସମ୍ପନ୍ନ ହୋଇଥିଲା ।

ପିଏନବି ପକ୍ଷରୁ କୁଲୁଣ୍ଡିରେ ମେଗା ଏଗ୍ରିକଲଚର୍ ଏକ୍ସପୋ

ସମ୍ବଲପୁର,୧୨/୫(ନି/ପ୍ର) :ସମ୍ବଲପୁର ସ୍ଥିତ ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ(ପିଏନବି) ତରଫରୁ ଏକ ମେଗା କୃଷି ଏକ୍ସପୋ କୁଲୁଣ୍ଡି ସର୍କଲ କାର୍ଯ୍ୟାଳୟ ଠାରେ ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମନୋଜ କୁମାର ସେଠ, ମଣ୍ଡଳ ମୁଖ୍ୟ, ଚିତ ରଞ୍ଜନ ପୃଷ୍ଟି, ମହାପ୍ରବନ୍ଧକ, କର୍ପୋରେଟ୍ କ୍ରେଡିଟ୍ ମୁଖ୍ୟ କାର୍ଯ୍ୟାଳୟ ଏବଂ ଶ୍ରୀ ଜନ୍ମନ୍ ସହାୟକ ମହାପ୍ରବନ୍ଧକ ଜୋନାଲ କାର୍ଯ୍ୟାଳୟ ଭୁବନେଶ୍ୱର ଉପସ୍ଥିତ ଥିଲେ । ଏହି ଅବସରରେ ୧୫ ଜଣ ମୂଲ୍ୟବାନ ଗ୍ରାହକଙ୍କୁ ମଞ୍ଜୁରୀ ପତ୍ର ପ୍ରଦାନ କରାଯାଇଥିଲା । ଏହି ଏକ୍ସପୋରେ ମୋଟ୍ ୧୮୫ଟି ଋଣ ଲିଡ୍ ସୃଷ୍ଟି ହୋଇଥିଲା, ଯାହାର ପରିମାଣ ପ୍ରାୟ ୬୮କୋଟି ଟଙ୍କା ଥିଲା । ଏହା ଗ୍ରାହକଙ୍କ ଦୃଢ ସମ୍ପର୍କ ଓ ବ୍ୟବସାୟିକ ସମ୍ଭାବନାକୁ ପ୍ରତିଫଳିତ କରିଥିଲା । ସଂନ୍ଧ୍ୟାରେ ମହାପ୍ରବନ୍ଧକ ଶ୍ରୀ ପୃଷ୍ଟି ସର୍କଲ କାର୍ଯ୍ୟାଳୟର କର୍ମଚାରୀ, ସ୍ଥାନୀୟ ଶାଖାର କର୍ମଚାରୀ ଓ ସର୍କଲର ଅନ୍ୟାନ୍ୟ ଶାଖାଗୁଡିକୁ ଉଦବୋଧନ ଦେଇଥିଲେ ।

ବୃକ୍ଷ ସହ ଶିଶୁର ବନ୍ଧୁତା ନେଇ ବୈଠକ

ଜୟପୁର,୧୨/୫(ନି/ପ୍ର): ବୃକ୍ଷ ରୋପଣ ଯେତିକି ଆବଶ୍ୟକ ତାହାର ରକ୍ଷଣାବେକ୍ଷଣ ସେତିକି ଜରୁରୀ। ଏହି ଚିନ୍ତନ ବିଶେଷକରି ଶିଶୁଙ୍କ ଭିତରେ ସୃଷ୍ଟି ହେବା ଆବଶ୍ୟକ। ପାଠ ପଢ଼ାର ବୋଝ ଭିତରେ ପ୍ରକୃତି ସହିତ ଯେଉଁ ସଂଯୋଗ ରହିବା କଥା ତାହା ସେମାନଙ୍କ ରହି ପାରୁନି। ବୃକ୍ଷ ସହିତ ଶିଶୁଙ୍କ ବନ୍ଧୁତା ବଢ଼ାଇବା ଦିଗରେ କାର୍ଯ୍ୟ କରିବା ପାଇଁ ଏକ ବୈଠକରେ ନିଷ୍ପତି ନେଇଛନ୍ତି ଯୋଜନା ଉଚ୍ଚ ବିଦ୍ୟାଳୟ, ବାରିଣୀପୁଟର ୧୯୯୮ ମାଟ୍ରିକ ବ୍ୟାଚ୍ ଛାତ୍ର ଛାତ୍ରୀ। ଆଜି ସ୍କୁଲ ପରିସରରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପର୍ଶୁରାମ ସେଠୀ, ଅବସର ପ୍ରାପ୍ତ ଶିକ୍ଷକ କ୍ଷେତ୍ରମୋହନ ସ୍ୱାଇଁ, ବିଷ୍ଣୁ ଚରଣ ପଟନାୟକ ଯୋଗ ଦେଇଥିବା ବେଳେ ସାଇ ଗୋପାଳ ପାତ୍ର ସଭା ପରିଚାଳନା କରିଥିଲେ। ଧୀରେ ଧୀରେ ଗୁରୁ ଶିଷ୍ୟଙ୍କ ସଂପର୍କ ଭିତରେ ଦୂରତା ବଢ଼ିଥିବା ନେଇ ଅତିଥି ମାନେ ଉଦ୍ବେଗ ପ୍ରକାଶ କରିଥିଲେ। ବିଶେଷକରି ପୁରାତନ ବିଦ୍ୟାର୍ଥୀ ମାନେ ନିଜ ବିଦ୍ୟାଳୟ ସହ ଯୋଡ଼ି ହୋଇ ରହିବା ଓ ସ୍କୁଲର ଆବଶ୍ୟକତାକୁ ନିଜ ସାମର୍ଥ୍ୟ ଅନୁସାରେ ପୂରଣ କରାଇବାକୁ ଆଗଭର ହେବା ପାଇଁ ମୁଖ୍ୟଅତିଥି ଶ୍ରୀ ସେଠୀ ଆହ୍ୱାନ ଦେଇଥିଲେ। ଏହି ବୈଠକରେ ପ୍ରକୃତିକୁ ପ୍ରତିଦାନ ପ୍ରସଙ୍ଗରେ ଆଲୋଚନା ହୋଇଥଲା। ସ୍କୁଲରୁ ଫେରିବା ବେଳେ ପିଲାଙ୍କ ୱାଟର ବୋଟଲରେ ବଳକା ଥିବା ପାଣି ସ୍କୁଲ ପରିସରରେ ଥିବା ଗଛ ମୂଳରେ ଢାଳିବାକୁ ନିଜ ପିଲାଙ୍କୁ ଶିଖାଇବା ଉଚିତ୍। ନିୟମିତ ଏଭଳି କରିବା ଦ୍ୱାରା ପିଲାଙ୍କ ଭିତରେ ଗଛ ପ୍ରତି ଦୁର୍ବଳତା ବଢିବ ଓ ସେ କ୍ରମଶଃ ତାର ଯତ୍ନ ନେବା ପାଇଁ ଇଛା ପ୍ରକାଶ କରିବ । ଏଣୁ ଏହି ଅଭ୍ୟାସ ଅଭିଭାବକ ମାନେ ପିଲାଙ୍କ ଦ୍ୱାରା କରାଇବ ଉଚିତ୍ ହେବ ବୋଲି ପୂର୍ବତନ ଛାତ୍ର ଚିତ ରଂଜନ ଚୌଧୁରୀ ମତ ଦେଇଥିଲେ । ଏଥିରେ ଉପସ୍ଥିତ ସମସ୍ତେ ଏକମତ ହୋଇଥଲେ। ଗଛରେ ପାଣି ଦେଉଥିବା ଫୋଟ ସୋସିଆଲ ମିଡ଼ିଆରେ ପୋଷ୍ଟ କରି ଅଧିକ ସଚେତନତା ସୃଷ୍ଟି କରାଯାଇ ପାରିବ ବୋଲି ପୂର୍ବତନ ଛାତ୍ରୀ ପୁଷ୍ପାଞ୍ଜଳି ମହାନ୍ତି, ବି. ସିରିଶା ଓ ସ୍ୱର୍ଣ୍ଣଲତା ମୁଦୁଲି ମତବ୍ୟକ୍ତ କରିଛନ୍ତି ।ଏହି କାର୍ଯ୍ୟକ୍ରମକୁ ପୂର୍ବତନ ବିଦ୍ୟାର୍ଥୀ ରଞ୍ଜିତା ଓ୍ୱାବିଲା, ସଦନ ମାଣ୍ଡି, ଡି. ଦାମୁ, ନିର୍ମଳ ବାଗ୍, ନରେନ୍ଦ୍ର ଖୋସଲା, ଘେନୁ ଜେନା, ରାମଚନ୍ଦ୍ର ମହାନ୍ତି, ସନ୍ତୋଷ ପଟ୍ଟନାୟକ, ଡିଲେ ରାଓ, ମୋହନ ବଳ, ପ୍ରମୁଖ ପରିଚାଳନା କରିଥିଲେ। ଶେଷରେ ସଂଗ୍ରାମ କେଶରୀ ସିଂ ଧନ୍ୟବାଦ ଅର୍ପଣ କରିଥିଲେ।

ବଡ଼ପାଳରେ ରକ୍ତଦାନ ଶିବିର

କେନ୍ଦ୍ରାପଡା,୧୨/୫(ନି/ପ୍ର) : ମାର୍ଶାଘାଇ ବ୍ଲକ ବଡ଼ପାଳଗୋଡ଼ା ଜି.କେ ବଜାର ଏବଂ କଟକ କେନ୍ଦ୍ରୀୟ ରେଡ଼କ୍ରସ ରକ୍ତଭଣ୍ଡାର ସହଯୋଗରେ ରବିବାର ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ରେଡ଼କ୍ରସ ସୋସାଇଟିର ଡାକ୍ତର ଆଶିଷ ଶତପଥୀ, ଡାକ୍ତର ରାମପ୍ରସାଦ ରାୟ, ବିଶ୍ୱଜିତ ସାହାଣୀ, ପ୍ରଶାନ୍ତ କୁମାର ସେଠୀ, ପିତାମ୍ବର ଜେନା, ପ୍ରକାଶ ମଲିକ, କୀର୍ତ୍ତନ ବଂଛୋର ପ୍ରମୁଖ ଶିବିର ପରିଚାଳନା କରିଥିଲେ ।ଚନ୍ଦ୍ରକାନ୍ତ ମଲ, ରୂପାଲି ବେହେରା, ଡା. ଦୀପକ କୁମାର ବେହେରା, ମନ୍ମଥ ନାଥ ସାହୁ, ଦୀପକ ସୂତାର, ଦିବ୍ୟଜ୍ୟୋତି ସାମଲ, ସନ୍ତୋଷ ବେହେରାଙ୍କ ସମେତ ୯୧ ଜଣ ରକ୍ତଦାତାଙ୍କ ଠାରୁ ୯୧ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା

ଲୋକଲୋଚନକୁ ଆସିବ ଭୀମମଣ୍ଡଳୀର ଗୌରବମୟ ଇତିହାସ : ଧର୍ମେନ୍ଦ୍ର ପ୍ରଧାନ

ସମ୍ବଲପୁର,୧୨/୫(ନି/ପ୍ର): କେନ୍ଦ୍ରମନ୍ତ୍ରୀ ତଥା ସମ୍ବଲପୁର ସାଂସଦ ଧର୍ମେନ୍ଦ୍ର ପ୍ରଧାନ ରବିବାର ସମ୍ବଲପୁର ଜିଲ୍ଲା ନାକଟିଦେଉଳ ବ୍ଲକ ଅନ୍ତର୍ଗତ 'ଭୀମମଣ୍ଡଳୀ ଇକୋ ହେରିଟେଜ୍ ସାଇଟ୍'ର ଭୂମିପୂଜନ କରିଛନ୍ତି । ଏହି ଐତିହାସିକ ଐତିହ୍ୟ ସ୍ଥଳୀ ଭୀମମଣ୍ଡଳୀର ଗୌରବମୟ ଇତିହାସକୁ ଲୋକଲୋଚନକୁ ଆଣିବା ସହ ଏହା ସମ୍ବଲପୁରର ପର୍ଯ୍ୟଟନକୁ ସୁଦୃଢ଼ କରିବ ବୋଲି ଶ୍ରୀ ପ୍ରଧାନ କହିଛନ୍ତି । କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ, ଭୀମମଣ୍ଡଳୀ କେବଳ ଏକ ପର୍ଯ୍ୟଟନ ସ୍ଥଳୀ ନୁହେଁ, ବରଂ ଓଡ଼ିଶାର ଗୌରବମୟ ଇତିହାସ ଓ ପୁରାତନ ସଭ୍ୟତାର ଏକ ଜ୍ୱଳନ୍ତ ପ୍ରମାଣ । ପ୍ରତ୍ନତତ୍ତ୍ୱବିତ୍‌ମାନଙ୍କ ଅନୁସାରେ, ଭୀମମଣ୍ଡଳୀର ଗୁମ୍ଫା କାନ୍ଥରେ ଥିବା 'ରକ୍ ଆର୍ଟ' ଗୁଡ଼ିକ ପ୍ରାୟ ୧୦,୦୦୦ ବର୍ଷରୁ ଅଧିକ ପୁରୁଣା । ଏହି ସ୍ଥଳୀରେ ପ୍ରସ୍ତର ଯୁଗର ଅନେକ ପ୍ରାଚୀନ ଉପକରଣ ମଧ ମିଳିଛି । ଏହି ଦୁର୍ଲଭ ସ୍ଥଳୀକୁ ଆନ୍ତର୍ଜାତୀୟ ପର୍ଯ୍ୟଟନ ମାନଚିତ୍ରରେ ସ୍ଥାନିତ କରିବା ସହ ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ସଂସ୍ଥା (ଏଏସଆଇ) ଦ୍ୱାରା ଆନୁଷ୍ଠାନିକ ମାନ୍ୟତା ପ୍ରଦାନ ପାଇଁ ଉଦ୍ୟମ ଜାରି ରହିଛି । ଐତିହାସିକ ଦୃଷ୍ଟିକୋଣ, ପ୍ରାକୃତିକ ସୌନ୍ଦର୍ଯ୍ୟ ଏବଂ ପୌରାଣିକ ସମ୍ପର୍କ ପାଇଁ ଭୀମମଣ୍ଡଳୀ ସବୁବେଳେ ସ୍ୱତନ୍ତ୍ର । ଏହି ପରିପ୍ରେକ୍ଷୀରେ ଏହାର ବିକାଶ ପାଇଁ ଡବଲ ଇଞ୍ଜିନ ସରକାର ପ୍ରାୟ ୮ କୋଟି ୩୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଅନୁମୋଦନ କରିଛନ୍ତି, ଯାହାର କାମ ଆଜିର ଠାରୁ ଆରମ୍ଭ ହୋଇଛି । ଖୁବ ଶୀଘ୍ର ଏଠାରେ ପ୍ରବେଶ ପଥ, ବ୍ରିଜ୍, ଭ୍ୟୁ ପଏଂଟ, ସୌର ଶକ୍ତି ବ୍ୟବସ୍ଥା ସହ ପର୍ଯ୍ୟଟକଙ୍କ ପାଇଁ ସମସ୍ତ ସୁବିଧା ଏବଂ ବିଶ୍ରାମ ଗୃହ ଆଦି ନିର୍ମାଣ କରାଯିବ । ସ୍ଥାନୀୟ ଜନସାଧାରଣଙ୍କ ସାମାଜିକ ଓ ଆର୍ଥିକ ଉନ୍ନତି ପାଇଁ ଏହି ପ୍ରକଳ୍ପ ଅନେକ ନୂଆ ସୁଯୋଗ ସୃଷ୍ଟି କରିବ। ଶ୍ରୀ ପ୍ରଧାନ ଆହୁରି କହିଛନ୍ତି ଯେ ଓଡ଼ିଶା ସରକାରଙ୍କ 'ହୋମ୍ ଷ୍ଟେ' ନୀତି ମାଧ୍ୟମରେ ସ୍ଥାନୀୟ ଗ୍ରାମବାସୀଙ୍କୁ ରୋଜଗାରକ୍ଷମ କରାଯିବା ସହ ପର୍ଯ୍ୟଟକମାନଙ୍କୁ ଓଡ଼ିଶାର ପାରମ୍ପରିକ ଗ୍ରାମ୍ୟ ଜୀବନର ଅନୁଭୂତି ପ୍ରଦାନ କରିବା ପାଇଁ ଯୋଜନା ରହିଛି । ଆଗାମୀ ଦିନରେ ଏହି ଅଂଚଳର ସାଂସ୍କୃତିକ ଅର୍ଥନୀତିକୁ ସମୃଦ୍ଧ କରିବା ଦିଗରେ ଭୀମମଣ୍ଡଳୀ ବିଶେଷ ଭାବରେ ସହାୟକ ହେବ । ଏହି ପଦକ୍ଷେପ ପାଇଁ ଶ୍ରୀ ପ୍ରଧାନ ମାନ୍ୟବର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କୁ ଧନ୍ୟବାଦ ଜଣାଇଛନ୍ତି। ସୂଚନାଯୋଗ୍ୟ ଯେ, ଫେବୃଆରୀ ୨୫, ୨୦୨୫ରେ ଏହି ସ୍ଥାନ ପରିଦର୍ଶନ କରିବା ଅବସରରେ ଶ୍ରୀ ପ୍ରଧାନ ଏହାର ବିକାଶ ପାଇଁ ପ୍ରତିଶ୍ରୁତି ଦେଇଥିଲେ । ସେ କେନ୍ଦ୍ର ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଗଜେନ୍ଦ୍ର ସିଂହ ଶେଖାୱତଙ୍କୁ ପତ୍ର ଲେଖି ଦେବ୍ରିଗଡ଼ -ଭୀମମଣ୍ଡଳୀ-ହୀରାକୁଦକୁ ଏକ 'ପର୍ଯ୍ୟଟନ ସର୍କିଟ୍' ଭାବେ ଘୋଷଣା କରିବାକୁ ମଧ ପରବର୍ତୀ ପର୍ଯ୍ୟାୟରେ ଅନୁରୋଧ କରିଥିଲେ ।

ବନ୍ଧଗୁଡାରେ ବସ୍-କାର ଧକ୍କା, ଜିଲ୍ଲା କୃଷି ଅଧିକାରୀ ଓ ଚାଳକ ଆହତ

ମାଲକାନଗିରି,୧୨/୫(ନି/ପ୍ର): ମାଲାନଗିରି ଜିଲ୍ଲା ବନ୍ଧଗୁଡ଼ା ନିକଟରେ ସଡ଼କ ଦୁର୍ଘଟଣାରେ ଜିଲ୍ଲା କୃଷି ଅଧିକାରୀ ଓ ଡ୍ରାଇଭର ଆହତ ହୋଇଛନ୍ତି। ସୂଚନା ଅନୁଯାୟୀ ଜିଲ୍ଲା କୃଷି ଅଧିକାରୀ ଅନିଲ କୁମାର ପ୍ରହରାଜ ନିଜ ସରକାରୀ ଗାଡ଼ିରେ ଜିଲ୍ଲାର ଧୁଙ୍ଗିଆପୁଟରେ ଅନୁଷ୍ଠିତ ହେଉଥିବା ଯୁଗ୍ମ ଜନ ଶୁଣାଣି କାର୍ଯ୍ୟକ୍ରମରେ ଯୋଗ ଦେବାକୁ ଯାଉଥିଲେ। ଜିଲ୍ଲା ସଦରରୁ ଜୟପୁରକୁ ସଂଯୋଗ କରୁଥିବା ୩୨୬ ନମ୍ବର ଜାତୀୟ ରାଜଥରେ ଯିବା ବେଳେ ବନ୍ଧାଗୁଡ଼ା ଗ୍ରାମ ନିକଟରେ ଏକ ମୋଟରସାଇକେଲକୁ ରାସ୍ତା ଦେବାକୁ ଯାଇ ସାମ୍ନାରୁ ଆସୁଥିବା ଭଞ୍ଜନଗର-କାଲିମେଳା ଓଏସ୍‌ଆରଟିସି ବସ୍ ସହ କୃଷି ଅଧିକାରୀଙ୍କ ଗାଡ଼ିଟି ସହ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ କୃଷି ଅଧିକାରୀ ଓ ତାଙ୍କ ଗାଡ଼ି ଚାଳକ ଏଥିରେ ଆହତ ହୋଇଥିଲେ। ଉଭୟଙ୍କୁ ତୁରନ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। କୃଷି ଅଧିକାରୀଙ୍କୁ ସାମାନ୍ୟ ଆଘାତ ଲାଗିଥିବା ହେତୁ ତାଙ୍କର ତୁରନ୍ତ ଚିକିତ୍ସା ପରେ ସେ ପ୍ରଶାସନର ଯୁଗ୍ମ ଜନ ଅଭିଯୋଗ ଶୁଣାଣୀ କାର୍ଯ୍ୟକ୍ରମରେ ଯୋଗ ଦେବାକୁ ଚାଲି ଯାଇଥିଲେ। ଏତେ ବଡ ଦୁର୍ଘଟଣାରୁ ଜିଲ୍ଲା କୃଷି ଅଧିକାରୀ ଅଳ୍ପକେ ବର୍ତିଯାଇଥିବା ଦେଖିବାକୁ ମିଳିଛି। ଅନ୍ୟପଟେ ତାଙ୍କ ଡ୍ରାଇଭରଙ୍କ ଅବସ୍ଥା ଗୁରୁତର ଥିବାରୁ ବର୍ତମାନ ମଧ ତାଙ୍କ ଚିକିତ୍ସା ଜାରି ରହିଥିବା ଜଣାପଡ଼ିଛି। ବସ ଏବଂ ସରକାରୀ କାରର ସମ୍ମୁଖ ଭାଗ କ୍ଷତିଗ୍ରସ୍ତ ହୋଇଛି। ପୁଲିସ ଘଟଣାସ୍ଥଳରେ ପହଂଚି ତନାଘନା ଆରମ୍ଭ କରିଛି।

ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ଉଲ୍ଲେଖନୀୟ ପ୍ରଦର୍ଶନ ପାଇଁ ଓଡ଼ିଶାକୁ ଜାତୀୟସ୍ତରରେ ସମ୍ମାନ

ଭୁବନେଶ୍ୱର,୧୨/୫(ନି/ପ୍ର): ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା (ପିଏମଜିଏସୱାଇ)ର ସଫଳ କାର୍ଯ୍ୟାନ୍ୱୟନ ଏବଂ ଗ୍ରାମୀଣ ସଂଯୋଗ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟଦକ୍ଷତା ପାଇଁ ଓଡ଼ିଶାକୁ କେନ୍ଦ୍ର ଗ୍ରାମୀଣ ବିକାଶ ମନ୍ତ୍ରଣାଳୟ ପକ୍ଷରୁ ଜାତୀୟ ସ୍ତରରେ ସମ୍ମାନିତ କରାଯାଇଛି। ମଧ୍ୟପ୍ରଦେଶର ସିହୋରଠାରେ ମେ ୧୦ ତାରିଖରେ ଆୟୋଜିତ ପିଏମଜିଏସୱାଇ ର ୨୫ ବର୍ଷ ପୂର୍ତି ଉତ୍ସବ ପାଳନ କାର୍ଯ୍ୟକ୍ରମରେ ଏହି ସମ୍ମାନ ପ୍ରଦାନ କରାଯାଇଥିଲା। କେନ୍ଦ୍ର ଗ୍ରାମୀଣ ବିକାଶ ମନ୍ତ୍ରୀ ଶ୍ରୀ ଶିବରାଜ ସିଂହ ଚୌହାନ ଏବଂ ମଧ୍ୟପ୍ରଦେଶର ମୁଖ୍ୟମନ୍ତ୍ରୀ ଡ. ମୋହନ ଯାଦବଙ୍କ ଉପସ୍ଥିତିରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଦେଶର ଗ୍ରାମୀଣ ସଂଯୋଗ ବ୍ୟବସ୍ଥାକୁ ସୁଦୃଢ଼ କରିବାରେ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା (ପିଏମଜିଏସୱାଇ) ଗତ ୨୫ ବର୍ଷ ଧରି ଏକ ଗୁରୁତ୍ୱପୂର୍ଣ ଯୋଜନା ଭାବେ ପରିଚିତ ହୋଇଆସିଛି। ଏହି ଯୋଜନା ମାଧ୍ୟମରେ ସାରା ଦେଶରେ ୧.୬୩ ଲକ୍ଷରୁ ଅଧିକ ବସବାସ କ୍ଷେତ୍ରକୁ ସବୁଦିନିଆ ସଡ଼କ ସଂଯୋଗ ମିଳିଛି। ଶିକ୍ଷା, ସ୍ୱାସ୍ଥ୍ୟ, ବଜାର ଓ ଜୀବିକା ଆଦି କ୍ଷେତ୍ରରେ ଗ୍ରାମାଂଚଳର ଲୋକମାନଙ୍କ ଜୀବନ ଧାରଣର ମାନ ବୃଦ୍ଧି ତଥା ଗ୍ରାମୀଣ ଭିତିଭୂମିର ଉନ୍ନତିରେ ଏହି ଯୋଜନା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି । ଏହି ଯୋଜନାର ସଫଳ ରୂପାୟନ, କାର୍ଯ୍ୟାନ୍ୱୟନ, ଗୁଣାତ୍ମକ ନିର୍ମାଣ ଓ ସ୍ଥାୟୀ ଉନ୍ନୟନମୂଳକ ପଦକ୍ଷେପ ପାଇଁ ରାଜ୍ୟମାନଙ୍କୁ ବିଭିନ୍ନ ବର୍ଗରେ ଜାତୀୟ ସ୍ୱୀକୃତି ମିଳିଛି। ଏହି ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା ଅଧୀନରେ ସର୍ବାଧିକ ବସବାସ କ୍ଷେତ୍ରକୁ ସଡ଼କ ସଂଯୋଗ ପ୍ରଦାନ କରିଥିବା ରାଜ୍ୟମାନଙ୍କ ବର୍ଗରେ ଓଡ଼ିଶା ୧୬,୯୯୦ଟି ଜନବସତିକୁ ସଂଯୋଗ ପ୍ରଦାନ କରି ଦେଶରେ ତୃତୀୟ ସ୍ଥାନ ଅଧିକାର କରିଛି। ସେହିପରି ଉତର-ପୂର୍ବ ରାଜ୍ୟ, କେନ୍ଦ୍ରାଶାସିତ ଅଂଚଳ ଏବଂ ପାହାଡ଼ିଆ ଅଂଚଳ ବର୍ଗରେ ମଧ ଓଡ଼ିଶା ପାହାଡିଆ ଅଂଚଳରେ ଥିବା ୨,୧୩୨ ଗୋଟି ଜନବସତିକୁ ସଡ଼କ ସଂଯୋଗୀକରଣ କରି ଜାତୀୟସ୍ତରରେ ତୃତୀୟ ସ୍ଥାନ ହାସଲ କରିଛି। ଜାତୀୟ କାର୍ଯ୍ୟକ୍ରମର ଅଂଶ ଭାବରେ ଆୟୋଜିତ ଇଞ୍ଜିନିୟରିଂ ଏବଂ ପ୍ରଯୁକ୍ତିବିଦ୍ୟା ମଡେଲ ପ୍ରଦର୍ଶନୀ ସମୟରେ ଓଡ଼ିଶାର 'ବନ୍ଧାରା ମଡେଲ' ପ୍ରଦର୍ଶିତ ହୋଇଛି। ଗ୍ରାମୀଣ ସଂଯୋଗ ଓ ଜଳ ନିରାପତାକୁ ସମନ୍ୱୟ କରିଥିବା ଏହି ବ୍ରିଜ୍-କମ୍-ୱିଅର (ଆଡ଼ିବନ୍ଧ ଯୁକ୍ତ ସେତୁ) ମଡେଲ ଓଡ଼ିଶାର ଏକ ସଫଳ ଓ ସ୍ଥାୟୀ ଉନ୍ନୟନମୂଳକ ପଦକ୍ଷେପ ଭାବେ ପରିଚିତ ହୋଇଛି। ଋତୁକାଳୀନ ନଦୀଗୁଡ଼ିକରେ ଜଳ ଅଭାବ ସମସ୍ୟାକୁ ଦୂର କରିବା ପାଇଁ ଏଥିରେ ଆଡ଼ିବନ୍ଧ ବ୍ୟବସ୍ଥା ମାଧ୍ୟମରେ ଜଳ ପ୍ରବାହକୁ ନିୟନ୍ତ୍ରଣ କରାଯାଇ ଭୂତଳ ଜଳ ସଂରକ୍ଷଣରେ ସହାୟତା କରାଯାଉଛି। ଏହା ଫଳରେ ଗ୍ରୀଷ୍ମ ଋତୁରେ ପାନୀୟ ଜଳ ଓ ଜଳସେଚନ ପାଇଁ ଜଳ ଉପଲବ୍ଧତା ସୁନିଶ୍ଚିତ ହେଉଛି। ପିଏମଜିଏସୱାଇ ଅଧୀନରେ ଓଡ଼ିଶାକୁ ମିଳିଥିବା ଏହି ଜାତୀୟ ସ୍ୱୀକୃତି ଗ୍ରାମୀଣ ବିକାଶ କ୍ଷେତ୍ରରେ ରାଜ୍ୟର ଦୃଢ଼ ପ୍ରତିବଦ୍ଧତା ଓ ନିରନ୍ତର ପ୍ରୟାସର ପ୍ରତିଫଳନ, ବୋଲି ଗ୍ରାମ୍ୟ ଉନ୍ନୟନ, ପଂଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ରବି ନାରାୟଣ ନାଏକ କହିଛନ୍ତି। ରାଜ୍ୟ ସରକାର ଗ୍ରାମାଂଚଳର ସର୍ବାଙ୍ଗୀନ ଉନ୍ନତି ଦିଗରେ ସର୍ବଦା କାର୍ଯ୍ୟ କରୁଥିବା ବେଳେ ଆଗାମୀ ଦିନରେ ଏହି ଅଭିଯାନକୁ ଆହୁରି ସୁଦୃଢ଼ କରାଯିବ ବୋଲି ମନ୍ତ୍ରୀ ଦୃଢୋକ୍ତି ପ୍ରକାଶ କରିଛନ୍ତି ।

ରାଜ୍ୟସ୍ତରୀୟ ଯୋଗ ପ୍ରତିଯୋଗିତା ଉଦ୍‌ଯାପିତ

ପୁରୀ,୧୨/୫(ନି/ପ୍ର):ମହାଶକ୍ତି ଗାୟତ୍ରୀ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ଶୁକ୍ରବାର ରାଜ୍ୟସ୍ତରୀୟ ଯୋଗ ପ୍ରତିଯୋଗିତା ବଡଦାଣ୍ଡ ସ୍ଥିତ ଅନ୍ନପୂର୍ଣ୍ଣା ଥିଏଟର ରଙ୍ଗମଂଚରେ ଉଦଯାପିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ରାଜ୍ୟସଭା ସାଂସଦ ଶୁଭାଶିଷ ଖୁଂଟିଆ ଯୋଗଦେଇ ଶ୍ରୀଜଗନ୍ନାଥଙ୍କ ପ୍ରତିମୂର୍ତିରେ ପୁଷ୍ପ ମାଲ୍ୟାର୍ପଣ ସହ ପ୍ରଦୀପ ପ୍ରଜ୍ୱଳନ କରି କହିଲେ ଯୋଗ ହିଁ ମଣିଷକୁ ନିରୋଗ ରଖେ । ଯୋଗ ଦ୍ୱାରା ଶରୀର ସୁସ୍ଥ ରହିବା ସହ ପୁରାତନ ଯୁଗରୁ ଯୋଗ ରହିଆସିଛି । ସମ୍ମାନିତ ଅତିଥି ଭାବେ ସଦରବ୍ଲକ ଅଧକ୍ଷ ଦିବାକର ପାତ୍ର, ଭାରତ ଖୋ ଖୋ ଫେଡେରେସନ ଉପସଭାପତି ତଥା ପ୍ରୟାସ ଟେଲିଭିଜନର ପରିଚାଳନା ନିର୍ଦ୍ଦେଶକ ପ୍ରଦ୍ୟୁମ୍ନ ମିଶ୍ର, ଯୋଗଗୁରୁ ଜଜ୍ଞେଶ୍ୱର ଖୁଂଟିଆ, ବରିଷ୍ଠ ଆଇନଜୀବୀ ଡକ୍ଟର ପ୍ରଧାନ ଧୀରେନ ରାୟ, ବିନାୟକ ସଂଘ ସଭାପତି ସନ୍ଦୀପ କୁମାର ଦାଶ, ଭାରତ ଜନତା ମଂଚ ରାଜ୍ୟ ସଭାପତି ରଜନୀକାନ୍ତ ମିଶ୍ର, ସମାଜସେବୀ ସୁରେଶ ଚନ୍ଦ୍ର ବାରିକ ଓ ଅଭିମନ୍ୟୁ ଜେନା ପ୍ରମୁଖ ଉପସ୍ଥିତ ରହି ଯୋଗ କରିବା ଦ୍ୱାରା ମାନସିକ ଦୁର୍ଶ୍ଚିନ୍ତା ଦୂର ସହ ମନ ପ୍ରଫୁଲ୍ଲ ରହିବ ଓ ଶରୀର ସୁନ୍ଦର ଗଠନର ଉପକାରିତା ମିଳିପାରିବ ବୋଲି ମତବ୍ୟକ୍ତ କରିବା ସହ ପ୍ରତିଯୋଗୀ ମାନଙ୍କୁ ଉତ୍ସାହିତ କରିଥିଲେ । ଅନୁଷ୍ଠାନର ସଭାପତି ତଥା ଶଙ୍କରାଚାର୍ଯ୍ୟ ମଠର ଯୋଗଗୁରୁ ପୂର୍ଣ୍ଣଚନ୍ଦ୍ର ମିଶ୍ର ସଭାପତିତ୍ୱ କରିଥିଲେ । ଅତିଥି ପରିଚୟ ପ୍ରଦାନ ସହ ମଂଚ ସଂଚାଳନ କରିଥିଲେ ଶ୍ୟାମପ୍ରକାଶ ସେନାପତି ।

ଫେଲୋସିପ୍ ସଭାଗୃହରେ ଇଂଟରସିପ୍ ପ୍ରୋଗ୍ରାମ ଉଦ୍‌ଘାଟିତ

ଭଦ୍ରକ, ୧୨/୫(ନି/ପ୍ର):ଫେଲୋସିପ୍ ସଭାଗୃହରେ ଚରମ୍ପା କଲେଜ ଓ ପାଳିଆବିନ୍ଧା କଲେଜର ଛାତ୍ରଛାତ୍ରୀମାନଙ୍କୁ ନେଇ ଏକ ଇଂଟରସିପ୍ ପ୍ରୋଗ୍ରାମ ୧୫ ଦିନ ପାଇଁ ଆରମ୍ଭ ହୋଇଯାଇଅଛି। ଏହି କାର୍ଯ୍ୟକ୍ରମକୁ ଫେଲୋସିପ୍‌ର ସଭାପତି ଝରଣା ପଟ୍ଟନାୟକ ଉଦ୍‌ଘାଟନ କରିଥିଲେ । ଏଥିରେ ଫେଲୋସିପ୍‌ର ସଂପାଦକ ଏସ୍.ଏମ୍.ଫାରୁକ, ନିର୍ଦ୍ଦେଶକ ଲଲାଟେନ୍ଦୁ ମହାନ୍ତିଙ୍କ ସମେତ ଚରମ୍ପା ମହାବିଦ୍ୟାଳୟର ଅଧାପିକ ସୁକାନ୍ତି ମହାପାତ୍ର ଓ ପାଳିଆବିନ୍ଧା କଲେଜର ଅଧାପିକା ଅନିତା ମଞ୍ଜରୀ ଯୋଗ ଦେଇଥିଲେ। ୭୦ ଜଣ ଛାତ୍ରଛାତ୍ରୀଙ୍କୁ ନେଇ ଏହି ଟ୍ରେନିଂ ଆରମ୍ଭରେ ବରିଷ୍ଠ ଅଭିଭକ୍ତା ଓ ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନର ସଂପାଦକ ପବନ ଶର୍ମା, ବିଷୟ ବିଶାରଦ ଭାବେ ମହାତ୍ମା ଗାନ୍ଧୀଙ୍କର ରାଜନୈତିକ ଚିନ୍ତାଧାରା ବିଷୟରେ ତାଙ୍କର ବକ୍ତବ୍ୟ ରଖିଥିଲେ। କାର୍ଯ୍ୟକ୍ରମକୁ ଲିପ୍‌ସା ନାୟକ (ପ୍ରୋଗ୍ରାମ ମ୍ୟାନେଜର) ପରିଚାଳନା କରିଥିଲେ। ଗ୍ରୀଷ୍ମ ଛୁଟିରେ ପିଲାମାନଙ୍କୁ ସମସ୍ତ ସୋସିଆଲ ଆକ୍ଟିଭିଟ୍ର ପରିଭାଷା ଜଣିବା ପାଇଁ ଏହି ପ୍ରଶିକ୍ଷଣର ଉଦ୍ଦେଶ୍ୟକୁ ଦୀର୍ଘ ୧୫ ଦିନ ଧରି ଆଗେଇ ନେବା ପାଇଁ ଫେଲୋସିପ୍ ପ୍ରୟାସ କରିଛି । ଏଥିରେ ଶିଶୁ ସମସ୍ୟା,ନାରୀ ସମସ୍ୟା, ସାଇବର କ୍ରାଇମ୍, ତୃତୀୟଲିଙ୍ଗ, କ୍ଲାଇମେଟ୍ ମ୍ୟାନେଜମେଂଟ ଓ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ବିଷୟରେ ଆଲୋକପାତ କରାଯିବ।

ଜିଲ୍ଲା ମହିଳା କଂଗ୍ରେସ ପକ୍ଷରୁ ମଶାଲ ଶୋଭାଯାତ୍ରା

ରାଉରକେଲା,୧୨/୫(ନି/ପ୍ର): ଜିଲ୍ଲା ମହିଳା କଂଗ୍ରେସ ପକ୍ଷରୁ ରବିବାର ସନ୍ଧ୍ୟାରେ ଉଦିତନଗର ବାବା ସାହେବ ଆମ୍ବେଦକର ଛକରେ ଏକ ମଶାଲ ଶୋଭାଯାତ୍ରାର ଆୟୋଜନ କରାଯାଇଥିଲା । ଏଥିରେ ୨୦୨୩ ମସିହାରେ ସଂସଦରେ ଗୃହୀତ ହୋଇଥିବା ୩୩ ପ୍ରତିଶତ ମହିଳା ସଂରକ୍ଷଣ ବିଲ୍ ତୁରନ୍ତ କାର୍ଯ୍ୟକାରୀ କରିବା ପାଇଁ ଦାବି କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ବହୁ ସଂଖ୍ୟକ ମହିଳା କଂଗ୍ରେସ କର୍ମୀ ଯୋଗଦେଇ କେନ୍ଦ୍ର ସରକାରଙ୍କୁ ମହିଳା ସଂରକ୍ଷଣ ତୁରନ୍ତ କାର୍ଯ୍ୟକାରୀ କରିବାକୁ ଅନୁରୋଧ କରିଥିଲେ । ରାଉରକେଲା ଜିଲ୍ଲା କଂଗ୍ରେସ କମିଟି (ଡିସିସି) ସହଯୋଗରେ ଏହି ଶୋଭାଯାତ୍ରାର ଆୟୋଜନ କରାଯାଇଥିଲା । ମହିଳା କଂଗ୍ରେସ ସଭାନେତ୍ରୀ ଶ୍ରୀମତୀ ଝରଣା ତ୍ରିପାଠୀଙ୍କ ନେତୃତ୍ୱରେ ହୋଇଥିବା ଏହି ମଶାଲ ଶୋଭାଯାତ୍ରାରେ ଜିଲ୍ଲା କଂଗ୍ରେସ ସଭାପତି ସବୀର ହୁସେନ, ରବି ରାୟ, ପ୍ରବୋଧ ଦାସ, ଖାଦେଲ ସେଠୀ, କୀର୍ତ୍ତନ ଦାସ, ବସନ୍ତ ସାମଲ, ଶିବୁ ଦିପ୍, ତୁରସୀ ନାଗ, ନଚିକେତା ମହାପାତ୍ର, ରମେଶ ମଲ୍ଲିକ, ବ୍ରଜବନ୍ଧୁ ତ୍ରିପାଠୀ, ମନୋଜ ପାଣିଗ୍ରାହୀ, ସୁଧୀର ସିଂହ ଚୌହାନ, ଶ୍ରୀମତୀ ବିଜୟଲକ୍ଷ୍ମୀ ପ୍ରଧାନ, ଶ୍ରୀମତୀ ପ୍ରତିମା ବେହେରା, ଲକ୍ଷ୍ମୀ ଦାସ, ରୁମି ରୁମାନ, ସବନାମ ବେଗମ୍, ରୁକସାନା ବେଗମ୍, ପ୍ରସନ୍ନ ବଳିଆରସିଂ, ସୂର୍ଯ୍ୟକାନ୍ତ ବାରିକ୍, ସୋନୁ ଜୈସ୍ୱାଲ, ଏଡି ସଲିମ୍, ଶ୍ୟାମ ସାଗର, ଏଡି ଗୁଲାମ, ଏଡି ହାଇଦର, ସେନାପତି ପୃଷ୍ଟି, ବିଜୟ ନାହାକ, ଦିନୁ ତ୍ରପାଠୀ, ରାଜେଶ ଚୋପଦାର, ଶିବ ସୁନା, ଅନୀଲ ବିଶୋଇ, ମିଟୁ ଚୌଧୁରୀ, କୁଲୁ ରେହେମାନ, ଦିବ୍ୟ ନାହାକ, ଜେମସ୍ ଓରାମ, ସାହେବ ଓରାମ, ଯୋଶେଫ ଟପ୍ପୋ, ସୁନ୍ଦର ଲାକ୍ରା, ନିରଞ୍ଜନ ଭଟ୍ଟ, ସୁଲେମାନ ବାରିକ, ଶୁଭମ ଛତ୍ର, ମନୀଷ ଲାକ୍ରା, ରୋହିତ ନନ୍ଦ, ରାକେଶ ନନ୍ଦ, ନବୀନ ରାଓ ପ୍ରମୁଖ ଉପସ୍ଥିତ ଥିଲେ । ଜିଲ୍ଲା କର୍ମୀମାନେ ତାଙ୍କ ବକ୍ତବ୍ୟରେ କହିଥିଲେ ଯେ ସଂସଦରେ ଗୃହୀତ ହେବା ସତ୍ତ୍ୱେ ମହିଳା ବିଲ୍ କାର୍ଯ୍ୟକାରୀ ନ ହେବା ମହିଳା ଅଧିକାର ପ୍ରତି ଅବହେଳାକୁ ଦର୍ଶାଉଛି । ରାଜନୀତିରେ ମହିଳାମାନଙ୍କର ନ୍ୟାର୍ଯ୍ୟ ପ୍ରତିନିଧିତ୍ୱ ସୁନିଶ୍ଚିତ କରିବା ପାଇଁ ୩୩ ପ୍ରତିଶତ ସଂରକ୍ଷଣ ବିଲ୍ ତୁରନ୍ତ କାର୍ଯ୍ୟକାରୀ କରିବା ପାଇଁ ସେମାନେ ଦାବି ଦୋହରାଇଥିଲେ ।

ରାଉରକେଲା ପୋଲିସ ପକ୍ଷରୁ ଥାନାରେ ବ୍ରିଫିଂ-କମ୍-ରୋଲ୍ କଲ୍ କାର୍ଯ୍ୟକ୍ରମ

ରାଉରକେଲା,୧୨/୫(ନି/ପ୍ର): ପୋଲିସିଂ ପଦକ୍ଷେପକୁ ସୁଦୃଢ଼ କରିବା ଏବଂ ଜିଲ୍ଲାରେ ପ୍ରଭାବଶାଳୀ ଆଇନ ପ୍ରବର୍ତ୍ତନ ସୁନିଶ୍ଚିତ କରିବା ପାଇଁ ରାଉରକେଲା ପୋଲିସ ଜିଲ୍ଲା ଅଧୀନରେ ଥିବା ସମସ୍ତ ଥାନାଗୁଡିକ ପକ୍ଷରୁ ବ୍ରିଫିଂ-କମ୍-ରୋଲ୍ କଲ୍ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି । ବ୍ରିଫିଂ-କମ୍-ରୋଲ୍ କଲ୍ ସମୟରେ, ଇନ୍ସପେକ୍ଟର - ଇନଚାର୍ଜମାନେ ପୋଲିସ ଅଧିକାରୀ ଏବଂ କର୍ମଚାରୀମାନଙ୍କୁ ସେମାନଙ୍କର ନ୍ୟସ୍ତ କର୍ତ୍ତବ୍ୟ, କାର୍ଯ୍ୟକ୍ଷମ ଦାୟିତ୍ୱ ଏବଂ ବରିଷ୍ଠ କର୍ତ୍ତୃପକ୍ଷଙ୍କ ଦ୍ୱାରା ଜାରି କରାଯାଇଥିବା ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶାବଳୀ ବିଷୟରେ ସଚେତନ କରିଥିଲେ । ଏଥିସହିତ ଅଧିକାରୀମାନଙ୍କୁ ଆଇନ ଶୃଙ୍ଖଳା ବଜାୟ ରଖିବା ଏବଂ ଜନସାଧାରଣଙ୍କ ସୁରକ୍ଷା ବୃଦ୍ଧି କରିବା ପାଇଁ ମୁଖ୍ୟ ନିର୍ଦ୍ଦେଶାବଳୀ ଏବଂ ବର୍ତ୍ତମାନର ପୋଲିସିଂ ପ୍ରାଥମିକତା ବିଷୟରେ ମଧ୍ୟ ଅବଗତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ସମସ୍ତ ନାଗରିକଙ୍କ ସୁରକ୍ଷା ଏବଂ ନିରପେକ୍ଷତାକୁ ସୁନିଶ୍ଚିତ କରିବା ପାଇଁ ପ୍ରସ୍ତୁତି, ଆଇନ ଶୃଙ୍ଖଳା, ସମନ୍ୱିତ ପୋଲିସିଂ ଏବଂ ସକ୍ରିୟ ପଦକ୍ଷେପ ଉପରେ ଗୁରୁତ୍ୱାରୋପ କରାଯାଇଥିଲା । ବରିଷ୍ଠ ପୋଲିସ ଅଧିକାରୀମାନଙ୍କ ପକ୍ଷରୁ ଜାରି କରାଯାଇଥିବା ଜନସାଧାରଣଙ୍କ ସୁରକ୍ଷା ଚିନ୍ତା ଏବଂ ନିୟମିତ ଆଇନ ପ୍ରବର୍ତ୍ତନ କାର୍ଯ୍ୟକଳାପକୁ ଦୃଷ୍ଟିରେ ରଖି ସତର୍କତା, ସମୟୋଚିତ ପ୍ରତିକ୍ରିୟା ଏବଂ ସମ୍ପ୍ରଦାୟ-ଆଧାରିତ ପୋଲିସିଂର ଗୁରୁତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ ।

ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀଙ୍କ ରାଉରକେଲା ଗସ୍ତ : ବିଭିନ୍ନ ଜନକଲ୍ୟାଣକାରୀ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ

ରାଉରକେଲା,୧୨/୫(ନି/ପ୍ର): ରାଜ୍ୟ ସରକାରଙ୍କ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡା. କୃଷ୍ଣଚନ୍ଦ୍ର ମହାପାତ୍ର ରାଉରକେଲା ଗସ୍ତରେ ଆସି ବିଭିନ୍ନ ଜନକଲ୍ୟାଣକାରୀ ପ୍ରକଳ୍ପଗୁଡ଼ିକର ଉଦ୍ଘାଟନ କରିବା ସହିତ କେତେକ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି । ଏଥିସହ ମନ୍ତ୍ରୀ ଶ୍ରୀ ମହାପାତ୍ର କ୍ଷେତ୍ର ପରିଦର୍ଶନ କରିବା ସହ ବିଭିନ୍ନ ପ୍ରକଳ୍ପର ବାସ୍ତବିକ ସ୍ଥିତି ସମ୍ବନ୍ଧରେ ସମୀକ୍ଷା କରିଥିଲେ । ବିଭିନ୍ନ ପ୍ରକଳ୍ପ ସହିତ ଜଡ଼ିତ ହିତାଧିକାରୀଙ୍କ ସହ ମଧ୍ୟ ଆଲୋଚନା କରିଥିଲେ । ଆରଏସପି ଆଡମିନିଷ୍ଟ୍ରେସନ ବିଲ୍ଡିଂ ସମ୍ମୁଖରେ ନୂତନ ଭାବରେ ସ୍ଥାପିତ ସାଞ୍ଚ ବଜାର ଠାରେ ଅନୁଷ୍ଠିତ ଉଦ୍ଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ପ୍ରାୟ ୭ କୋଟି ୭୧ ଲକ୍ଷ ଟଙ୍କା ପ୍ରକଳ୍ପର ଉଦ୍‌ଘାଟନ କରିବା ସହିତ ୯ କୋଟି ଟଙ୍କା ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ ମଧ୍ୟ କରିଥିଲେ । ସାଞ୍ଚ ବଜାରରେ ୧୦ଟି ଦୋକାନ ଗୃହ ରହିଥିବା ବେଳେ ମନ୍ତ୍ରୀ ଶ୍ରୀ ମହାପାତ୍ର ୫ଟି ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାଙ୍କୁ ଦୋକାନ ଗୃହ ଚାବି ହସ୍ତାନ୍ତର କରିଥିଲେ । ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀଙ୍କ ଦ୍ୱାରା ଉଦ୍ଘାଟିତ ହୋଇଥିବା ପ୍ରକଳ୍ପଗୁଡିକ ମଧ୍ୟରେ ରହିଛି, କୋଏଲନଗର ସ୍ଥିତ ବିର୍ସାମୁଣ୍ଡା ପାର୍କ, ବିର୍ସାମୁଣ୍ଡା ଆଥଲେଟିକ ଷ୍ଟାଡିୟମ ସାମ୍ନାରେ ତିଆରି କ୍ରୀଡ଼ା ବନ, ରୁପୁଟୋଲା କେୟାର କ୍ଲଷ୍ଟର, ଏସଟିଆଇ ଛକ ସ୍ଥିତ ଗଣେଶ ମାର୍କେଟ କମ୍ପ୍ଲେକ୍ସ, ସାଞ୍ଚ ବଜାର ଓ ପାହାଡପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ । ଏହି ଅବସରରେ ମନ୍ତ୍ରୀ ଶ୍ରୀ ମହାପାତ୍ର କହିଥିଲେ ଯେ, ବିକାଶକୁ ଗତି ପ୍ରଦାନ କରିଥିବା ଏହି ପ୍ରକଳ୍ପଗୁଡ଼ିକ ସହରର ରୂପରେଖ ପରିବର୍ତ୍ତନରେ ପ୍ରମୁଖ ଭୂମିକା ଗ୍ରହଣ କରିବ । ଏହା ସହ ସହରକୁ ବସ୍ତି ମୁକ୍ତ କରିବାକୁ ଆମ ସରକାର ଗୁରୁତ୍ୱ ଦେଉଥିବା ବେଳେ ସବୁ ବର୍ଗର ଲୋକଙ୍କ ପାଇଁ ସୁରକ୍ଷିତ ଆଶ୍ରୟ ସୁନିଶ୍ଚିତ କରିବା ସକାଶେ ଆଗାମୀ ଦିନରେ ସହରରେ ଅଧିକରୁ ଅଧିକ ସୁଲଭ ବାସଗୃହ ପ୍ରକଳ୍ପ, ରେଟାଂଲ ହାଉସ୍, ଏମ୍ଆଇଜି, ଏଲ୍ଆଇଜି ହାଉସ୍ ନିର୍ମାଣ କରାଯିବ । ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ୨୦୪୭ ସୁଦ୍ଧା ଭାରତ ଏକ ବିକଶିତ ରାଷ୍ଟ୍ର ଓ ୨୦୩୬ ସୁଦ୍ଧା ଓଡିଶା ଏକ ବିକଶିତ ରାଜ୍ୟ ଭାବେ ପରିଣତ ହେବାକୁ ଯାଉଥିବା ବେଳେ ରାଉରକେଲା ମଧ୍ୟ ଏଥିରେ ପ୍ରମୁଖ ଭୂମିକା ଗ୍ରହଣ କରିବ ବୋଲି ସେ ମତ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଆଭାସୀ ମାଧ୍ୟମରେ କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ ଯୋଗ ଦେଇଥିବା ବେଳେ ବିଧାନସଭା ଉପବାଚସ୍ପତି ଭବାନୀ ଶଙ୍କର ଭୋଇ, ରଘୁନାଥପାଲ୍ଲୀ ବିଧାୟକ ଦୁର୍ଗା ଚରଣ ତନ୍ତୀ, ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ, ସୁନ୍ଦରଗଡ଼ ଜିଲ୍ଲାପାଳ ଡାକ୍ତର ଶୁଭଙ୍କର ମହାପାତ୍ର, ରାଉରକେଲା ମହାନଗର ନିଗମ ଆୟୁକ୍ତ ସୁଶ୍ରୀ ଦୀନାଃ ଦସ୍ତଗୀର୍ ପ୍ରମୁଖ ଉପସ୍ଥିତ ଥିଲେ । ଏଥିସହ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣ ଚନ୍ଦ୍ର ମହାପାତ୍ର ପ୍ରସିଦ୍ଧ ପର୍ଯ୍ୟଟନସ୍ଥଳୀ ବେଦବ୍ୟାସ ପୀଠ ପରିଦର୍ଶନ କରିବା ସହ ସେଠାରେ ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ କରାଯିବ ବୋଲି ସୂଚନା ଦେଇଥିଲେ । ସେଠାରେ ଶ୍ମଶାନର ଉନ୍ନତିକରଣ କାର୍ଯ୍ୟ ଖୁବ୍ ଶୀଘ୍ର ଆରମ୍ଭ କରିବାକୁ ଉପସ୍ଥିତ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ । ଏହା ସହ ବାଲୁଘାଟ ପିକନିକ୍ ପ୍ରକଳ୍ପ ସ୍ଥଳ ସମେତ ବାଲୁଘାଟ ସ୍ଥିତ ମଳ ଉପଚାର କେନ୍ଦ୍ର, ଛେଣ୍ଡ ସ୍ଥିତ ସୁଲଭ ବାସଗୃହ ପ୍ରକଳ୍ପ ସ୍ଥଳ, ବାୟୋ ମାଇନିଂ ପ୍ରକ୍ରିୟାକରଣ ସ୍ଥଳ, ମିଶନ ଶକ୍ତି କାଫେ ପରିଦର୍ଶନ କରିଥିଲେ । ଉଦ୍ଘାଟିତ ହୋଇଥିବା ଗଣେଶ ମାର୍କେଟ କମ୍ପ୍ଲେକ୍ସ ମଧ୍ୟ ପରିଦର୍ଶନ କରିଥିଲେ । ରାଉରକେଲା ୱାନଠାରେ ନିର୍ମିତ ଜନଜାତି ସଂଗ୍ରହାଳୟ ଓ ସମନ୍ୱିତ ନିର୍ଦ୍ଦେଶ ଓ ନିୟନ୍ତ୍ରଣ କେନ୍ଦ୍ର ପରିଦର୍ଶନ କରିଥିଲେ । ମନ୍ତ୍ରୀ ତାଙ୍କର ଏହି ରାଉରକେଲା ଗସ୍ତ କାଳରେ ବେଦବ୍ୟାସ ସ୍ଥିତ ଗୋଶାଳା ପରିଦର୍ଶନ କରିବା ସହ ସେଠାକାର ପରିଚାଳନା ବାବଦରେ ପଚାରି ବୁଝିଥିଲେ । ୩୧ତମ ରାଉରକେଲା ଉନ୍ନୟନ କର୍ତ୍ତୃପକ୍ଷ (ଆରଡିଏ) ବୈଠକରେ ଅଧ୍ୟକ୍ଷତା କରି ଜନସାଧାରଣଙ୍କ ଆବଶ୍ୟକତା ଅନୁଯାୟୀ ପ୍ରକଳ୍ପ ଆରିପାଇଁ ପରାମର୍ଶ ଦେଇଥିଲେ ।

ବିଶ୍ୱ ସମ୍ବାଦକେନ୍ଦ୍ର ପକ୍ଷରୁ ନାରଦ ଜୟନ୍ତୀ ସମାରୋହ - ୨୦୨୬

ରାଉରକେଲା,୧୨/୫(ନି/ପ୍ର): ବିଶ୍ୱ ସମ୍ବାଦକେନ୍ଦ୍ର ରାଉରକେଲା ପକ୍ଷରୁ ଛେଣ୍ଡ ଗୋପବନ୍ଧୁ ପାଠାଗାର ଠାରେ ନାରଦ ଜୟନ୍ତୀ ସମାରୋହ-୨୦୨୬ ଅନୁଷ୍ଠିତ ହୋଇଯାଇଛି । ବିଶ୍ୱର ଆଦ୍ୟ ସାମ୍ବାଦିକ ଦେବର୍ଷି ନାରଦଙ୍କ ଜୟନ୍ତୀ ପାଳନ ଉପଲକ୍ଷେ ଆଜି ମୁଖ୍ୟ ଅତିଥି ଭାବେ ବରିଷ୍ଠ ସାମ୍ବାଦିକ ତଥା ସତ୍ୟା ନ୍ୟୁଜ୍ ଏଲୋଟର ପ୍ରତିଷ୍ଠାତା ଓ ସମ୍ପାଦକ ସତ୍ୟାନନ୍ଦ ମହାନ୍ତି ଯୋଗଦେଇଥିଲା ବେଳେ ଆରଏସ୍ଏସ୍ ଓଡିଶା ପଶ୍ଚିମ ପ୍ରାନ୍ତ ସଂଘ ଚାଳକ ଡକ୍ଟର ସନାତନ ପ୍ରଧାନ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ । କାର୍ଯ୍ୟକ୍ରମ ଆରମ୍ଭରେ ଦେବର୍ଷି ନାରଦ ଏବଂ ଭାରତ ମାତାଙ୍କ ଫଟୋଚିତ୍ର ସମ୍ମୁଖରେ ଅତିଥିମାନଙ୍କ ପକ୍ଷରୁ ପ୍ରଦୀପ ପ୍ରଜ୍ୱଳନ କରାଯିବା ପରେ ମୁଖ୍ୟ ଅତିଥି ତାଙ୍କ ବକ୍ତବ୍ୟରେ ଦେବର୍ଷି ନାରଦଙ୍କୁ ଆଦ୍ୟ ସାମ୍ବାଦିକ ଭାବରେ ଉଲ୍ଲେଖିତ କରିବା ସହିତ ଆଜିର ସାମ୍ବାଦିକ ସତ୍ୟ, ନିଷ୍ଠା ଓ ନିର୍ଭିକତା ସହକାରେ ସାମ୍ବାଦିକତା କରିବା ଆବଶ୍ୟକ ବୋଲି ଗୁରୁତ୍ୱାରୋପ କରିଥିଲେ । ମୁଖ୍ୟ ବକ୍ତା ଡକ୍ଟର ସନାତନ ପ୍ରଧାନ ତାଙ୍କ ବକ୍ତବ୍ୟରେ ଦେବର୍ଷି ନାରଦଙ୍କୁ ଆଦ୍ୟ ସାମ୍ବାଦିକ ବର୍ଣ୍ଣନା କରି ବିଦ୍ୟା କ୍ଷେତ୍ରରେ ଶ୍ରୀ ଗଣେଶ ଏବଂ ମାତା ସରସ୍ୱତୀ, ଶିଳ୍ପ କ୍ଷେତ୍ରରେ ଶ୍ରୀ ବିଶ୍ୱକର୍ମା ଏବଂ ଧନ କ୍ଷେତ୍ରରେ ଯେପରି ମାତା ଶ୍ରୀ ମହାଲକ୍ଷ୍ମୀଙ୍କ ଆରାଧନା କରାଯାଇଥାଏ, ସେହିପରି ସାମ୍ବାଦିକତା କ୍ଷେତ୍ରରେ ଦେବର୍ଷି ନାରଦଙ୍କୁ ଜ୍ୟେଷ୍ଠ କୃଷ୍ଣପକ୍ଷ ପ୍ରତିପଦାରେ ପୂଜିତ କରାଯାଇଥାଏ । ୧୮୯୭ରେ ସ୍ୱାମୀ ବିବେକାନନ୍ଦ ତାଙ୍କ ଓଜସ୍ୱୀ ଭାଷଣରେ ଭାରତକୁ 'ଭାରତ ଆମର ମାତା' ବୋଲି ଅଭିହିତ କରିବା ପରେ, ଆମ ଦେଶକୁ ଆମେ ଭାରତ ମାତା ସମ୍ବୋଧନ କରୁଛୁ । ଦେବର୍ଷି ନାରଦ ଯେପରି ସ୍ୱର୍ଗ, ମର୍ତ୍ତ୍ୟ ଓ ପାତାଳଲୋକ ଗମନ କରି ତିନିଲୋକର ଖବର ରଖୁଥିଲେ ଏବଂ ତିନିଲୋକ ସହିତ ସୁସମ୍ପର୍କ ରକ୍ଷାକରି ବିବାଦର ସମାଧାନ କରିପାରୁଥିଲେ, ସେହିପରି ପ୍ରତ୍ୟେକ ସାମ୍ବାଦିକ ଦେବର୍ଷି ନାରଦଙ୍କ ପଥ ଅନୁସରଣ କରି ଗ୍ରାଉଣ୍ଡ ଜିରୋରୁ ଖବର ସଂଗ୍ରହ କରିବା ସହ ବିଭିନ୍ନ ଦିଗରୁ ତଥ୍ୟ ସଂଗ୍ରହ କରି ସମ୍ବାଦ ପରିବେଷଣ କରିବା ଉଚିତ୍ । ସତ୍ୟ ଓ ବିବେକାନୁସାରେ ତଥ୍ୟକୁ ଉପସ୍ଥାପନ କରିବା ଉଚିତ୍ । ଦେବର୍ଷି ନାରଦ ଯେପରି ଗର୍ଭାବସ୍ଥା ସମୟରେ ଅସୁରରାଜ ହିରଣ୍ୟକଶିପୁର ପତ୍ନୀ କୟାଦୁଙ୍କୁ ଦେବରାଜ ଇନ୍ଦ୍ରଙ୍କ ଠାରୁ ଉଦ୍ଧାର କରି ନିଜ ଆଶ୍ରମରେ ସ୍ଥାନ ଦେଇ ଭଗବାନଙ୍କ ମହତ୍ ବାଣୀ ଶୁଣାଇବା ଫଳରେ, କୟାଦୁ ଭକ୍ତ ପ୍ରହ୍ଲାଦଙ୍କୁ ଜନ୍ମ ଦେଇଥିଲେ । ଦସ୍ୟୁ ରତ୍ନାକର ଯେପରି ଦେବର୍ଷି ନାରଦଙ୍କ ଉପଦେଶ ମାନି ସହସ୍ର ବର୍ଷ ତପସ୍ୟା କରିବା ଫଳରେ, ଉଇହୁଙ୍କା ମଧ୍ୟରୁ ଋଷି ବାଲ୍ମିକୀ ହୋଇ ରାମାୟଣ ରଚନା କରିଥିଲେ ସେହିପରି ଭାବରେ ସାମ୍ବାଦିକ ସମାଜର ପ୍ରତ୍ୟେକ ଲୋକଙ୍କ ସହିତ ମିଶି, ନିଜ ପରିବାର ସହ ରହି ପରିବାର ସଦସ୍ୟଙ୍କ ସହିତ ଖାଦ୍ୟ ଓ ଭ୍ରମଣରେ ଭାଗନେବା ଉଚିତ । ପର୍ଯ୍ୟାବରଣ ସହିତ ନାଗରିକ କର୍ତ୍ତବ୍ୟ, ନିଜର ସଂସ୍କୃତି ଓ ସମ୍ବିଧାନକୁ ମର୍ଯ୍ୟାଦା ଦେବା ଏବଂ ସ୍ୱ-ବିଚାର ସହ ଭାଷା ଓ ସଂସ୍କୃତିର ଆଦର କରି ସାମ୍ବାଦିକ ଦେବର୍ଷି ନାରଦଙ୍କ ପଦାନୁସରଣ କରିବା ଉଚିତ ବୋଲି ମୁଖ୍ୟ ବକ୍ତା ଡକ୍ଟର ସନାତନ ପ୍ରଧାନ କହିଥିଲେ ।

ରବୀନ୍ଦ୍ର ନାଥ ଟେଗୋରଙ୍କ ୧୬୫ତମ ଜନ୍ମ ବାର୍ଷିକୀ ଉପଲକ୍ଷେ ଜାତୀୟ ସ୍ତରୀୟ ସଙ୍ଗୀତ ସମାରୋହ

ରାଉରକେଲା,୧୨//୩(ନି/ପ୍ର) : ରାଉରକେଲା ସେକ୍ଟର-୫ ସ୍ଥିତ ଭଞ୍ଜଭବନ ପ୍ରେକ୍ଷାଳୟରେ ରବୀନ୍ଦ୍ର ନାଥ ଟାଗୋରଙ୍କ ୧୬୫ତମ ଜନ୍ମବାର୍ଷିକୀ ଉପଲକ୍ଷେ ଜାତୀୟ ସ୍ତରୀୟ ଦେଶର ୧୧ଟି ସହରରେ ଆୟୋଜିତ ହୋଇଯାଇଛି । ଏ ପରିପ୍ରେକ୍ଷୀରେ ରାଉରକେଲା ଗୀତିମାଲ୍ୟ ଅନୁଷ୍ଠାନ ପକ୍ଷରୁ ଦ୍ୱିତୀୟ ବର୍ଷ ଚିରନୂତନ ଶୀର୍ଷକ ରବୀନ୍ଦ୍ର ନାଥ ଟେଗୋରଙ୍କ ସ୍ମରଣରେ ଏହି ଜାତୀୟ ସ୍ତରୀୟ ସଙ୍ଗୀତ କାର୍ଯ୍ୟକ୍ରମ ସ୍ଥାନୀୟ ଭଞ୍ଜଭବନ ଠାରେ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମର ମୁଖ୍ୟ ବିଶେଷତ୍ୱ ହେଉଛି ଏକା ସାଙ୍ଗରେ ୧୧ଟି ସହରରେ ରବୀନ୍ଦ୍ର ନାଥ ଟେଗୋରଙ୍କ ରଚିତ ୧୭ଟି ଗୀତ ଗାୟନ କରାଯାଇଥିଲା । ଏଥି ସହିତ ପ୍ରତ୍ୟେକ ସ୍ଥାନରେ ୧୦୦ ଜଣ ପ୍ରତିଯୋଗୀ ସାମିଲ ହୋଇ ଏକା ସହିତ ସଙ୍ଗୀତ ପରିବେଷଣ କରିଥିଲେ । ଯାହା ଶତକଣ୍ଠ ସହସ୍ର କଣ୍ଠ ଭାବେ ଗୋଟିଏ ସାଙ୍ଗରେ ୧୧ଟି ସହରର ୧୧ଶହ ପ୍ରତିଭାଗୀ ସଙ୍ଗୀତ ଗାନ କରିଥିଲେ । ୧୧ଟି ସହର ହେଲା ନୂଆଦିଲ୍ଲୀ, ନାଭି ମୁମ୍ବାଇ, ବାଙ୍ଗଲୋର, ଚେନ୍ନାଇ, ହାଇଦ୍ରାବାଦ, ରାଉରକେଲା, ଭୋପାଳ, ଭିଲାଇ,ଜାମସେଦପୁର, ସିଲଚର ଏବଂ କଲିକତା । ଏହି କାର୍ଯ୍ୟକ୍ରମ ଟି ୧ ଘଣ୍ଟା ୧୭ ମିନିଟ ୭ ସେକେଣ୍ଡ ପର୍ଯ୍ୟନ୍ତ ଚାଲିଥିଲା । ଏହି କାର୍ଯ୍ୟକ୍ରମ ମୁଖ୍ୟତଃ ନୋବେଲ ପୁରସ୍କାର ବିଜେତା ଗୁରୁ ରବୀନ୍ଦ୍ର

ସେଲ ରାଉରକେଲା ଇସ୍ପାତ କାରଖାନାରେ 'ସୁରକ୍ଷା ନେତୃତ୍ୱ' ଉପରେ ତାଲିମ କାର୍ଯ୍ୟକ୍ରମ

ରାଉରକେଲା,୧୨/୫(ନି/ପ୍ର): ସେଲ୍, ରାଉରକେଲା ଇସ୍ପାତ କାରଖାନା (ଆରଏସପି) ର ଜ୍ଞାନାର୍ଜନ ଏବଂ ବିକାଶ ବିଭାଗରେ ମଇ ୯ ତାରିଖ ଦିନ, ଏସ ଏସ ଓ, ରାଟିଂ ଏବଂ ସୁରକ୍ଷା ଇଞ୍ଜିନିୟରିଂ ବିଭାଗ ଦ୍ୱାରା 'ସୁରକ୍ଷା ନେତୃତ୍ୱ' ଉପରେ ଏକ ଦିନିକିଆ ତାଲିମ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ଏହି କାର୍ଯ୍ୟକ୍ରମର ଆର ଏସ ପି ର କାର୍ଯ୍ୟ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ବିଶ୍ୱରଞ୍ଜନ ପଲ୍ଲାଇ ମୁଖ୍ୟ ବ୍ୟକ୍ତି ଥିଲେ । । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଏଚ ଆର – ଏଲ ଏଣ୍ଡ ଡି ବିଭାଗ ର ସି ଜି ଏମ ଶ୍ରୀ ପି. କେ. ସାହୁ, ସୁରକ୍ଷା ଏବଂ ଅଗ୍ନିଶମ ସେବା ବିଭାଗର ସିଜିଏମ, ଶ୍ରୀ ହୀରାଲାଲ ମହାପାତ୍ର, ଏସ ଏସ ଓ, ରାଟିଂର ଜିଏମ ଇନ ଚାର୍ଜ ଶ୍ରୀ ସୁରେଶ କୁମାରଙ୍କ ସମେତ ସୁରକ୍ଷା ବିଭାଗର ଜିଏମ ଶ୍ରୀ ଅବକାଶ ବେହେରା ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମର ମୁଖ୍ୟ ବ୍ୟକ୍ତି ଭାବରେ ଟାଟା ଷ୍ଟିଲ୍ ଜାମସେଦପୁରର ସୁରକ୍ଷା ତାଲିମର ବରିଷ୍ଠ ଏରିଆ ମ୍ୟାନେଜରଶ୍ରୀ ସୁକେଶ କୁମାର ଝା, କାର୍ଯ୍ୟକ୍ରମର ମୁଖ୍ୟ ବ୍ୟକ୍ତି ଥିଲେ । ବିଭାଗୀୟ ସୁରକ୍ଷା ଅଧିକାରୀ (ଡି ଏସ ଓ), କ୍ଷେତ୍ର ସୁରକ୍ଷା ଅଧିକାରୀ (ଏ ଏସ ଓ) ଏବଂ ଲାଇନ ମ୍ୟାନେଜରଙ୍କ ସମେତ ପ୍ରାୟ ୩୫ ଜଣ ଅଂଶଗ୍ରହଣକାରୀ ଯୋଗ ଦେଇଥିଲେ । ସମାବେଶକୁ ସମ୍ବୋଧିତ କରି, ଶ୍ରୀ ବିଶ୍ୱରଞ୍ଜନ ପଲ୍ଲାଇ ନିଜର ଅଭିଭାଷଣ ରେ ସୁରକ୍ଷା କେବଳ ନିୟମର ଏକ ସେଟ୍ ନୁହେଁ, ବରଂ ଏକ ନେତୃତ୍ୱ-ଚାଳିତ ମାନସିକତା ଏବଂ ସାମୂହିକ ଦାୟିତ୍ୱ ବୋଲି ଦୃଢ଼ୋକ୍ତି ପ୍ରକାଶ କରିଥିଲେ । ସେ ଆହୁରି ମଧ୍ୟ କହି ଥିଲେ ଯେ ଶୂନ୍ୟ କ୍ଷତି ଲକ୍ଷ୍ୟ ହାସଲ କରିବା ଏବଂ ସ୍ଥାୟୀ କାର୍ଯ୍ୟ କୁ ସୁନିଶ୍ଚିତ କରିବା ପାଇଁ ପ୍ରଭାବଶାଳୀ ସୁରକ୍ଷା ନେତୃତ୍ୱ ଗୁରୁତ୍ୱପୂର୍ଣ୍ଣ ଅଟେ । ସେ ସମସ୍ତ ଅଧିକାରୀ ଏବଂ ଲାଇନ ମ୍ୟାନେଜରଙ୍କୁ ଉଦାହରଣ ଦେଇ ନେତୃତ୍ୱ ନେବା ତଥା ଏହି ଦିଗରେ ସତର୍କ ରହିବା ସହିତ ଏକ ସଂସ୍କୃତିକୁ ପ୍ରୋତ୍ସାହିତ କରିବାକୁ ପରାମର୍ଶ ଦେଇ ଥିଲେ । ସେ କାର୍ଯ୍ୟକ୍ଷେତ୍ରରେ ସୁରକ୍ଷା ଉପରେ ପ୍ରତ୍ୟେକ କାର୍ଯ୍ୟକଳାପ ଏବଂ ନିଷ୍ପତ୍ତିର ଏକ ଅବିଚ୍ଛେଦ୍ୟ ଅଂଶ ବୋଲି କହି ଥିଲେ । ଏହି କାର୍ଯ୍ୟକ୍ରମରେ କାର୍ଯ୍ୟକ୍ଷେତ୍ରରେ ସୁରକ୍ଷାର କାର୍ଯ୍ୟାନ୍ୱୟନ ନିମନ୍ତେ ଗୁରୁତ୍ୱପୂର୍ଣ୍ଣ ସୁରକ୍ଷା ବିଷୟବସ୍ତୁ ଏବଂ ବ୍ୟବହାରିକ ପଦ୍ଧତିକୁ ଅନ୍ତର୍ଭୁକ୍ତ କରି ଏକ ବ୍ୟାପକ ସମୟସୂଚୀ ପ୍ରଦର୍ଶିତ ହୋଇଥିଲା । ସେଲ ରେ ସୁରକ୍ଷା ପରିଚାଳନା ଉପରେ ଆୟୋଜିତ ଅଧିବେଶନଟି ଶ୍ରୀ ସୁରେଶ କୁମାରଙ୍କ ଦ୍ୱାରା ପରିଚାଳନା କରାଯାଇଥିଲା, ଯିଏ କି ସେଲ ର ସୁରକ୍ଷା ଢାଚାଂ, ବ୍ୟବସ୍ଥା ଏବଂ ସଂଗଠନରେ ସୁରକ୍ଷା କାର୍ଯ୍ୟକର୍ତ୍ତାଙ୍କ କର୍ତ୍ତବ୍ୟ ଉପରେ ବିସ୍ତୃତ ଭାବରେ ବର୍ଣ୍ଣନା କରିଥିଲେ । ଶ୍ରୀ ସୁକେଶ କୁମାର ଝାଙ୍କ ଦ୍ୱାରା ବୈଷୟିକ ଅଧିବେଶନଗୁଡ଼ିକ ପରିଚାଳନା କରାଯାଇଥିଲା, ଯେଉଁଥିରେ ସୁରକ୍ଷା ସମ୍ପର୍କ ଏବଂ ସୁରକ୍ଷା ବୃତିଗତଙ୍କ ଭୂମିକା, ସୁରକ୍ଷା ବୃତିଗତଙ୍କ ଠାରୁ ଆଶାନୁରୂପକ ଗୁରୁତ୍ୱପୂର୍ଣ୍ଣ ବିଷୟ ଅନ୍ତର୍ଭୁକ୍ତ ଥିଲା । ଏହି କାର୍ଯ୍ୟକ୍ରମରେ ବିପଦ-ଭିତ୍ତିକ ସୁରକ୍ଷା ଆଭିମୁଖ୍ୟ, ଆଚରଣଭିତ୍ତିକ ସୁରକ୍ଷାକୁ ଆଲୋଚନା ପରିସର ଭୁକ୍ତ କରାଯାଇଥିଲା, ଅସୁରକ୍ଷିତ କାର୍ଯ୍ୟ ତଥା ଅସୁରକ୍ଷିତ ପରିସ୍ଥିତି ଏବଂ କାର୍ଯ୍ୟ ପରମିଟ୍ ସିଷ୍ଟମ ଏବଂ ସକାରାତ୍ମକ ବିଚ୍ଛିନ୍ନତା ଭଳି ପ୍ରମୁଖ କାର୍ଯ୍ୟକ୍ଷମ ସୁରକ୍ଷା ବ୍ୟବସ୍ଥା ଚିହ୍ନଟ କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା । ଦୁର୍ଘଟଣା ରିପୋର୍ଟିଂ ଏବଂ ତଦନ୍ତ ପଦ୍ଧତି ଉପରେ ଅଧିବେଶନରେ ସମୟୋଚିତ ରିପୋର୍ଟିଂ, ମୂଳ କାରଣର ବିଶ୍ଳେଷଣ ତଥା ପୂର୍ବ ବିପଦର ପୁନରାବୃତିକୁ ଏଡାଇବା ପାଇଁ ପ୍ରତିରୋଧକ କାର୍ଯ୍ୟର ଗୁରୁତ୍ୱ ଉପରେ ଆଲୋକପାତ କରାଯାଇଥିଲା । କାର୍ଯ୍ୟକ୍ରମରେ ଡିଏସ ଓ, ଏ ଏସ ଓ ଏବଂ ଲାଇନ ମ୍ୟାନେଜରଙ୍କ ସକ୍ରିୟ ଅଂଶଗ୍ରହଣ ଏବଂ ଉତ୍ସାହପୂର୍ଣ୍ଣ ଯୋଗଦାନ ପରିଲକ୍ଷିତ ହୋଇଥିଲା ।ଉନ୍ନତ ସଚେତନତା, ଦାୟିତ୍ୱ ଏବଂ ସକ୍ରିୟ ସୁରକ୍ଷା ନେତୃତ୍ୱ ମାଧ୍ୟମରେ ଆର ଏସ ପି ରେ ସୁରକ୍ଷା କାର୍ଯ୍ୟଦକ୍ଷତାକୁ ଆହୁରି ସୁଦୃଢ଼ କରିବା ଆଶା କରାଯାଉଛି । ଆରମ୍ଭରେ, ଶ୍ରୀ ହୀରାଲାଲ ମହାପାତ୍ର ସମାବେଶକୁ ସ୍ୱାଗତ କରିଥିଲେ ।

ଓମ୍ ମା ସରସ୍ୱତୀ ଏଜୁକେସନାଲ୍ ଟ୍ରଷ୍ଟର ବାର୍ଷିକ ଉତ୍ସବ ସମ୍ପନ୍ନ

ରାଜଗାଙ୍ଗପୁର,୧୨/୫(ନି/ପ୍ର): ରବିବାର, ୧୦ ମଇ, ୨୦୨୬ ସନ୍ଧ୍ୟା ୫ ଘଟିକାରେ ଓମ୍ ମା ସରସ୍ୱତୀ ଏଜୁକେସନାଲ୍ ଟ୍ରଷ୍ଟର ବାର୍ଷିକ ଉତ୍ସବ ମହାଆଡମ୍ବର ଏବଂ ଉତ୍ସାହର ସହିତ ସମ୍ପନ୍ନ ହୋଇଯାଇଛି । ଏହି କାର୍ଯ୍ୟକ୍ରମ ରାଜଗାଙ୍ଗପୁର ଅନ୍ତର୍ଗତ କୋର୍ଟ ରୋଡ଼ ସ୍ଥିତ ଏଜୁକେସନାଲ୍ ଇନଷ୍ଟିଚ୍ୟୁଟ୍ କ୍ୟାମ୍ପସରେ ଅନୁଷ୍ଠିତ ହୋଇଥିଲା, ଇନଷ୍ଟିଚ୍ୟୁଟ୍‌ର ପ୍ରଫେସର ସୁଧାଂଶୁ ଶେଖର ମିଶ୍ରଙ୍କ ଦ୍ୱାରା ଦୀପ ପ୍ରଜ୍ୱଳନ ସହିତ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା । ଦୀପ ପ୍ରଜ୍ୱଳନ ପରେ, ଛାତ୍ରଛାତ୍ରୀମାନେ ଗଣେଶ ବନ୍ଦନା ଏବଂ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ । ସମ୍ମାନିତ ଅତିଥିମାନଙ୍କ ମଧ୍ୟରେ ଅବସରପ୍ରାପ୍ତ ଅଧ୍ୟକ୍ଷ ଗୁଣନିଧି ମାଂଝି, ପ୍ରତିଷ୍ଠାତା ସଦସ୍ୟ କୃପା ସିନ୍ଧୁପଣ୍ଡା ଏବଂ ଡଙ୍ଗଝରଣ ଏଜୁକେସନାଲ୍ ଇନଷ୍ଟିଚ୍ୟୁଟ୍ ର ନିର୍ଦ୍ଦେଶକ ସତ୍ୟ ନାରାୟଣ ରଥ ଏବଂ ପଦ୍ମନାଭ ସତପଥୀ ପ୍ରମୁଖ ଯୋଗ ଦେଇଥିଲେ । ଶିକ୍ଷାନୁଷ୍ଠାନର ବାର୍ଷିକ ରିପୋର୍ଟ ଡଙ୍ଗଝରଣ ର ଉପାଧ୍ୟକ୍ଷ ପ୍ରତ୍ୟୁଷ ରଥ ଉପସ୍ଥାପନ କରିଥିଲେ, ଯେଉଁଥିରେ ବିଗତ ବର୍ଷର ସଫଳତା ଏବଂ ପ୍ରଗତି ବିଷୟରେ ବିସ୍ତୃତ ଭାବରେ ବର୍ଣ୍ଣନା କରାଯାଇଥିଲା । ସଭାପତି ସନ୍ତୋଷ ସତପଥୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ମୁଖ୍ୟ ଅତିଥି ଏବଂ ବିଶିଷ୍ଟ ଅତିଥି ସେମାନଙ୍କ ଭାଷଣ ଦେଇ ଛାତ୍ରଛାତ୍ରୀମାନଙ୍କୁ ପ୍ରେରଣା ଦେଇଥିଲେ । ଓମସେଟ୍ ଇନଷ୍ଟିଚ୍ୟୁଟ୍ ସହିତ ଜଡିତ ଗାୟତ୍ରୀ ଡିଗ୍ରୀ କଲେଜର ଛାତ୍ରୀ ତନୁଶ୍ରୀ ନାୟକଙ୍କୁ ବିଶ୍ୱବିଦ୍ୟାଳୟର ତୃତୀୟ ବର୍ଷରେ କମ୍ପ୍ୟୁଟର ସାଇନ୍ସରେ ସ୍କୁଲ ସ୍ତରରେ ଶ୍ରେଷ୍ଠ ସ୍ଥାନ ହାସଲ କରିବା ପାଇଁ ସମ୍ମାନିତ କରାଯାଇଥିଲା ଓ ଏହା ସହିତ ଅନ୍ୟାନ୍ୟ ବିଷୟରେ ଉତ୍କର୍ଷ ହାସଲ କରିଥିବା ଛାତ୍ରଛାତ୍ରୀମାନଙ୍କୁ ମଧ୍ୟ ସମ୍ମାନିତ କରାଯାଇଥିଲା । ଶେଷରେ ଓମସେଟ୍ ର ଛାତ୍ର ଛାତ୍ରୀ ମାନେ ନୃତ୍ୟ, ନାଟକ ଏବଂ ଲୋକଗୀତ ସହିତ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ ଓ ମୁଖ୍ୟ ଅତିଥି ମାନେ ନିଜ ବକ୍ତବେ ରେ ଛାତ୍ରଛାତ୍ରୀଙ୍କ ପ୍ରତିଭାକୁ ଭୂରି ଭୂରି ପ୍ରଶଂସା କରିଥିଲେ ଏବଂ ଜୀବନରେ ଆଗକୁ ବଢ଼ିବା ପାଇଁ ଉତ୍ସାହିତ ମଧ୍ୟ କରିଥିଲେ । ସାଂସ୍କୃତିକ କାର୍ଯ୍ୟକ୍ରମ ପରେ, ମୁଖ୍ୟ ଅତିଥି ଙ୍କ ଦ୍ୱାରା ଶିକ୍ଷା, କ୍ରୀଡା ଏବଂ ଅନ୍ୟାନ୍ୟ ସହପାଠ୍ୟକ୍ରମ କାର୍ଯ୍ୟକଳାପରେ ଉଲ୍ଲେଖନୀୟ ପ୍ରଦର୍ଶନ ପାଇଁ କୃତି ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା ।